CMYK

• Vol.- 46, Issue No. 188
• Wednesday, 07 October 2026
• ବୁଧବାର, ୦୭ ଅକ୍ଟୋବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ବାର୍ଷିକ ୧୦୦ ଶକ୍ତି ଇଞ୍ଜିନ୍ ଉତ୍ପାଦନ ହେବ



★ ସୁନାବେଡ଼ା ହାଲ୍ ଠାରେ ଶକ୍ତି ଇଞ୍ଜିନ୍‌ର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍ ଉଦ୍ଘାଟିତ
★ ପୂର୍ବ ଭାରତ ପାଇଁ ରଣନୀତିକ ପରିଚୟ : ପ୍ରତିରକ୍ଷା ମନ୍ତ୍ରୀ
★ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି: ମୁଖ୍ୟମନ୍ତ୍ରୀ

ଜୟପୁର, ୬।୧୦(ନିପ୍ର): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କୋରାପୁଟ ଜିଲ୍ଲାର ସୁନାବେଡା ଠାରେ ହାଲ୍ ମାନୁଫାକ୍ଚରିଙ୍ଗ୍ ୟୁନିଟରେ ଶକ୍ତି ଇଞ୍ଜିନର ଦ୍ୱିତୀୟ ମାନୁଫାକଚରିଙ୍ଗ୍ ଲାଇନ୍ ଉଦ୍ଘାଟନ କରିଛନ୍ତି। ଏହା ସହିତ ସୁନାବେଡା ହିନ୍ଦୁସ୍ଥାନ ଏରୋନଟିକ ଲିମିଟେଡ(ହାଲ୍) ରେ ନିର୍ମିତ ୨୦୦୦ତମ ଇଞ୍ଜିନକୁ ପ୍ରତୀକାତ୍ମକ ଭାବେ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିଜର ଅଭିଭାଷଣ ରଖି ରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଯେ, ସେ ନିଜକୁ ଏଠାରେ ଅତିଥି ଭାବେ ନୁହେଁ, ବରଂ ଏହି ପରିବାରର ଜଣେ ସଦସ୍ୟ ଭାବେ ଅନୁଭବ କରୁଛନ୍ତି । ସେ କହିଛନ୍ତି ଯେ, କୋରାପୁଟର ଏହି କେନ୍ଦ୍ର ଏବଂ ବିଶାଖାପାଟଣାର ଡିଫେନ୍ସ ଓ ନାଭାଲ ଇକୋସିଷ୍ଟମ୍ ମିଶି ପୂର୍ବ ଭାରତ ପାଇଁ ଏକ ନୂଆ ଔଦ୍ୟୋଗିକ ଓ ରଣନୀତିକ ପରିଚୟ ସୃଷ୍ଟି କରିବ। ୧୯୬୪ରୁ ଫ୍ରଣ୍ଟଲାଇନ ବିମାନ ପାଇଁ ଇଞ୍ଜିନ ନିର୍ମାଣ କରିଆସୁଥିବା ହାଲ, କୋରାପୁଟକୁ କେବଳ ଏକ ଫ୍ୟାକ୍ଟ୍ରି ନୁହେଁ, ବରଂ ଏରୋସ୍ପେସ ପ୍ରପଲସନ ଇକୋସିଷ୍ଟମର କେନ୍ଦ୍ରବିନ୍ଦୁ ଭାବେ ବିକଶିତ କରିପାରିଛି । ସେ ପୁଣି କହିଥିଲେ ଯେ, ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ଏବଂ ଏହାର ଆସ୍ଥା ନିରନ୍ତର ଭାବେ ବୃଦ୍ଧି ପାଉଛି। ଏହି ଅବସରରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ମେଟାଲ ଡାଉନଷ୍ଟ୍ରିମ, ସେମିକଣ୍ଡକ୍ଟର ଓ ଆଇଟି ପରି ଶିଳ୍ପର ବ୍ୟାପକ ଅଭିବୃଦ୍ଧି ହେଉଥିବା ବିଷୟରେ ଆଲୋକପାତ କରିଥିଲେ। ଏହିସବୁ ଶିଳ୍ପଗୁଡିକ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ସହାୟକ ହେବ ବୋଲି ମତ ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଆଉ ଏକ ପ୍ରତିରକ୍ଷା ନିର୍ମାଣ ୟୁନିଟ୍ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଓଡିଶାରେ ଶିଳ୍ପାୟନ ପ୍ରକ୍ରିୟା ସମ୍ପର୍କରେ ଆଲୋକପାତ କରି ସେ କହିଥିଲେ ଯେ, ଆଜି ଓଡ଼ିଶାରେ ଏକ ନୂତନ ଶିଳ୍ପ ବିପ୍ଳବର ଅଭ୍ୟୁଦୟ ହୋଇଛି, ଯାହା ମେଟାଲ୍ ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଏକ ସମୃଦ୍ଧ ଇକୋ-ସିଷ୍ଟମ୍ ତିଆରି କରୁଛି। ଭାରତର ପ୍ରତିରକ୍ଷା କ୍ଷେତ୍ରରେ ସ୍ୱଦେଶୀ ଜ୍ଞାନକୌଶଳ ଓ ଆତ୍ମନିର୍ଭରଶୀଳତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ଓ ପ୍ରତିରକ୍ଷା ହବ୍ ଭାବେ ଗଢ଼ିତୋଳିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସେ କହିଥଲେ।ହାଲ୍ କୋରାପୁଟ ଡିଭିଜନ୍ ଦ୍ୱାରା ହାସଲ କରାଯାଇଥିବା ମାଇଲଖୁଣ୍ଟ ବିଷୟରେ ମତ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଗତ ୬୦ ବର୍ଷ ଧରି ଏହି ସଂସ୍ଥା ଦେଶର ସୁରକ୍ଷାରେ ଅତୁଳନୀୟ ଯୋଗଦାନ ଦେଇଆସୁଛି। ଆଜି ଶକ୍ତି ଇଞ୍ଜିନ୍ ର ଦ୍ୱିତୀୟ ମାନୁଫାକ୍ଚରିଙ୍ଗ୍ ଲାଇନ୍‌ର ଉଦ୍ଘାଟନ ଏବଂ ୨୦୦୦ତମ ଇଞ୍ଜିନ୍‌ର ହସ୍ତାନ୍ତର ଭାରତର ବୃଦ୍ଧିପାଉଥିବା ପ୍ରତିରକ୍ଷା ସାମର୍ଥ୍ୟର ଜ୍ୱଳନ୍ତ ପ୍ରତୀକ। ଲାଇଟ୍ ହେଲିକପ୍ଟର ପାଇଁ ନିର୍ମିତ ଏହି ଦ୍ୱିତୀୟ ଲାଇନ୍ ଦ୍ୱାରା ବାର୍ଷିକ ୧୦୦ଟି ଶକ୍ତି ଇଞ୍ଜିନ୍ ଉତ୍ପାଦନ ହୋଇପାରିବ। ଏହାଛଡ଼ା ଏଏଲ-୩୧ ଏଫପି ଇଞ୍ଜିନ୍ ଉତ୍ପାଦନ କ୍ଷମତାକୁ ବାର୍ଷିକ ୩୦ରୁ ୫୦କୁ ବୃଦ୍ଧି କରାଯାଉଛି। ବର୍ତ୍ତମାନ ହାଲ୍ କୋରାପୁଟ ଡିଭିଜନ୍ ୧୬୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବାରୁ ଏହା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ନବରଙ୍ଗପୁରର ସାଂସଦ ବଳଭଦ୍ର ମାଝୀ, କୋଟପାଡ଼ର ବିଧାୟକ ରୂପୁ ଭତ୍ରା, ଲକ୍ଷ୍ମୀପୁରର ବିଧାୟକ ପବିତ୍ର ସାଉଁଟା, କୋରାପୁଟ ବିଧାୟକ ରଘୁରାମ ମାଛ, କେନ୍ଦ୍ରୀୟ ପ୍ରତିରକ୍ଷା ଉତ୍ପାଦନ ବିଭାଗର ସଚିବ ସଞ୍ଜୀବ କୁମାର, ହାଲ୍‌ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେ. ରବି ପ୍ରମୁଖ ଉପସ୍ଥିତ ଥିଲେ।

### ନ୍ୟୁଟ୍ରିନୋ କଣିକା ଆବିଷ୍କାର

## ବୈଜ୍ଞାନିକ ହାଲ୍‌ଜେନଙ୍କୁ ମିଳିବ ନୋବେଲ

ଷ୍ଟକହୋମ/ନୂଆଦିଲ୍ଲୀ,୬।୧୦: ରୟାଲ ସ୍ୱିଡିସ ଏକାଡେମୀ ଅଫ ସାଇନସେସ୍ ଫ୍ରାନ୍ସିସ ହାଲ୍‌ଜେନ (ୱିସ୍କନସିନ-ମାଡିସନ ବିଶ୍ୱବିଦ୍ୟାଳୟ, ଆମେରିକା)ଙ୍କୁ ୨୦୨୬ ମସିହା ପାଇଁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଆଇସକ୍ୟୁବ ନ୍ୟୁଟ୍ରିନୋ ଅବଜରଭେଟୋରୀରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ଜ୍ୟୋର୍ତିବିଜ୍ଞାନ ଉତ୍ପତ୍ତିର ଉଚ୍ଚ-ଶକ୍ତି ନ୍ୟୁଟ୍ରିନୋ ଆବିଷ୍କାର ପାଇଁ ହାଲଜେନ୍ ଏହି ପୁରସ୍କାର ପାଇବେ। ଆଇସ୍ କ୍ୟୁବ୍ ନ୍ୟୁଟ୍ରିନୋ ପର୍ଯ୍ୟବେକ୍ଷଣ କେନ୍ଦ୍ର ପ୍ରତିଷ୍ଠାରେ ତାଙ୍କର ବଡ଼ ଅବଦାନ ରହିଛି । ହାଲଜେନଙ୍କ ଗବେଷଣା ବ୍ରହ୍ମାଣ୍ଡରେ ଘଟୁଥିବା ଅତ୍ୟନ୍ତ ଶକ୍ତିଶାଳୀ ଘଟଣାଗୁଡ଼ିକର ରହସ୍ୟ ଜାଣିବା ପାଇଁ ବୈଜ୍ଞାନିକମାନଙ୍କୁ ଏକ ନୂଆ ରାସ୍ତା ଦେଖାଇଛି। ହାଲଜେନ ଦକ୍ଷିଣ ମେରୁର ଗଭୀର ବରଫକୁ ଏକ ବିଶାଳ କଣିକା ଚିହ୍ନଟ କେନ୍ଦ୍ର ଭାବେ ବ୍ୟବହାର କରିବାର ଧାରଣା ଦେଇଥିଲେ । ଏହି ଧାରଣାକୁ ଆଧାର କରି ପରେ ଆଇସ୍ କ୍ୟୁବ୍ ନ୍ୟୁଟ୍ରିନୋ ପର୍ଯ୍ୟବେକ୍ଷଣ କେନ୍ଦ୍ର ତିଆରି ହୋଇଥିଲା । ଦକ୍ଷିଣ ମେରୁର ବରଫ ତଳେ ପ୍ରାୟ ଏକ ଘନ କିଲୋମିଟର ଅଞ୍ଚଳରେ ଅନେକ ଆଲୋକ ସମ୍ବେଦନଶୀଳ ଯନ୍ତ୍ର ଲଗାଯାଇଛି । ଏହି ଯନ୍ତ୍ରଗୁଡ଼ିକ ମହାକାଶରୁ ଆସୁଥିବା ନ୍ୟୁଟ୍ରିନୋକୁ ଚିହ୍ନଟ କରିବାରେ ସାହାଯ୍ୟ କରେ । ନ୍ୟୁଟ୍ରିନୋ ହେଉଛି ଅତି କ୍ଷୁଦ୍ର କଣିକା । ଏହା ଆମ ଚାରିପାଖରେ ଥିବା ପଦାର୍ଥ ମଧ୍ୟ ଦେଇ ସହଜରେ ଚାଲିଯାଇପାରେ । ସେଥିପାଇଁ ଏହାକୁ ଚିହ୍ନଟ କରିବା ବହୁତ କଷ୍ଟକର । କିନ୍ତୁ ଆଇସ୍ କ୍ୟୁବ୍ ଜରିଆରେ ଦୂର ମହାକାଶରୁ ପୃଥିବୀକୁ ଆସୁଥିବା ଏଭଳି ନ୍ୟୁଟ୍ରିନୋକୁ



ଚିହ୍ନଟ କରାଯାଇଛି । ଏହା ଫଳରେ ବ୍ରହ୍ମାଣ୍ଡର ଅନେକ ଅଜଣା ଘଟଣା ସମ୍ପର୍କରେ ବୈଜ୍ଞାନିକମାନେ ନୂଆ ତଥ୍ୟ ପାଇପାରୁଛନ୍ତି। ହାଲଜେନଙ୍କ ଏହି କାମ 'ନ୍ୟୁଟ୍ରିନୋ ଜ୍ୟୋତିର୍ବିଜ୍ଞାନ' ନାମକ ଏକ ନୂଆ ଗବେଷଣା କ୍ଷେତ୍ରକୁ ଆଗକୁ ନେଇଛି । ଅର୍ଥାତ୍ ନ୍ୟୁଟ୍ରିନୋକୁ ଅଧ୍ୟୟନ କରି ବ୍ରହ୍ମାଣ୍ଡର ଦୂରଦୂରାନ୍ତରେ କ'ଣ ଘଟୁଛି, ତାହା ଜାଣିବାରେ ଏହା ସାହାଯ୍ୟ କରୁଛି । ଏହି ନୋବେଲ୍ ପୁରସ୍କାର ସହ ୧୨ ନିୟୁତ ସ୍ୱିଡିଶ୍ କ୍ରୋନା ବା ପ୍ରାୟ ୧୨ ଲକ୍ଷ ଆମେରିକୀୟ ଡଲାରର ପୁରସ୍କାର ରାଶି ରହିଛି ।

## ଦୁଇ ଦିନରେ ଭିଜିପାରେ ୯ ଜିଲା

ଭୁବନେଶ୍ୱର୬।୧୦: ଭିଜିବ ଓଡ଼ିଶା। ଉତ୍ତର ଓଡିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ୭ ଓ ୮ ତାରିଖରେ ୯ ଜିଲାକୁ ବର୍ଷା ପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ୨୪ ଘଣ୍ଟା ପାଇଁ ୪ ଜିଲା ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ ଓ ବାଲେଶ୍ୱରକୁ ୟେଲୋ ଆଲର୍ଟ ଜାରି ହୋଇଛି। ବିଜୁଳି, ଘଡଘଡି ସହ ପବନର ବେଗ ସ୍ଥାନେ ସ୍ଥାନେ ୩୦ରୁ କିମି ବେଗରେ ରହିବାର ସମ୍ଭାବନା ରହିଛି। ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି।

## ଆଜି ମୁଦ୍ରା ନୀତି କମିଟିର ନିଷ୍ପତ୍ତି

ନୂଆଦିଲ୍ଲୀ,୬।୧୦ : ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରା ଅକ୍ଟୋବର ୭ ତାରିଖ ସକାଳ ୧୦ଟାରେ ତିନିଦିନିଆ ଦ୍ୱିମାସିକ ମୁଦ୍ରାନୀତି କମିଟିର ନିଷ୍ପତ୍ତି ଘୋଷଣା କରିବେ। ଏହା ପରେ ଦ୍ୱିପ୍ରହର ୧୨ଟାରେ ଏକ ସାମ୍ବାଦିକ ସମ୍ମିଳନୀ ମଧ୍ୟ ହେବ। ଅର୍ଥନୈତିକ ବିଶେଷଜ୍ଞମାନେ ଆର୍‌ବିଆଇର ନୀତିଗତ ସୁଧ ହାର ରେପୋ ରେଟ୍‌ର ୦.୨୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ ବୋଲି ଆକଳନ କରିଛନ୍ତି। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ଅଧକ୍ଷତାରେ ମୁଦ୍ରାନୀତି କମିଟି ଆର୍ଥିକ ସ୍ଥିତିର ସମୀକ୍ଷା ଏବଂ ପ୍ରମୁଖ ନୀତିଗତ ହାର ଉପରେ ନିଷ୍ପତ୍ତି ନେବା ପାଇଁ ସୋମବାର ମୁମ୍ବାଇରେ ନିଜର ତିନିଦିନିଆ ସମୀକ୍ଷା ବୈଠକ ଆରମ୍ଭ କରିଛି।

## ପ୍ରତିବାଦରେ ସାମିଲ ବିଜେଡି

### 'ସମଦୂରତ୍ୱ ବଜାୟ ରଖିଛି'

ଭୁବନେଶ୍ୱର,୬।୧୦: ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ନେଇ ଦିଲ୍ଲୀରେ ମଙ୍ଗଳବାର ହୋଇଥିବା ବିରୋଧୀଙ୍କ ପ୍ରତିବାଦରେ ସାମିଲ ହୋଇଛି ବିଜୁ ଜନତା ଦଳ (ବିଜେଡି)। ନିର୍ବାଚନ କମିଶନଙ୍କ କାର୍ଯ୍ୟପ୍ରଣାଳୀ ଏବଂ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସଆଇଆର)କୁ ନେଇ ବିରୋଧୀ ଦଳଗୁଡ଼ିକ ଆପତ୍ତି ଉଠାଇ ଆସୁଛନ୍ତି। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର ସାଂସଦମାନେ ପ୍ରତିବାଦ ପଦଯାତ୍ରାରେ ସାମିଲ ହୋଇଛନ୍ତି। ବିଜେଡି ଉଭୟ ଇଣ୍ଡିଆ ମେଣ୍ଟ ଓ ଏନ୍‌ଡିଏଠାରୁ ସମଦୂରତ୍ୱ ବଜାୟ ରଖିଛି ବୋଲି କୁହାଯାଇଛି।

## ବଚସାରୁ ଫୁଟିଲା ଗୁଳି, ଜଣେ ମୃତ

ଅନୁଗୋଳ,୬।୧୦: ଥାନାଠାରୁ ମାତ୍ର ୧ କିଲୋମିଟର ଦୂରରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି। ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଗୁଳିମାଡ଼ରେ ଅନୁଗୋଳ ଜିଲ୍ଲା ବନ୍ତଲା ଗାଁର ସୁଶାନ୍ତ ପ୍ରଧାନ(୩୭)ଙ୍କ ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ହତ୍ୟାରେ ବ୍ୟବହୃତ ବନ୍ଧୁକ ଛାଡ଼ି ଅଭିଯୁକ୍ତ ଫେରାର୍ ହୋଇଯାଇଛନ୍ତି।ଘଟଣାର ବିବରଣୀରୁ ଜଣାଯାଇଛି, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ବେଳକୁ ଅନୁଗୋଳ ବ୍ଲକ୍ ବନ୍ତଲା ଗାଁ ନିମ୍ୱଛକ ନିକଟରେ ସୁଶାନ୍ତ ପ୍ରଧାନ ଓରଫ କାଳିଆଙ୍କ ସହ ବନ୍ତଲା ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରକାଶ ସାହୁଙ୍କ ସହ କୌଣସି କାରଣକୁ ନେଇ ବିବାଦ ହୋଇଥିଲା। ବିବାଦ ଉଗ୍ରରୂପ ଧାରଣ କରି ଉଭୟେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରକାଶ କାଳିଆଙ୍କୁ ଲକ୍ଷ୍ୟ କରି ନିଜର ଲାଇସେନ୍ସ ବନ୍ଧୁକରୁ ଗୁଳି ଫୁଟାଇଥିଲେ। ଗୁଳିଟି କାଳିଆଙ୍କ ଛାତିରେ ବାଜିଥିଲା ଏବଂ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ୍ତଲା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କାଳିଆଙ୍କୁ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାୟୁସେନାର ନୂଆ ମୁଖ୍ୟ ଏୟାର ମାର୍ଶାଲ ଆଶୁତୋଷ



ନୂଆଦିଲ୍ଲୀ,୬।୧୦: ଭାରତୀୟ ବାୟୁସେନାର ପରବର୍ତ୍ତୀ ମୁଖ୍ୟ ଭାବେ ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତଙ୍କୁ ମଙ୍ଗଳବାର ନିଯୁକ୍ତ କରାଯାଇଛି। ସେ ଅକ୍ଟୋବର ୩୧ରୁ ଏୟାର ଚିଫ୍ ମାର୍ଶାଲ ପଦବୀରେ କାର୍ଯ୍ୟଭାର ଗ୍ରହଣ କରିବେ ଏବଂ ତାଙ୍କର କାର୍ଯ୍ୟକାଳ ୩୧ ଡିସେମ୍ବର, ୨୦୨୮ ପର୍ଯ୍ୟନ୍ତ ରହିବ । ତାଙ୍କର ଦୀର୍ଘ ଚାରି ଦଶନ୍ଧିର ଅଭିଜ୍ଞତା। ୩,୫୦୦ ଘଣ୍ଟାରୁ ଅଧିକ ଉଡ଼ାଣ ଏବଂ ମିରାଜ-୨୦୦୦ ଠାରୁ ସ୍ୱଦେଶୀ ଲଢୁଆ ବିମାନ 'ତେଜସ' ପର୍ଯ୍ୟନ୍ତ ଆକାଶରେ ଏକ ଶକ୍ତିଶାଳୀ ବିମାନ ଉଡ଼ାଣ କରିଥିବା ଏୟାର ମାର୍ଶାଲ ଦୀକ୍ଷିତ ୧୯୮୬ ମସିହାରେ ପ୍ରତିରକ୍ଷାରେ ଯୋଗ ଦେଇଥିଲେ। ତାଙ୍କର ଯୋଗଦାନ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତାର ଗତି ଏବଂ ଭାରତର ନିଜସ୍ୱ ଯୁଦ୍ଧ ବିମାନର ଶକ୍ତି ଆକାଶରେ ଅନନ୍ୟ ନିର୍ଭୀକତା ସୃଷ୍ଟି କରିବ ବୋଲି ଆଶା କରାଯାଇଛି।

## ନୌସେନା ହେବ ଅଧିକ ଶକ୍ତିଶାଳୀ

■ ୬୬୧ କୋଟି ଟଙ୍କାରେ କିଣାଯିବ ବ୍ରହ୍ମୋସ ଫାୟାର କଣ୍ଟ୍ରୋଲ ସିଷ୍ଟମ
■ ଭାରତ-ରୁଷ ଯୁକ୍ତ ଉଦ୍ୟମ ଅଧୀନରେ କରାଯାଉଛି ନିର୍ମାଣ

ନୂଆଦିଲ୍ଲୀ, ୬।୧୦: ଭାରତୀୟ ନୌସେନା ପାଇଁ ବ୍ରହ୍ମୋସ ଫାୟାର କଣ୍ଟ୍ରୋଲ ସିଷ୍ଟମ ଏବଂ ଲଞ୍ଚର କିଣାଯିବ, ଯାହା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ମଙ୍ଗଳବାର ନୂଆଦିଲ୍ଲୀରେ ବ୍ରହ୍ମୋସ ଏୟାରୋସ୍ପେସ ପ୍ରାଇଭେଟ ଲିମିଟେଡ (ବିଏପିଏଲ) ସହିତ ୬୬୧ କୋଟିର କଂଟାକ୍ଟରେ ସାଇନ କରିଛି। ଏହି କ୍ରୟ (ଇଣ୍ଡିଆନ-ଇଡିଡିଏମ) କ୍ୟାଟେଗୋରୀ ଅଧୀନରେ କରାଯିବ। ଏହି ଚୁକ୍ତିରେ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହଙ୍କ ଉପସ୍ଥିତିରେ ସ୍ୱାକ୍ଷର କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ ଅତି କମ୍‌ରେ ୬୮ ପ୍ରତିଶତ ସ୍ୱଦେଶୀ କଂଟେଟ୍ ସହିତ ଏହି ପ୍ରକଳ୍ପ ଲଘୁ ଶିଳ୍ପ ସମେତ ବିଭିନ୍ନ ଭାରତୀୟ ଶିଳ୍ପର ସକ୍ରିୟ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରେ। ଏହି ପ୍ରକଳ୍ପ



ତିନି ବର୍ଷରେ ରୋଜଗାର ସୃଷ୍ଟି କରିବ। ଏହା ଭାରତର ସାମୁଦ୍ରିକ ସୁରକ୍ଷା ଆର୍କିଟେକଚର ଏବଂ ପ୍ରତିରକ୍ଷା କ୍ଷମତାକୁ ମଧ୍ୟ ସୁଦୃଢ଼ କରିବ ଏବଂ ଉନ୍ନତ ସାମରିକ ପ୍ରଯୁକ୍ତିକୁ ସ୍ୱଦେଶୀ କରିବାର ଚାଲିଥିବା ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ। ବିଭିନ୍ନ ଫ୍ରଣ୍ଟଲାଇନ ୱାରଶିପରେ ଲାଗିଥିବା ବ୍ରହ୍ମୋସ ସିଷ୍ଟମ ସାମୁଦ୍ରିକ ଆକ୍ରମଣ ଅପରେସନ ପାଇଁ ଭାରତୀୟ ନୌସେନାର ମୁଖ୍ୟ ସରଫେସ ଟୁ ସରଫେସ ମିସାଇଲ ସିଷ୍ଟମ ଅଟେ। ଏହି ୱିପନ ସିଷ୍ଟମ ସୁପରସୋନିକ ସ୍ପିଡରେ ବହୁ ଦୂରରୁ ଜମି ଏବଂ ସମୁଦ୍ରର ନିଶାଣ ଉପରେ ଏକଦମ ସଠିକ ଲକ୍ଷ୍ୟ ଲଗାଇପାରେ। ଭାରତୀୟ ନୌସେନା ସ୍ୱଦେଶୀ ବୁଷ୍ଟର ସହିତ ବ୍ରହ୍ମୋସ ମିସାଇଲର ଆଣ୍ଟି-ଶିପ ଭର୍ସନର ସଫଳ ପରୀକ୍ଷଣ କରିଛି, ଯାହା ଭାରତର ଆତ୍ମନିର୍ଭରତା ପ୍ରତି ନୌସେନାର ପ୍ରତିବଦ୍ଧତାକୁ ସୁଦୃଢ଼ କରେ। ଏହି ବ୍ରହ୍ମୋସ ମିସାଇଲରେ ନୂଆ ପ୍ରଯୁକ୍ତିର ବ୍ୟବହାର କରାଯାଇଛି। ବ୍ରହ୍ମୋସ ମିସାଇଲର ନିର୍ମାଣ ଭାରତ ଏବଂ ରୁଷ ମଧ୍ୟରେ ଏକ ଯୁକ୍ତ ଉଦ୍ୟମ ଅଧୀନରେ କରାଯାଉଛି। ଏହି ଯୁକ୍ତ ଉଦ୍ୟମରେ ଡିଆରଡିଓ ଭାରତୀୟ ପକ୍ଷର ପ୍ରତିନିଧିତ୍ୱ କରେ।

### || ଜୋର୍ ଧରିଲା ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ||

# ଦିଲ୍ଲୀରେ ଇଣ୍ଡିଆ ମେଣ୍ଟର ଶୋଭାଯାତ୍ରା

● ବ୍ୟାରିକେଡ୍ ଉପରେ ଚଢ଼ି ତ୍ରିରଙ୍ଗା ଉଡ଼ାଇଲେ ରାହୁଲ
● ରାହୁଲ ଓ ପ୍ରିୟଙ୍କାଙ୍କ ସମେତ ବହୁ ନେତା ଅଟକ
● ପ୍ରାୟୋଜିତ ଷଡ଼ଯନ୍ତ୍ର ଚଳାଇଛନ୍ତି: ବିଜେପି

ନୂଆଦିଲ୍ଲୀ,୬।୧୦: ନିର୍ବାଚନ କମିଶନଙ୍କ ବିରୋଧରେ ତେଜୁଛି ବିରୋଧ । ଗଣତନ୍ତ୍ର ବଞ୍ଚାଅ ବ୍ୟାନର ଓ ସ୍ଲୋଗାନ୍ ଆଧାରରେ ଆନ୍ଦୋଳନ ଜାରି ରଖିଛନ୍ତି ବିରୋଧୀ ସାଂସଦ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ପ୍ରିୟଙ୍କା ଗାନ୍ଧୀ ଓ ଇଣ୍ଡିଆ ବ୍ଲକ୍ ସାଂସଦମାନେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛନ୍ତି । ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର୍)କୁ ନେଇ ଉଠିଥିବା ବିଭିନ୍ନ ଅଭିଯୋଗ ଓ ନିର୍ବାଚନ କମିଶନଙ୍କ କାର୍ଯ୍ୟଶୈଳୀକୁ ବିରୋଧ କରି ଦିଲ୍ଲୀରେ ମଙ୍ଗଳବାର ବଡ଼ ଧରଣର ଶୋଭାଯାତ୍ରା କରାଯାଇଛି । କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦମାନେ ଏଥିରେ ସାମିଲ ହୋଇଛନ୍ତି । ବିରୋଧୀ ସାଂସଦଙ୍କ 'ସେଭ୍ ଡେମୋକ୍ରାସି' ଶୋଭାଯାତ୍ରା ସକାଳେ ସଂସଦ ଭବନରୁ ଆରମ୍ଭ ହୋଇଥିଲା। ନିର୍ବାଚନ ସଦନ (ଇସିଆଇ) ମୁଖ୍ୟାଳୟ ଆଡକୁ ବଢିଥିଲା, କିନ୍ତୁ ଦିଲ୍ଲୀ ପୋଲିସ ରାସ୍ତାରେ ବ୍ୟାରିକେଡ୍ କରି ପଦଯାତ୍ରାକୁ ରୋକିଥିଲା। ରୋକିବା ପରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦିଲ୍ଲୀ ପୋଲିସକୁ କରିଥିଲେ ନାକେଦମ୍। ବ୍ୟାରିକେଡ ଉପରେ ଚଢି ଯାଇଥିଲେ। ତ୍ରିରଙ୍ଗା ଧରି ପୋଲିସକୁ ଚକମା ଦେଇ ଆକାଶବାଣୀ ଭବନ ଭିତରେ ପଶି ଯାଇଥିଲେ। ଏହି ପଦଯାତ୍ରାର ମୁଖ୍ୟ ପ୍ରସଙ୍ଗ ନେଇ କୁହାଯାଇଛି ଯେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ ସ୍ପେଶାଲ ଇନଟେନସିଭ ରିଭିଜନ୍ (ଏସଆଇଆର୍) ପ୍ରକ୍ରିୟା ଭୋଟର ତାଲିକାରୁ ବ୍ୟାପକ ଭାବରେ ବାଦ୍ ଦିଆଯାଇଛି ଏବଂ ଫର୍ମ ୬ ରେ ପରିବର୍ତ୍ତନ କରାଯାଇଛି, ଯାହା 'ଭୋଟ ଚୋରି' ହେବାର ଆଶଙ୍କା ସୃଷ୍ଟି କରିଛି। ସୁପ୍ରିମକୋର୍ଟ ସୋମବାର ଟିପ୍ପଣୀ ଦେଇଛନ୍ତି ସେ ଫର୍ମ-୬ରେ କୌଣସି ସଂଶୋଧିତ ସଂସ୍କରଣକୁ ମଞ୍ଜୁର କରିନାହାନ୍ତି ଓ ରେକର୍ଡ ଯାଞ୍ଚର ପରିବର୍ତ୍ତନ କିଏ ଏବଂ କିପରି କରିଛନ୍ତି। ଏହାକୁ ନେଇ ବିରୋଧୀମାନେ ସିଇସିଙ୍କ ଇସ୍ତଫା ଦାବି ଜୋରଦାର କରିଛନ୍ତି। ନୀତି ଆୟୋଗ ଏବଂ ଆକାଶବାଣୀ ଭବନ ମଧ୍ୟରେ ପାର୍ଲାମେଣ୍ଟ ଷ୍ଟ୍ରିଟରେ ପୋଲିସ କଡ଼ା ବ୍ୟାରିକେଡ୍ ଲଗାଇଥିଲା। ପଦଯାତ୍ରା ବନ୍ଦ ହେବା ପରେ, ରାହୁଲ ଗାନ୍ଧୀ ରାସ୍ତାରେ ବସିଥିଲେ, ତା'ପରେ ହଠାତ୍ ବ୍ୟାରିକେଡରେ ଚଢ଼ି ତ୍ରିରଙ୍ଗା ହଲାଇଥିଲେ। ଏହି ସମୟରେ, ରାହୁଲ ଗାନ୍ଧୀ ସୋସିଆଲ ମିଡିଆରେ ଲେଖିଥିଲେ, 'ଜ୍ଞାନେଶ, ଇଟସ୍ ଡନ୍ ବ୍ରୋ... ଟାଇମ୍ ଟୁ ରିଜାଇନ୍ (ଜ୍ଞାନେଶ,ସବୁ ହୋଇଗଲା ଭାଇ, ଏବେ ଇସ୍ତଫା ଦେବାର ସମୟ)। ଯୋଜନାବଦ୍ଧ ପଦଯାତ୍ରାକୁ ଦୃଷ୍ଟିରେ ରଖି, ଦିଲ୍ଲୀ ପୁଲିସ ବିଜୟ ଚୌକ ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ବୃଦ୍ଧି କରି ବହୁସ୍ତରୀୟ ବ୍ୟାରିକେଡ୍ ନିର୍ମାଣ କରିଥିଲା। ଇଣ୍ଡିଆ ବ୍ଲକ୍ ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ଆନ୍ଦୋଳନ ଆହୁରି ବ୍ୟାପକ କରିବାକୁ ଯୋଜନା କରିଛି । ଆଗକୁ ପାଞ୍ଚଟି ବଡ଼ ରାଲି କରିବାକୁ ମଧ୍ୟ ମେଣ୍ଟ ଘୋଷଣା କରିଛି । କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଦେଶରେ କ୍ଷମତା ପରିବର୍ତ୍ତନ କରି ରାହୁଲ ଗାନ୍ଧୀଙ୍କୁ ଯେକୌଣସି ପ୍ରକାରେ ଗାଦିରେ ବସାଇବା ପାଇଁ ଏକ ପ୍ରାୟୋଜିତ ଷଡ଼ଯନ୍ତ୍ର ଚଳାଇଛନ୍ତି ବୋଲି ବିଜେପି ପକ୍ଷରୁ କଡ଼ା ଅଭିଯୋଗ ହୋଇଛି । ଶୋଭାଯାତ୍ରା ପୂର୍ବରୁ ରାଷ୍ଟ୍ରୀୟ ପ୍ରବକ୍ତା ତଥା ସାଂସଦ ଡକ୍ଟର ସମ୍ବିତ ପାତ୍ର ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଓ ତାର ସହଯୋଗୀ ଦଳଗୁଡ଼ିକୁ ତୀବ୍ର ସମାଲୋଚନା କରିଛନ୍ତି । ମିଳିଥିବା ଖବର ଅନୁଯାୟୀ ଦୀର୍ଘ ୮ଘଣ୍ଟା ଧରି ଧାରଣାରେ ଥିବା ରାହୁଲ ଓ ପ୍ରିୟଙ୍କାଙ୍କ ସମେତ ବହୁ ନେତାଙ୍କୁ ପୋଲିସ ଉଠାଇ ନେଇଥିଲା । କିଙ୍ଗସବେ କ୍ୟାମ୍ପରେ ପୋଲିସ ରାହୁଲ ଓ ପ୍ରିୟଙ୍କାଙ୍କୁ ଅଟକ ରଖିଥିବା ପ୍ରକାଶ ।



### ପଞ୍ଚାୟତ ଓ ପୌର ନିର୍ବାଚନ ଭୋଟର ତାଲିକା ପ୍ରସ୍ତୁତି

## ୨୬ରୁ ଘରକୁ ଘର ବୁଲି ସର୍ଭେ

ଭୁବନେଶ୍ୱର,୬।୧୦: ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ-୨୦୨୭ ପାଇଁ ଏକ ସ୍ୱଚ୍ଛ, ନିରପେକ୍ଷ ଏବଂ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ କମିଶନ ଆଜି ନିଜ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ବୈଠକରେ ଅଧକ୍ଷତା କରିଥିଲେ।ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଏହି ବୈଠକରେ ଯୋଗଦେଇ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ନିଜର ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ବୈଠକରେ ରାଜନୈତିକ ଦଳଗୁଡ଼ିକୁ ଆସନ୍ତା ଅକ୍ଟୋବର ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଘରକୁ ଘର ବୁଲି ସର୍ଭେ ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ସର୍ଭେ ମାଧ୍ୟମରେ ଭୋଟର ତାଲିକାକୁ ଅଧିକ ସଠିକ୍ ଓ ଅଦ୍ୟତନ କରାଯିବ, ଯୋଗ୍ୟ ଭୋଟରଙ୍କ ନାମ ସଠିକ୍ ଭାବେ ଅନ୍ତର୍ଭୁକ୍ତ କରାଯିବ ଏବଂ ଅଯୋଗ୍ୟ, ସ୍ଥାନାନ୍ତରିତ କିମ୍ବା ମୃତ ଭୋଟରଙ୍କ ସମ୍ବନ୍ଧୀୟ ତଥ୍ୟ ଯାଞ୍ଚ କରାଯିବ।କମିଶନ ସମସ୍ତ ରାଜନୈତିକ ଦଳକୁ ଏହି ସର୍ଭେ କାର୍ଯ୍ୟରେ ସକ୍ରିୟ ସହଯୋଗ କରିବାକୁ ଏବଂ ସମସ୍ତ ମତଦାନ କେନ୍ଦ୍ରରେ ନିଜର 'ବୁଥ୍ ସ୍ତରୀୟ ଏଜେଣ୍ଟ' (ବିଏଲଏ) ନିୟୋଜିତ କରି ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ।

CMYK

# ଏକାଦଶୀ ଶ୍ରାଦ୍ଧ



ଏକାଦଶୀ ଶ୍ରାଦ୍ଧ ହେଉଛି ପିତୃପକ୍ଷ ବା ମହାଳୟ ପକ୍ଷ ସମୟରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଏକ ଅତ୍ୟନ୍ତ ପବିତ୍ର ଓ ମହତ୍ତ୍ୱପୂର୍ଣ୍ଣ ରୀତିନୀତି। ଯେଉଁ ପିତୃପୁରୁଷମାନେ ଶୁକ୍ଳ ପକ୍ଷ କିମ୍ବା କୃଷ୍ଣ ପକ୍ଷର ଏକାଦଶୀ ତିଥିରେ ମୃତ୍ୟୁବରଣ କରିଥାନ୍ତି, ସେମାନଙ୍କ ଆତ୍ମାର ସଦଗତି ଓ ପରମ ଶାନ୍ତି ପାଇଁ ଏହି ଦିନ ଶ୍ରାଦ୍ଧ କରାଯାଏ। ଚଳିତ ୨୦୨୬ ପିତୃପକ୍ଷ କ୍ୟାଲେଣ୍ଡର ଅନୁଯାୟୀ, ଏକାଦଶୀ ଶ୍ରାଦ୍ଧ ଅକ୍ଟୋବର ୬, ମଙ୍ଗଳବାର (ଆଜି) ପାଳିତ ହେଉଛି। ଓଡ଼ିଆ ପରମ୍ପରାରେ ଏକାଦଶୀ ଶ୍ରାଦ୍ଧର ସ୍ୱତନ୍ତ୍ର ରୀତିନୀତି ଓଡ଼ିଶାରେ ଏକାଦଶୀ ତିଥିକୁ ଅତ୍ୟନ୍ତ ପବିତ୍ର ମନାଯାଉଥିବାରୁ, ଏହି ଦିନ ପାରମ୍ପରିକ ଓଡ଼ିଆ ଶ୍ରାଦ୍ଧ ପଦ୍ଧତି ଅନୁସାରେ କିଛି

## ସ୍ୱତନ୍ତ୍ର ନିୟମ ପାଳନ କରାଯାଏ:

**ଶ୍ରାଦ୍ଧ କର୍ତ୍ତାଙ୍କ ନିଷ୍ଠା:** ଘରର ବଡ଼ପୁଅ କିମ୍ବା ଶ୍ରାଦ୍ଧ କରୁଥିବା କର୍ତ୍ତା ସକାଳୁ ସ୍ନାନ ସାରି ସମ୍ପୂର୍ଣ୍ଣ ଶୁଦ୍ଧ ଅରୁଆ ବସ୍ତ୍ର ପରିଧାନ କରନ୍ତି। ଶ୍ରାଦ୍ଧ ବିଧି ସମ୍ପନ୍ନ ନହେବା ପର୍ଯ୍ୟନ୍ତ କର୍ତ୍ତା ନିରାହାର (ଉପବାସ) ରୁହନ୍ତି।

**ଦକ୍ଷିଣାଭିମୁଖୀ ସଙ୍କଳ୍ପ ଓ ତର୍ପଣ:** କର୍ତ୍ତା ଦକ୍ଷିଣ ଦିଗକୁ ମୁହଁ କରି ବସି ହାତରେ କୁଶ ଘାସ, ଗଙ୍ଗାଜଳ ଏବଂ କଳାତିଳ ଧରି ପିତୃପୁରୁଷଙ୍କ ନାମ ଓ ଗୋତ୍ର ସ୍ମରଣ କରି ସଙ୍କଳ୍ପ କରନ୍ତି। ଏହାପରେ ତମ୍ବା ପାତ୍ରରୁ ପବିତ୍ର ଜଳ ଓ କଳାତିଳ ଦ୍ୱାରା ତିଳ ତର୍ପଣ ଅର୍ପଣ କରାଯାଏ।



**ପିଣ୍ଡ ଦାନ:** ଅରୁଆ ଅନ୍ନ (କିମ୍ବା ଅଟା), ଘିଅ, ମହୁ ଏବଂ କଳାତିଳ ମିଶାଇ ଗୋଲାକାର ପିଣ୍ଡ ପ୍ରସ୍ତୁତ କରାଯାଏ। ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ଏହି ପିଣ୍ଡକୁ କଦଳୀ ପତ୍ର ଉପରେ ରଖି ପୂଜାର୍ଚ୍ଚନା କରାଯାଏ।

**ସାତ୍ତ୍ୱିକ ଭୋଗ ଓ ବ୍ରାହ୍ମଣ ଭୋଜନ:** ଏହି ଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ନିରାମିଷ ଓ ସାତ୍ତ୍ୱିକ ଖାଦ୍ୟ ପ୍ରସ୍ତୁତ କରାଯାଏ:

**ନିଷେଧ ସାମଗ୍ରୀ:** ଏକାଦଶୀ ଶ୍ରାଦ୍ଧ ରୋଷେଇରେ ପିଆଜ, ରସୁଣ, ମସୁର ଡାଲି, କାଙ୍କଡ଼ ଓ ସାଧାରଣ ଲୁଣ (ସୈନ୍ଧବ ଲବଣ ବ୍ୟବହାର ହୁଏ) ସମ୍ପୂର୍ଣ୍ଣ ବାରଣ ହୋଇଥାଏ।

**ଓଡ଼ିଆ ହବିଷାନ୍ନ:** ଅରୁଆ ଅନ୍ନ, ଓଡ଼ିଆ ହବିଷ ଡାଲମା (ସାରୁ, କନ୍ଦମୂଳ, କଞ୍ଚାକଦଳୀ ପକାଇ ପ୍ରସ୍ତୁତ), ଶାଗ ଭଜା ଏବଂ ଗାଈ କ୍ଷୀରରେ ତିଆରି ସୁଆଦିଆ ପାୟସ (ଖିରି) ପିତୃପୁରୁଷଙ୍କୁ ଭୋଗ ଲଗାଯାଏ।

**ପଞ୍ଚ ବଳି ରୀତି:** ବ୍ରାହ୍ମଣ ଭୋଜନ ପୂର୍ବରୁ ଗୋମାତା, କୁକୁର ଏବଂ ବିଶେଷ କରି କାଉ (ବାୟସ ଅନ୍ନ)ଙ୍କୁ ଶ୍ରାଦ୍ଧାନ୍ନ ଦିଆଯାଏ। ଓଡ଼ିଆ ବିଶ୍ୱାସ ଅନୁଯାୟୀ, କାଉ ଅନ୍ନ ଗ୍ରହଣ କଲେ ପିତୃଲୋକ ସନ୍ତୁଷ୍ଟ ହୁଅନ୍ତି। ଏହାପରେ ଯୋଗ୍ୟ ବ୍ରାହ୍ମଣଙ୍କୁ ସାଦରେ ଭୋଜନ କରାଇ ଦକ୍ଷିଣା ଓ ବସ୍ତ୍ର ଦାନ କରାଯାଏ।



କଟକ ଝାଞ୍ଜିରି ମଙ୍ଗଳାଙ୍କ ବୈଷ୍ଣବୀ ବେଶ
(ଫଟୋ- ବିଷ୍ଣୁପ୍ରସାଦ)

# ବଡ଼ ଧର୍ମ

ବାରାଣସୀର ଗଙ୍ଗା ନଦୀ କୂଳରେ ଜଣେ ଗୁରୁଜୀ ରହୁଥିଲେ। ତାଙ୍କର ଅନେକ ଶିଷ୍ୟ ଥିଲେ। ଶିକ୍ଷା ଶେଷ ହେବା ପରେ ଗୁରୁଦେବ କିଛି ଶିଷ୍ୟଙ୍କୁ ଆଶୀର୍ବାଦ ଦେଇ ବିଦାୟ କରିବାକୁ ବାହାରିଲେ । ସକାଳୁ ଗଙ୍ଗା ସ୍ନାନ କରିବା ପରେ ଗୁରୁଦେବ ଏବଂ ତାଙ୍କର ଶିଷ୍ୟମାନେ ପୂଜା କରିବାକୁ ବସିଗଲେ । ସମସ୍ତେ ଧ୍ୟାନ କରୁଥିବା ସମୟରେ ଜଣେ ଶିଶୁର ସ୍ୱର ଶୁଭିଲା। ସେ ସାହାଯ୍ୟ ପାଇଁ ଡାକୁଥିଲା। ଏହି ସମୟରେ ଜଣେ ଶିଷ୍ୟ ନିଜ ଜୀବନକୁ ବାଜି ଲଗାଇ ନଦୀ ଗର୍ଭକୁ ଡେଇଁ ପଡ଼ିଲା। ସେ କୌଣସି ପ୍ରକାରେ ଉକ୍ତ ଶିଶୁକୁ ବଞ୍ଚାଇ ନଦୀ କୂଳକୁ ନେଇ ଆସିଲା । ସେପର୍ଯ୍ୟନ୍ତ ସବୁ ଶିଷ୍ୟ ଧ୍ୟାନ ମଗ୍ନ ଥାଆନ୍ତି । କିନ୍ତୁ ଗୁରୁଦେବ ସମସ୍ତ ଘଟଣାକ୍ରମକୁ ନିଜ ଆଖିରେ ଦେଖୁଥିଲେ । ଏଥର ଗୁରୁଦେବ ସମସ୍ତଙ୍କୁ କହିଲେ, ଜଣେ କାନ୍ଦୁଥିବା ଶିଶୁର ଡାକ ଶୁଣି ତୁମମାନଙ୍କର ଜଣେ ଶିଷ୍ୟ ତା'କୁ ବଞ୍ଚାଇବା ଲାଗି ନଦୀକୁ ଡେଇଁ ପଡ଼ିଲା। ଶିଷ୍ୟମାନେ କହିଲେ, ସେ ପୂଜା ସ୍ଥଳରୁ ଉଠିଯାଇ ଅଧର୍ମ କରିଛି । ଏହାଶୁଣି ଗୁରୁଦେବ କହିଲେ, ଅଧର୍ମ ସେ ନୁହେଁ, ତୁମେ ମାନେ କରିଛ । ତୁମେ ବୁଡ଼ିଯାଉଥିବା ଏକ ଶିଶୁର ଡାକ ଶୁଣିପାରିଲ ନାହିଁ । ପୂଜା-ପାଠ, ଧର୍ମ-କର୍ମର ଉଦ୍ଦେଶ୍ୟ ହେଉଛି ପ୍ରାଣୀମାନଙ୍କର ରକ୍ଷା କରିବା । ତୁମେ ଆଶ୍ରମରେ ଧର୍ମ ଶାସ୍ତ୍ର, ବ୍ୟାକରଣ, ଧର୍ମ-କର୍ମ ଆଦିରେ ପାରଙ୍ଗମ ହେଲ, କିନ୍ତୁ ଧର୍ମର ମର୍ମ ଏଯାଏଁ ବୁଝିପାରିଲ ନାହିଁ । ପରୋପକାର ଏବଂ ସଂକଟରେ ପଡ଼ିଥିବା ପ୍ରାଣୀର ଉଦ୍ଧାର ଠାରୁ ବଡ଼ ଧର୍ମ ଆଉ ନାହିଁ ।



# ନିଷ୍କାମ ସେବା

ସକଳ ପ୍ରକାର ମାନବୀୟ ଧର୍ମ ଭିତରୁ ସେବାଧର୍ମ ସର୍ବଶ୍ରେଷ୍ଠ, ସର୍ବୋପରି। ଏହି ଧର୍ମକୁ ସେହି ବ୍ୟକ୍ତି ହିଁ ଧାରଣ କରିଥାନ୍ତି ଯିଏ ଆପଣାର ନିହିତ ସ୍ୱାର୍ଥ ଓ ଅହଙ୍କାରରୁ ଉଚ୍ଚରେ ଥାନ୍ତି, ଅର୍ଥାତ୍ ଏହାକୁ ତ୍ୟାଗ କରିଥାନ୍ତି। କାମନାରହିତ, ସ୍ୱାର୍ଥ ରହିତ ଭାବରେ ଏହା ଯଦି ସମ୍ପାଦନ କରାଯାଇଥାଏ ତେବେ ଏଥିରେ ସେବାର ସୁଫଳ ନିହିତ ଥାଏ। ସେବା କରୁଥିବା ବ୍ୟକ୍ତିଙ୍କୁ ସାଧାରଣତଃ ସେବକ କୁହାଯାଇଥାଏ। ସେବା, ସହାୟତାର ଅର୍ଥ ହେଲା ନିଷ୍କାମ ଭାବରେ ଆପଣାର ସହଯୋଗ ଦେବା। ସ୍ୱାର୍ଥରହିତ ଭାବେ ଯଦି କୌଣସି ବ୍ୟକ୍ତି ନିରନ୍ତର କର୍ମ ସମ୍ପାଦନା କରୁଥାନ୍ତି ତେବେ ଏହା ତାଙ୍କର ପୁଣ୍ୟ ବୃଦ୍ଧି କରିଥାଏ। ମହର୍ଷି ବେଦବ୍ୟାସ ତାଙ୍କର ଅଷ୍ଟାଦଶ ପୁରାଣରେ ଏହାକୁ ସାରକଥା ଭାବରେ ଲେଖିଛନ୍ତି- 'ପରୋପକାରାୟ ପୁଣ୍ୟାୟ, ପାପାୟ ପରପୀଡ଼ନମ୍'। ରାମାୟଣରେ ମଧ୍ୟ ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି- 'ପରହିତ ସରିସ ଧର୍ମ ନାହିଁ ଭାଇ, ପରପୀଡ଼ା ସହ ନାହିଁ ଅଧମାଇ।' ଏଥିରୁ ପରମାର୍ଥର ମହତ୍ତ୍ୱ ସୂଚିତ ହୋଇଥାଏ। 'ଆତ୍ମବତ୍ ସର୍ବଭୂତେଷୁ'ର ଭାବନା ଯେଉଁ ମନୁଷ୍ୟର ଅନ୍ତରରେ ସଞ୍ଚାରିତ ହୋଇଥାଏ, ସେ କୌଣସି ପୀଡ଼ିତ ବ୍ୟକ୍ତିଙ୍କୁ ଦେଖି ସ୍ଥିର ହୋଇ ରହିପାରନ୍ତି ନାହିଁ, ତାଙ୍କ ଅନ୍ତରରେ କରୁଣା ପ୍ରବୃତ୍ତି ଜାଗରିତ ହୋଇଉଠେ ଓ ନିଷ୍କାମ ଭାବ ନେଇ ଆର୍ତ୍ତ, ପୀଡ଼ିତ ବ୍ୟକ୍ତିକୁ ପ୍ରଭୁଙ୍କ ଅଂଶ ଭାବି ସେବା କରିବାଲାଗି ତତ୍ପର ହୋଇଯାଆନ୍ତି। ତଥାକଥିତ ଭାବରେ ନିଜକୁ ବିଜ୍ଞାପିତ କରିବା ପାଇଁ ଯେଉଁମାନେ ସେବା କରିଥାନ୍ତି ସେଥିରେ କେବଳ 'ସ୍ୱାମୀତ୍ୱ' ଭାବ ନିହିତ ଥାଏ। ଏଥିରୁ କୌଣସି ବି ପୁଣ୍ୟ ମିଳିନଥାଏ। ଏ ସମ୍ପର୍କରେ ନିମ୍ନୋକ୍ତ ପ୍ରସଙ୍ଗ- 'କଲ୍ୟାଣ' ହିନ୍ଦୀ ପତ୍ରିକାର ସମ୍ପାଦକ ହନୁମାନ ପ୍ରସାଦ ପୋଦ୍ଦାର ଭୀଷଣ ଥଣ୍ଡା ଦିନରେ, ନିଶାର୍ଦ୍ଧରେ 'ଗୀତାବାଟିକା' (ଗୋରଖପୁର, ଉତ୍ତର ପ୍ରଦେଶ) ଯାଇ ଚୁପଚାପ୍ ଥଣ୍ଡାରେ ଥରିଥରି ଶୋଇଥିବା ବ୍ୟକ୍ତିଙ୍କୁ କମ୍ବଳ, ଚାଦର ଖଣ୍ଡେ ଲେଖା ଘୋଡ଼ାଇ ଦେଉଥାନ୍ତି। ଜଣେ ଫଟୋ ସାମ୍ବାଦିକ କମ୍ବଳ ଘୋଡ଼ାଉଥିଲାବେଳେ ଫଟୋ ଉଠାଇ ନେଇଥିଲେ। ଏହା ନଜରରେ ପଡ଼ିବାରୁ ଶ୍ରୀ ପୋଦ୍ଦାର ନମ୍ରଭାବରେ କହିଥିଲେ- 'ଏହି ଫଟୋ ଖବରକାଗଜରେ କେବେ ବି ଛପାଇବେନି କି ଏହା ଅନ୍ୟ କୌଣସି ବ୍ୟକ୍ତିଙ୍କ ଆଗରେ ପ୍ରକାଶ କରିବେନି। ଯଦି ଏ ସମ୍ପର୍କରେ କାହାକୁ କହିଦିଅନ୍ତି ପୁଣ୍ୟ ସ୍ଥାନରେ ମୁଁ ପାପରେ ଭାଗୀ ହେବି। ପ୍ରଚାର ଉଦ୍ଦେଶ୍ୟରେ କରାଯାଉଥିବା ସେବା ପୁଣ୍ୟ ନୁହେଁ, ପାପର ମାର୍ଗକୁ ପ୍ରଶସ୍ତ କରିଥାଏ।' ଏହା ଶୁଣିବା ପରେ ଫଟୋ ଉଠାଉଥିବା ସାମ୍ବାଦିକ ଚକିତ ହୋଇଯାଇଥିଲେ। ବାସ୍ତବରେ ନିଷ୍କାମ ସେବା ତାହା ଯାହା ଯଶ-ଅପଯଶ, ମାନ- ଅପମାନ, ପ୍ରାପ୍ତି-ଅପ୍ରାପ୍ତି ଠାରୁ ବହୁ ଉର୍ଦ୍ଧ୍ୱରେ ଥାଏ। ଯଦି ଏଥିରେ ଅହଂକାରର ସାମାନ୍ୟ ଗନ୍ଧଥାଏ, ଯଶ ପ୍ରାପ୍ତିର କାମନା ଥାଏ, ତା'ହେଲେ ଏହା କେବେ ବି ସେବା ପଦବାଚ୍ୟ ନୁହେଁ।

# ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସହିତ ଭାବପୂର୍ଣ୍ଣ ସମ୍ପର୍କ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅନନ୍ୟ, ମହିମା, କିମ୍ବଦନ୍ତୀ, ଲୋକକଥା ମଧ୍ୟ ଅନେକ ରହିଛି। ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ହେଉଛି ଐତିହ୍ୟ ନଗରୀ ଓ ଏଥିରେ ରହିଛି ଅନେକ ଆଧ୍ୟାତ୍ମିକ ଐତିହ୍ୟ କୀର୍ତ୍ତିରାଜି। ଏକଦା ଗହଳି ଫାଟୁଥିବା ଶହ ଶହ ବର୍ଷର ପ୍ରାଚୀନ ଗଳି ଏବଂ ଐତିହ୍ୟ ସ୍ଥଳୀ ଗୁଡ଼ିକ କାଳର ଗର୍ଭରେ ଏକ ପ୍ରକାର ଲୀନ ହୋଇଯାଇଛି। ଅନେକ ହୁଏତ ଜାଣିନଥିବେ ମହାପ୍ରଭୁଙ୍କ ଦିବ୍ୟ ଲୀଳାସ୍ଥଳୀ ଜଗନ୍ନାଥ ବଲ୍ଲଭ ଭଳି ବଡ଼ ଠାକୁରଙ୍କ ନାମରେ ଥିଲା 'ବଳଭଦ୍ର ବଲ୍ଲଭ' ଏହା ଠିକ ଜଗନ୍ନାଥ ବଲ୍ଲଭର ଆଗ ପାର୍ଶ୍ୱରେ ଅବସ୍ଥିତ। ବର୍ତ୍ତମାନ ଯେ କେହି ଏବେର ପରିବର୍ତ୍ତିତ ବଳଭଦ୍ର ବଲ୍ଲଭ ଦେଖିବ କିନ୍ତୁ ଦିନ ଥିଲା ଏହି ବଳଭଦ୍ର ବଲ୍ଲଭ ଥିଲା ଏକ ବିଶାଳ ଜନବସତି। ବଳଭଦ୍ର ବଲ୍ଲଭର ପରିଚୟ କହିଲେ ଲୋକେ ବୁଝନ୍ତି କେବଳ ବଳଭଦ୍ର ଲେନ ଓ ମହାବୀର ମନ୍ଦିର। କିନ୍ତୁ ଅନେକ ଐତିହ୍ୟର ସତ୍ତା ଏବେ ବି ଗବେଷକଙ୍କ ଗବେଷଣାକୁ ଅପେକ୍ଷା କରିଛି। ଲୋକମୁଖରେ କୁହାଯାଏ ଯେ, ବଳଭଦ୍ର ବଲ୍ଲଭର ଦେବସ୍ଥଳୀ ଅର୍ଥାତ୍ ପୋଖରୀଆସ୍ଥିତ ଠାକୁରେ ହେଉଛନ୍ତି 'ମହାବୀର ନୀଳ' କେହି କେହି ଭକ୍ତି ଭାବନାରେ ହେଉ ବା ଅପଭ୍ରଂଶ କ୍ରମେ ମହାବୀରଙ୍କୁ ନଳ ବୋଲି କହିଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଓ ଅନେକ ପ୍ରାଚୀନତମ ପରମ୍ପରା ସହିତ ଏହି ପବିତ୍ରସ୍ଥଳୀର ଭାବପୂର୍ଣ୍ଣ ସମ୍ପର୍କ ରହିଛି। ବର୍ଷରେ ଥରେ ଏକ ସ୍ୱତନ୍ତ୍ର ନୀତିକାନ୍ତି କ୍ରମେ ମହାବିଷୁବ ସଂକ୍ରାନ୍ତିରେ ଶ୍ରୀମନ୍ଦିରର ପୂଜା ପଣ୍ଡା ଆଜ୍ଞାମାଳ ଧରି ଏହି କ୍ଷେତ୍ରକୁ ଆସିଥାନ୍ତି। କିଛି ରୂପରେଖ ବଦଳି ଥିଲେ ମଧ୍ୟ ବର୍ଷ ବର୍ଷର ଅନେକ ପରମ୍ପରା ଏସବୁ ଭିତରେ ରହିଛି। ଏହି ପ୍ରାଚୀନତମ ସ୍ଥଳୀର ମହାତ୍ମ୍ୟ ଅନେକ।

# ତ୍ରିରାତ୍ର ବ୍ରତ





ଶାରଦୀୟ ନବରାତ୍ରିରେ ପୂରା ୯ ଦିନ ବ୍ରତ ରଖିବାର ପରମ୍ପରା ରହିଛି। ଏହି ସମୟରେ ଭକ୍ତମାନେ ମା' ଦୁର୍ଗାଙ୍କ ୯ଟି ସ୍ୱରୂପଙ୍କ ପୂଜା କରିଥାନ୍ତି। ତେବେ ୯ ଦିନ ବ୍ରତ ରଖିବା ସମ୍ଭବ ନଥିବା ଶ୍ରଦ୍ଧାଳୁଙ୍କ ପାଇଁ ଧାର୍ମିକ ପରମ୍ପରାରେ ତ୍ରିରାତ୍ର ବ୍ରତର ମଧ୍ୟ ଉଲ୍ଲେଖ ରହିଛି। ଏହି ବ୍ରତ ନବରାତ୍ରିର ଶେଷ ୩ ଦିନ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ଓ ନବମୀରେ ପାଳନ କରାଯାଏ। ତ୍ରିରାତ୍ର ବ୍ରତରେ ଭକ୍ତମାନେ ଉପବାସ କରିବା ସହ ଦେବୀଙ୍କ ଆରାଧନା, ମନ୍ତ୍ର ଜପ, ଧ୍ୟାନ ଓ ପୂଜାପାଠ କରନ୍ତି। ବ୍ରତର ନିୟମ ବିଭିନ୍ନ ଅଞ୍ଚଳ ଓ ପରମ୍ପରା ଅନୁସାରେ ଭିନ୍ନ ହୋଇଥାଏ। କେଉଁଠି ଫଳାହାର କରାଯାଏ, ତ ଆଉ କେଉଁଠି ଦିନକୁ ଥରେ ସାତ୍ତ୍ୱିକ ଭୋଜନ କରିବାର ପରମ୍ପରା ରହିଛି। ଧାର୍ମିକ ମାନ୍ୟତା ଅନୁସାରେ, ନବରାତ୍ରିର ଶେଷ ୩ ଦିନ ଦେବୀ ଉପାସନା ପାଇଁ ବିଶେଷ ମହତ୍ତ୍ୱ ରଖେ। ସପ୍ତମୀରେ ମା' କାଳରାତ୍ରୀଙ୍କ ପୂଜା କରାଯାଏ। ଭକ୍ତମାନେ ଭୟ, ବାଧା ଓ ସଙ୍କଟରୁ ମୁକ୍ତି ପାଇଁ ଦେବୀଙ୍କ ନିକଟରେ ପ୍ରାର୍ଥନା କରନ୍ତି। ଅଷ୍ଟମୀ ଓ ନବମୀରେ ମଧ୍ୟ ବିଶେଷ ପୂଜା ସହ ଅନେକ ପରିବାରରେ କନ୍ୟା ପୂଜନ ଓ ହୋମ ଭଳି ଅନୁଷ୍ଠାନ ପାଳନ କରାଯାଏ। ତ୍ରିରାତ୍ର ବ୍ରତ ସହିତ ଜଡ଼ିତ ଏକ ଧାର୍ମିକ ମାନ୍ୟତା ହେଉଛି, ୯ ଦିନ ବ୍ରତ ରଖିବାରେ ଅସମର୍ଥ ବ୍ୟକ୍ତି ଶେଷ ୩ ଦିନ ଶ୍ରଦ୍ଧା ଓ ନିୟମର ସହ ବ୍ରତ ପାଳନ କରିପାରନ୍ତି। ନବରାତ୍ରି ସମୟରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀଙ୍କ ଆରାଧନାର ମଧ୍ୟ ବିଶେଷ ମହତ୍ତ୍ୱ ରହିଛି। ବ୍ରତ ସମୟରେ ସାତ୍ତ୍ୱିକ ଖାଦ୍ୟ, ସଂଯମ ଓ ଶୁଦ୍ଧ ଚିନ୍ତାଧାରାକୁ ଗୁରୁତ୍ୱ ଦିଆଯାଏ। ବ୍ରତ ରଖିବା ପୂର୍ବରୁ ନିଜ ଶାରୀରିକ କ୍ଷମତା ପ୍ରତି ଧ୍ୟାନ ଦେବା ସହ ସ୍ଥାନୀୟ ପଞ୍ଜିକା ଓ ପାରିବାରିକ ପରମ୍ପରା ଅନୁସାରେ ବ୍ରତର ନିୟମ ପାଳନ କରିବା ଉଚିତ।



# ମହିଷମର୍ଦ୍ଦିନୀ

ହିନ୍ଦୁ ଧର୍ମରେ ମା' ଦୁର୍ଗାଙ୍କୁ ଶକ୍ତି, ସାହସ ଓ ନ୍ୟାୟର ପ୍ରତୀକ ଭାବେ ପୂଜା କରାଯାଏ। ମା'ଙ୍କର ଅନେକ ନାମ ମଧ୍ୟରୁ 'ମହିଷମର୍ଦ୍ଦିନୀ' ଏକ ପ୍ରମୁଖ ନାମ। 'ମହିଷ' ଅର୍ଥ ମହିଷାସୁର ଏବଂ 'ମର୍ଦ୍ଦିନୀ' ଅର୍ଥ ବିନାଶ କରିଥିବା। ତେଣୁ ମହିଷାସୁରକୁ ବଧ କରିଥିବା ଦେବୀଙ୍କୁ ମହିଷମର୍ଦ୍ଦିନୀ ବୋଲି କୁହାଯାଏ। ପୌରାଣିକ କଥା ଅନୁସାରେ, ମହିଷାସୁର ଏକ ଅତ୍ୟନ୍ତ ଶକ୍ତିଶାଳୀ ଅସୁର ଥିଲା। କଠୋର ତପସ୍ୟା କରି ସେ ବ୍ରହ୍ମାଙ୍କଠାରୁ ଏପରି ବର ପାଇଥିଲା ଯେ, କୌଣସି ଦେବତା କିମ୍ବା ପୁରୁଷ ତାକୁ ବଧ କରିପାରିବେ ନାହିଁ। ଏହି ବର ପାଇବା ପରେ ମହିଷାସୁରର ଅତ୍ୟାଚାର ବଢ଼ିଗଲା। ସେ ଦେବତାମାନଙ୍କୁ ପରାସ୍ତ କରି ସ୍ୱର୍ଗରାଜ୍ୟ ଅଧିକାର କରିଥିବାର କଥା ପୁରାଣରେ ବର୍ଣ୍ଣିତ ହୋଇଛି। ମହିଷାସୁରର ଅତ୍ୟାଚାରରେ ଦେବତାମାନେ ଚିନ୍ତିତ ହୋଇପଡ଼ିଥିଲେ। ପୌରାଣିକ ବର୍ଣ୍ଣନା ଅନୁସାରେ, ଦେବତାମାନଙ୍କର ସାମୂହିକ ତେଜରୁ ଜନ୍ମ ନେଇଥିଲେ ଦେବୀ ଦୁର୍ଗା। ବିଭିନ୍ନ ଦେବତା ତାଙ୍କୁ ନିଜ ନିଜ ଅସ୍ତ୍ର ପ୍ରଦାନ କରିଥିଲେ। ସିଂହ ଉପରେ ବିରାଜମାନ ହୋଇ ଦେବୀ ମହିଷାସୁର ବିରୋଧରେ ଯୁଦ୍ଧ କରିଥିଲେ।ଦେବୀ ଓ ମହିଷାସୁରଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିବାର ବର୍ଣ୍ଣନା ଦେବୀ ମାହାତ୍ମ୍ୟରେ ମିଳେ। ଯୁଦ୍ଧ ସମୟରେ ମହିଷାସୁର ବିଭିନ୍ନ ରୂପ ଧାରଣ କରିଥିଲା। ଶେଷରେ ଦେବୀ ଦୁର୍ଗା ତାକୁ ବଧ କରିଥିଲେ। ଏହି ବିଜୟକୁ ଅସତ୍ୟ ଉପରେ ସତ୍ୟ ଓ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ଭାବେ ଦେଖାଯାଏ। ମହିଷାସୁର ବଧ ପରେ ଦେବୀଙ୍କ 'ମହିଷମର୍ଦ୍ଦିନୀ' ରୂପର ମହିମା ଆହୁରି ପ୍ରସିଦ୍ଧ ହୋଇଥିଲା। ଦୁର୍ଗାପୂଜା ସମୟରେ ମା'ଙ୍କ ମୂର୍ତ୍ତିରେ ମହିଷାସୁର ବଧର ଦୃଶ୍ୟ ଦେଖିବାକୁ ମିଳେ। ଦେବୀଙ୍କ ଏହି ରୂପ କେବଳ ଏକ ପୌରାଣିକ କାହାଣୀକୁ ମନେ ପକାଇ ଦିଏ ନାହିଁ, ବରଂ ଅନ୍ୟାୟ ଓ ଅହଂକାର ବିରୋଧରେ ଶକ୍ତିର ପ୍ରତୀକ ଭାବେ ମଧ୍ୟ ପରିଚିତ। ଏହି କାରଣରୁ ଦୁର୍ଗାଙ୍କୁ 'ମହିଷମର୍ଦ୍ଦିନୀ' ବୋଲି ସମ୍ବୋଧନ କରାଯାଏ। ଶାରଦୀୟ ଦୁର୍ଗାପୂଜାରେ ମା'ଙ୍କ ଏହି ରୂପର ଆରାଧନା କରି ଭକ୍ତମାନେ ଶକ୍ତି, ସାହସ ଓ ନ୍ୟାୟର ପ୍ରତୀକକୁ ସ୍ମରଣ କରନ୍ତି।



ଦିନଲିପି



# ଷଣ୍ଢ ଓ ଗୋରୁଙ୍କ ରାଜପଥରେ ରାଜୁତି କାଞ୍ଜିଆହୁଦା ପାଇଁ ଦାବି

ଭାପୁର,(ନିପ୍ର): ଭାପୁର ବ୍ଲକର ୪୮ ନମ୍ବର ରାଜ୍ୟ ରାଜପଥ ଅନ୍ତର୍ଗତ ପଥରଚକଡା ଗ୍ରାମ ଠାରୁ ଫତେଗଡ଼ ଗ୍ରାମ ପର୍ଯ୍ୟନ୍ତ ୧୦ କିମି ବୁଲା ଷଣ୍ଢ ଓ ଗାଈଗୋରୁଙ୍କ ଦୌରାତ୍ମ୍ୟ ଗାଡି ମୋଟର ତଥା ପଥଚାରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସେମାନଙ୍କର ରାସ୍ତା ଉପରେ ବିଚରଣ ଯୋଗୁଁ ଅନେକ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ବୁଲା ଗାଈଗୋରୁଙ୍କ ପାଇଁ ହେଉଥିବା ସମସ୍ୟା ଚଳିତ ବର୍ଷ ମୁଣ୍ଡବ୍ୟଥାର କାରଣ ହୋଇଛି। ପୂର୍ବ ବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ ଠିକଣା ନ ଥିବା ଗାଈଗୋରୁ ଅହେତୁକ ଭାବରେ ବୃଦ୍ଧି ପାଇଥିବାରୁ ସେମାନେ ଚାଷକ୍ଷେତକୁ ଯାଇ ଧାନ ଫସଲ ହାନି କରୁଥିବା ନେଇ ଗାଁ ଗହଳିର ଚାଷୀମାନେ ତ୍ରାହିତ୍ରାହି ଡାକିଲେଣି।ପ୍ରଶ୍ନ ଉଠୁଛି ବୁଲା ଗୋରୁ ଓ ଷଣ୍ଢ ଭାପୁର ବ୍ଲକ ଅଞ୍ଚଳକୁ ଆସିଲେ କେଉଁଠୁ? ଏକ ସର୍ବେକ୍ଷଣରୁ ଜଣାପଡିଛି, ଆଜିକାଲି ଆଉ ଚାଷ କାର୍ଯ୍ୟରେ ଚାଷୀମାନେ ବଳଦ ବ୍ୟବହାର କରୁ ନ ଥିବାରୁ ଅଣ୍ଡିରା ବାଛୁରୀମାନଙ୍କୁ ଅଦରକାରୀ ମନେକରି ବାହାରକୁ ଛାଡି ଦେଉଛନ୍ତି। ସେଗୁଡିକ ଷଣ୍ଢ ହୋଇ ଗାଁକୁ ଗାଁ ବୁଲି ଫସଲହାନି କରୁଛନ୍ତି। ସେହିପରି, ଭୁବନେଶ୍ୱରରେ ଗାଈଗୋରୁଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ବିଡିଏ କର୍ତ୍ତୃପକ୍ଷ ରାତି ଅଧିଆ ଗୋରୁମାନଙ୍କୁ ଭାପୁର ବ୍ଲକ ଅଞ୍ଚଳର ଜଙ୍ଗଲିଆ ସ୍ଥାନରେ ଛାଡି ଚାଲିଯାଉଥିବା ନେଇ ଜନସାଧାରଣଙ୍କ ନଜିର ରହିଥିବା କୁହାଯାଇଛି। ତେଣୁ,ଏହି ବୁଲାଗୋରୁ ଓ ଷଣ୍ଢମାନଙ୍କ ପାଇଁ ବିଭିନ୍ନ ଗୁଡ଼ିକରେ କାଞ୍ଜିଆହୁଦା ନିର୍ମାଣ କରିବା ପାଇଁ କୃଷକମାନେ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଓଡ଼ିଶା ବନ୍ଦ ପାଇଁ ଇଣ୍ଡିଆ ମେଣ୍ଟର ପ୍ରସ୍ତୁତି

ନୟାଗଡ଼,(ନିପ୍ର): ଇଣ୍ଡିଆ ମେଣ୍ଟ ପକ୍ଷରୁ ୮ ଅକ୍ଟୋବର ଓଡ଼ିଶା ବନ୍ଦକୁ ସଫଳ କରିବା ନିମନ୍ତେ ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ଆଇନଜୀବୀ ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ପୂର୍ତ୍ତ ଡାକବଙ୍ଗଳା ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ୍ଦର ବିଭିନ୍ନ ଦାବି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ତୁରନ୍ତ ଇସ୍ତଫା ଦାବି, ଏମଏମଡିଆର୍ ଆଇନ ପ୍ରତ୍ୟାହାର କରିବା।, ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟି ପାଇଁ ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି, ବନ୍ୟା କ୍ଷତିଗ୍ରସ୍ତ ଲୋକମାନଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଉପସ୍ଥାପିତ ହୋଇଥିଲା। ।୮ ଅକ୍ଟୋବର ବନ୍ଦକୁ ସଫଳ କରିବା ପାଇଁ ଆସନ୍ନ ବ୍ଲକସ୍ତରୀୟ ବୈଠକ କରାଯାଇ ପ୍ରତ୍ୟେକ ଅଞ୍ଚଳରେ ସଂଗଠିତ ପ୍ରଚାର ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ୬ ଅକ୍ଟୋବରରେ ପଦଯାତ୍ରା ଓ ଶୋଭାଯାତ୍ରା ଏବଂ ୭ ଅକ୍ଟୋବରରେ ମଶାଲ ଶୋଭାଯାତ୍ରା ଆୟୋଜନ କରି ବନ୍ଦକୁ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ସିପିଆଇ(ଏମ୍) ପକ୍ଷରୁ ଜିଲ୍ଲା ସଂଯୋଜକ ନିତ୍ୟାନନ୍ଦ ପରିଡ଼ା, ନୟାଗଡ଼ ଆଞ୍ଚଳିକ କମିଟି ସମ୍ପାଦକ ପବିତ୍ର ଇନ୍ଦ୍ରଜିତ, ନୟାଗଡ଼ ବ୍ଲକ କଂଗ୍ରେସର ସଭାପତି ହସିମ ଖାଁ, ଡିସିସି ବରିଷ୍ଠ ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଛାତ୍ର କଂଗ୍ରେସ ଜିଲ୍ଲା ସଭାପତି ଶିବରଞ୍ଜନ ସାହୁ, ଜୋନ କଂଗ୍ରେସ ସଭାପତି ବ୍ରଜକିଶୋର ଲେଙ୍କା, ଡିସିସି ଜିଏସ ପୀତବାସ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ବନ୍ଦକୁ ସଫଳ କରିବାକୁ ବ୍ୟାପକ ପ୍ରସ୍ତୁତି

ଭଦ୍ରକ(ନିପ୍ର): ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ସଭାପତିତ୍ୱ ଓ ଜିଲ୍ଲା ପ୍ରଭାରୀ ତଥା ପ୍ରଦେଶ କଂଗ୍ରେସ କମିଟିର ଉପ ସଭାପତି ଜିଆଉଲ ହକ୍‌ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଓ ସହ ପ୍ରଭାରୀ ପିସିସି ସାଧାରଣ ସଂପାଦକ କୋ ଇନଚାର୍ଜ ମାନସ ଆଚାର୍ଯ୍ୟ, ସଂପାଦକ ମହେନ୍ଦ୍ର ଦାସ, ଶୁଭଶ୍ରୀ ବେହେରାଙ୍କ ଉପସ୍ଥିତିରେ ହୋଇଯାଇଛି। ବୈଠକରେ ଏମ,ମଡିଆର ବିଲ ପ୍ରତ୍ୟାହାର, ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରକାଶନ ନିମନ୍ତେ ଉତରଦାୟୀ ରାଜ୍ୟ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦଙ୍କ ଇସ୍ତଫା, ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା, ବନ୍ୟା ବିପନ୍ନଙ୍କୁ ତ୍ୱରିତ ସହାୟତା ପରି ୪ଦଫା ଦାବି ନେଇ ଦିଆଯାଇଥିବା ଅକ୍ଟୋବର ମାସ ୮ ତାରିଖ ସଡ଼ିଶା ବନ୍ଦକୁ ସଫଳ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ ସଭାପତି, ନଗର ସଭାପତି, ଜିଲ୍ଲା କଂଗ୍ରେସର ସମସ୍ତ ଛାମୁଆ ସଂଗଠନ ନେତୃମଣ୍ଡଳୀ, ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶ୍ରୀ ନୀଳମାଧବଙ୍କ ରାସୋତ୍ସବ ନିମନ୍ତେ ସଂକଳ୍ପ

କଣ୍ଟିଲୋ, (ନି.ପ୍ର): ୮ବର୍ଷ ପରେ ନୀଳମାଧବ ପୀଠରେ ଅନୁଷ୍ଠିତ ହେବ ଶରଦ ରାସ ଉତ୍ସବ ଶ୍ରୀରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମଲୀଳାର ମାନବୀୟ ଲୀଳା ପ୍ରଦର୍ଶନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ନବବ୍ରତଠାରୁ ରାସରେ ଅଭିନୟ କରୁଥିବା ୧୨ ଜଣ କଳାକାର ସଂକଳ୍ପ ନେଇଛନ୍ତି । କାର୍ତ୍ତିକ ମାସରେ ଭାସୋତ୍ସବ ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ସମସ୍ତ କଳାକାର ଗୃହତ୍ୟାଗ କରି ଶୁଦ୍ଧପୁତ ଭାବେ ଏକତ୍ର ରହି ସାତ୍ୱିକ ଭୋଜନ ସହ ରାସ ଶିକ୍ଷା କରି ଅଭିନୟ କରିବାର ବିଧି ରହିଛି । ରାସଗୁରୁ ରାସେଶ୍ୱର ମିଶ୍ର, ମନୋରଞ୍ଜନ ମିଶ୍ର, ମନୋଜ ମିଶ୍ର, ଶ୍ରବଣରାମ ମିଶ୍ର, ବାବୁଲି ମିଶ୍ର, ଶଶିଧର ମିଶ୍ର, ସିକୁନ ମିଶ୍ରଙ୍କ ସମେତ ଟହଲିଆ ଅଜୟ ବାରିକ, ଅଶୋକ ବାରିକ, ଅନନ୍ତ ସାହୁ, ବାବୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନାଗରିକଙ୍କ ଭୋଟ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ



ଭଦ୍ରକ,(ନିପ୍ର): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଗିରଫ କରାଯାଉ। ମୁଖ୍ୟ ନିର୍ବାଚନ କମିଶନର ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା, ସୁପ୍ରିମକୋର୍ଟର ପ୍ରଧାନ ବିଚାରପତିଙ୍କୁ ସାମିଲ କରଯାଉ। ଏସ୍ଆଇଆର୍ ପ୍ରକ୍ରିୟା ସଂପୂର୍ଣ୍ଣ ବାତିଲ କରାଯାଉ। ଇଭିଏମ ହଟାଇ ବାଲାଟ ପେପରରେ ଭୋଟ କରାଯାଉ । ଏମ୍ ଏମ୍ ଡି ଆର ସଂଶୋଧନ ଆଇନ-୨୦୨୬ ବାତିଲ କରାଯାଉ। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ। ଏଭଳି ବହୁ ଦାବି ସହ ଭଦ୍ରକ ଜିଲ୍ଲାରେ ବନ୍ୟା ମୃତକ ଓ ପ୍ରପୀଡିତ ପରିବାର ଗୁଡିକୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା, ସମସ୍ତ ଚାଷୀ ଓ ଭାଗଚାଷୀମାନଙ୍କ କୃଷି ଋଣ ଓ ମହାଜନୀ ଋଣ ଛାଡ କରିବା ଦାବି ନେଇ ଇଣ୍ଡିଆ ମେଣ୍ଟ ପକ୍ଷରୁ ଭଦ୍ରକ ବାଇପାସ ସ୍ଥିତ ଛକ ନିକଟରୁ ଏକ ବିଶାଳ ପଟୁଆର ବାହାରି ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଭାରତୀୟ ଜାତୀୟ କଂଗ୍ରେସ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତି, ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ସିପିଆଇ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ସିପିଆଇଏମଏଲ (ଲିବରେସନ) ଜିଲ୍ଲା ସଂପାଦକ ସମର ବଳଙ୍କ ମିଳିତ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିବା ବେଳେ କଂଗ୍ରେସ ନେତା ଦେବରୂପ ମହାନ୍ତି ଏହି ସଭାରେ ସଂଯୋଜନା କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ବକ୍ତବ୍ୟ ପ୍ରଦାନ କରିବା ସହ ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ଗିରଫ କରି ଭାରତର ସମ୍ବିଧାନ ଓ ନାଗରିକମାନଙ୍କ ଭୋଟ ଅଧିକାରର ସୁରକ୍ଷା ପାଇଁ ଆସନ୍ତା ଅକ୍ଟୋବର ୮ ଓଡିଶା ବନ୍ଦରେ ଭଦ୍ରକ ଜିଲ୍ଲାବାସୀ ସକ୍ରିୟ ଭାବେ ସାମିଲ ହେବାକୁ ଇଣ୍ଡିଆ ମେଣ୍ଟର ନେତୃତ୍ୱ ଭଦ୍ରକ ଜିଲ୍ଲାବାସୀଙ୍କୁ ବିକ୍ଷୋଭ ସ୍ଥଳରୁ ନିବେଦନ କରିଥିଲେ।

## କୃଷ୍ଣପ୍ରସାଦରେ ରାସ୍ତାପାର୍ଶ୍ୱ ବନୀକରଣକୁ ଅଣଦେଖା
# ମୁକୁଳା ପଡ଼ିଛି ଅନେକ ରାସ୍ତାପାର୍ଶ୍ୱ

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ତିନି ପାର୍ଶ୍ୱରେ ଚିଲିକା ହ୍ରଦ ଏବଂ ଗୋଟିଏ ପାର୍ଶ୍ୱରେ ବଙ୍ଗୋପସାଗର ଦ୍ୱାରା ଘେରି ରହିଛି। ଏହି ଦ୍ୱୀପାଞ୍ଚଳରେ ପରିବେଶର ସନ୍ତୁଳନ ରକ୍ଷା ସହ ବୃକ୍ଷରୋପଣର ଗୁରୁତ୍ୱ ଅଧିକ ଥିବା ସତ୍ତ୍ୱେ ବ୍ଲକ ଅଞ୍ଚଳର ଅନେକ ରାସ୍ତାପାର୍ଶ୍ୱ ଏବେ ବି ବୃକ୍ଷବିହୀନ ହୋଇ ମୁକୁଳା ପଡ଼ିଛି। ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ନିମନ୍ତେ ସରକାରଙ୍କ ପକ୍ଷରୁ ବନ ବିଭାଗ ଜରିଆରେ ପ୍ରତିବର୍ଷ ବୃକ୍ଷରୋପଣ ଓ ବନିକରଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇ ପରିବେଶକୁ ସବୁଜ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ କୃଷ୍ଣପ୍ରସାଦ ବ୍ଲକର ଅନେକ ରାସ୍ତାପାର୍ଶ୍ୱରେ ଆଜି ବି ବୃକ୍ଷର ଅଭାବ ଦେଖାଦେଉଛି। ରାସ୍ତାପାର୍ଶ୍ୱରେ ଗଛ ନ ଥିବା ଯୋଗୁଁ ଗ୍ରୀଷ୍ମ ଋତୁରେ ଯାତାୟାତ କରୁଥିବା ଲୋକମାନେ ଛାଇରୁ ବଞ୍ଚିତ ହେଉଥିବା ବେଳେ ଅନ୍ୟପକ୍ଷରେ ଅଞ୍ଚଳର ସବୁଜିମା ମଧ୍ୟ ପ୍ରଭାବିତ ହେଉଛି। ବିଶେଷକରି ଚିଲିକା ଓ ସମୁଦ୍ର ଦ୍ୱାରା ଘେରା ଏହି ଅଞ୍ଚଳରେ ଅଧିକ ସଂଖ୍ୟାରେ ବୃକ୍ଷରୋପଣ କରାଗଲେ ପରିବେଶ ସନ୍ତୁଳନ ରକ୍ଷା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇପାରିବ ବୋଲି ପରିବେଶବିତ ଓ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସରକାର ବନୀକରଣ ପାଇଁ ଅର୍ଥ ବ୍ୟୟ କରୁଥିବା ବେଳେ ମୁକୁଳା ପଡ଼ିଥିବା ରାସ୍ତାପାର୍ଶ୍ୱଗୁଡ଼ିକୁ ଚିହ୍ନଟ କରି ସେଠାରେ ଯୋଜନାବଦ୍ଧ ଭାବେ ଚାରାରୋପଣ କରିବା ଆବଶ୍ୟକ ବୋଲି ଦାବି ହେଉଛି। ଏଥିସହ ରୋପଣ କରାଯାଉଥିବା ଚାରାଗୁଡ଼ିକର ନିୟମିତ ଯତ୍ନ ଓ ସୁରକ୍ଷା ନିଶ୍ଚିତ କରିବାକୁ ମଧ୍ୟ ଦାବି ହୋଇଛି।କୃଷ୍ଣପ୍ରସାଦ ବ୍ଲକର ବୃକ୍ଷବିହୀନ ରାସ୍ତା ପାର୍ଶ୍ୱଗୁଡ଼ିକରେ ବ୍ୟାପକ ବନିକରଣ କରିବା ସହ ଏହାର ରକ୍ଷଣାବେକ୍ଷଣ ଦିଗରେ ବନ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ପରିବେଶବିତ, ବୁଦ୍ଧିଜୀବୀ ଓ ସ୍ଥାନୀୟ ମହଲରେ ଦାବି ଜୋରଦାର ହୋଇଛି।

## ଶାନ୍ତିଶୃଙ୍ଖଳାର ସହ ଦୁର୍ଗାପୂଜା ଓ ଭସାଣି ନେଇ ବୈଠକ

କଣ୍ଟିଲୋ,(ନି.ପ୍ର) ଚଳିତ ବର୍ଷ ଖଣ୍ଡପଡ଼ା ଥାନା ଅଧୀନ, କଣ୍ଟିଲୋ ଫାଣ୍ଡି ଅଞ୍ଚଳର ବିଭିନ୍ନ ପୂଜାମଣ୍ଡପରେ ଅନୁଷ୍ଠିତ ହେବାକୁ ଥିବା ଶାରଦୀୟ ଦୁର୍ଗାପୂଜା ଓ ଭସାଣି ଉତ୍ସବ କିପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ କଣ୍ଟିଲୋ ଫାଣ୍ଡି



ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ଖଣ୍ଡପଡ଼ା ଥାନା ଅଧିକାରୀ କୃତିବାସ ହରିଚନ୍ଦନ ଓ କଣ୍ଟିଲୋ ଫାଣ୍ଡି ଅଧିକାରୀ ପ୍ରମୋଦ ଡାଙ୍ଗ ବୈଠକରେ ଉପସ୍ଥିତ ରହିଥିଲେ। ଜନସାଧାରଣ ଓ ପୂଜା କମିଟିର ସଦସ୍ୟମାନେ ପୁଲିସକୁ ସହଯୋଗର ହାତ ବଢାଇବାକୁ ନିବେଦନ କରିଥିଲେ। କଣ୍ଟିଲୋ, ବଡ଼ବାଣପୁର ସିଧାମୂଳା ପ୍ରଭୃତି ପୂଜା କମିଟିର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସେହିପରି ମୂର୍ତ୍ତିଗୁଡ଼ିକ ବିସର୍ଜନ ସମୟରେ ବାଣ ଫୁଟେଇବା ଓ ବିଳମ୍ବିତ ରାତିରେ ମୂର୍ତ୍ତି ବିସର୍ଜନ ପରେ ପୁଲିସ ପ୍ରଶାସନ ରୋକ ଲଗାଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ବୈଠକରେ ଯୋଗ ଦେଇଥିଲେ।

# ଏମଏମଡିଆର ଆଇନ ପ୍ରତ୍ୟାହାର ଦାବି ନେଇ କଂଗ୍ରେସର ରାଲି




ଜଟଣୀ,(ନିପ୍ର): ଇଣ୍ଡିଆ ମେଣ୍ଟ, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ସୁରେଶ ରାଉତରାୟଙ୍କ ନେତୃତ୍ୱରେ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବି ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଭୋଟ ଚୋରି ପ୍ରସଙ୍ଗକୁ ନେଇ ଇସ୍ତଫା ଦାବିରେ ଜଟଣୀ ମା ଡମୁଣେଇ ମନ୍ଦିର ନିକଟରୁ ବିରାଟ ଶୋଭାଯାତ୍ରା ବାହାରି ଜଟଣୀ ମୁଖ୍ୟ ରାସ୍ତା ଦେଇ ସହର ପରିକ୍ରମା କରି ସୀତାରାମ ଛକ ଦେଇ ହନୁମାନ ମନ୍ଦିର ଠାରେ ପହଞ୍ଚି ଥିଲା ଆସନ୍ତା ତା ୮ ତାରିଖ ଦିନ ଦୋକାନ ବଜାର, ସ୍କୁଲ, କଲେଜ, ସରକାରୀ ଅଫିସ,ଯାନବାହନ ସକାଳ ୬ ଘଟିକଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ପ୍ରିୟବ୍ରତ ସାମନ୍ତରାୟ,ପିସିସି ଉପସଭାପତି ବିଶ୍ୱ ରଞ୍ଜନ ମହାନ୍ତି,ପୂର୍ବତନ ଜିଲ୍ଲା ସଭାପତି ଜାନକୀ ପଟ୍ଟନାୟକ,ଜଟଣୀ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନା,ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ,ପିସିସି ସାଧାରଣ ସମ୍ପାଦକ ରସିକ ପଟ୍ଟନାୟକ,ପିସିସି ସମ୍ପାଦକ ଅଶୋକ ମଙ୍ଗରାଜ,ସ୍ୱାଗତିକା ପଟ୍ଟନାୟକ,ଜିଲ୍ଲା କୋଷାଧ୍ୟକ୍ଷ ତପନ ଚକ୍ରବର୍ତ୍ତୀ,ବେଣୁ ଭୋଇ,ସଦାଶିବ ମହାପାତ୍ର, ରଞ୍ଜିତ ମହାପାତ୍ର,ଅମିତ୍ ମହାନ୍ତି, ଶୈଳେନ୍ଦୁ ଦାସ,ଶୁଭ୍ରାଂଶୁ ପଟ୍ଟନାୟକ,ପ୍ରତାପ ବେହେରା,ତାପସ ମିଶ୍ର, ସୁନୀଲ କୁମାର ରାଉତରାୟଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ଗଣ, ସମେତ ବହୁ ବରିଷ୍ଠ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ଚୁଡ଼ଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଧାୟକଙ୍କ ଅଚାନକ ଗସ୍ତ




କାଶୀନଗର(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ ଚୁଡ଼ଙ୍ଗପୁର ସରକାରୀ ଉଚ୍ଚ ବିଦ୍ୟାଳୟକୁ ପାରଳା ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଅଚାନକ ଗସ୍ତ କରି ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ଓ ମୌଳିକ ଭିତ୍ତିଭୂମିର ସ୍ଥିତି ସମ୍ପର୍କରେ ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ବିଧାୟକ ଛାତ୍ରଛାତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ପାଠପଢ଼ା, ବିଦ୍ୟାଳୟର ସୁବିଧା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଦ୍ୟାଳୟର ଶିକ୍ଷା ପରିବେଶକୁ ଅଧିକ ସୁଦୃଢ଼ କରିବା ସହ ଆବଶ୍ୟକ ଭିତ୍ତିଭୂମି ବିକାଶ ପାଇଁ ସହଯୋଗ କରିବାକୁ ବିଧାୟକ ଆଶ୍ୱାସନ ଦେଇଥିବା ଜଣାପଡ଼ିଛି। ବିପଦସଙ୍କୁଳ କୋଠା ଭାଙ୍ଗିବାକୁ ଦାବି ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଲିଖିତ ଭାବେ ଅନୁରୋଧ ଜଣାଇଛନ୍ତି। ବିଦ୍ୟାଳୟର ସୁରକ୍ଷା, ଭିତ୍ତିଭୂମି ଓ ଶିକ୍ଷା ପରିବେଶର ଉନ୍ନତି, ହଷ୍ଟେଲ ସୁବିଧା ସହ ପୃଥକ ପୃଥକ ଶୌଚାଳୟ ପାଇଁ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆବଶ୍ୟକ ସମନ୍ୱୟ କରି ଉକ୍ତ କାର୍ଯ୍ୟଗୁଡ଼ିକର ମଞ୍ଜୁରୀ ଓ କାର୍ଯ୍ୟାନ୍ୱୟନରେ ସହଯୋଗ କରିବାକୁ ବିଧାୟକଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ବିଦ୍ୟାଳୟ ପରିଦର୍ଶନ ସମୟରେ ଶିକ୍ଷକ-ଶିକ୍ଷୟିତ୍ରୀ ସଂଯୁକ୍ତା ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ବାଙ୍କୀ କଲେଜରେ ୧୧୭ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ବାଙ୍କୀ, (ନିପ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ କମ୍ପାନୀରେ ନିଯୁକ୍ତି ପାଇଁ ୧୧୭ ଜଣ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ନବନିଯୁକ୍ତ ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ ପଣ୍ଡା, ପ୍ରଶାସନିକ ଅଧିକାରୀ ଡ. ଶଶିଭୂଷଣ ମହାପାତ୍ର, ରାଜଗୁପ୍ତର ଅଧ୍ୟକ୍ଷ ସୁରଜ କେ. ରାଜ, ପ୍ରିଲିନ୍ସ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ପିୟବ୍ରତ ମହାନ୍ତି, ଅଧକ୍ଷା ଶୁଭ୍ରାଲିନ୍ ମିଶ୍ର, କଲେଜ ପରିଚାଳନା କମିଟି ସଦସ୍ୟ ତଥା ବାଙ୍କୀ ର ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ମହାପାତ୍ର ଓ ଅଧାପକ ମୁକ୍ତିପଦ ପଣ୍ଡା ପ୍ରମୁଖ ଯୋଗଦେଇ ନବନିଯୁକ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରିଲିନ୍ସ ଫାଉଣ୍ଡେସନ୍ ଓ ରାଜଗୁପ୍ତର ମିଳିତ ଉଦ୍ୟମରେ ଏହି ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା।

# କ୍ଷତିକାରକ ଜୈବିକ ପଦାର୍ଥରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ କମାଗୁରୁ ସ୍ଥିତ ପ୍ରକୃତି ବିହାରସ୍ଥିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରୋତ୍ସାହନ କ୍ରମେ ପରିବେଶ ଶିକ୍ଷା କେନ୍ଦ୍ର ତତ୍ତ୍ୱାବଧାନରେ 'କ୍ଷତିକାରକ ଜୈବିକ ପଦାର୍ଥରୁ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତି' ଶୀର୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ୨୫ଟି ଶିକ୍ଷାନୁଷ୍ଠାନର ଦାୟିତ୍ୱରେ ଥିବା ଇକୋ କ୍ଲବର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାର୍ଥୀମାନେ ଯୋଗଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ଡ. ରେଣୁବାଳା ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସ୍ୱାସ୍ଥ୍ୟ ସୁରକ୍ଷା ଅଞ୍ଚଳର




ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର ମୁଖ୍ୟ ଅତିଥି, ଓସେପାର ପ୍ରାକ୍ତନ ସଭାପତି ପଦ୍ମନାଭ ବିଶ୍ୱାଳ ମୁଖ୍ୟ ବକ୍ତା, ବିଶିଷ୍ଟ ପରିବେଶବିତ୍ ସନ୍ତୋଷ କୁମାର କର, ପରିବେଶ ଶିକ୍ଷା କେନ୍ଦ୍ର ଯୋଜନା ସହାୟକ ଭରତ କୁମାର ଜେନା ଓ ପ୍ରାକ୍ତନ ଅଧ୍ୟକ୍ଷ ଡ. ସୁଧାଂଶୁ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ବିଶ୍ୱ ତାପାୟନରୁ ରକ୍ଷା କରିବା ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରିବା ସହିତ କ୍ଷତିକାରକ ଜୈବିକ ପଦାର୍ଥରୁ ମୂଲ୍ୟବାନ୍ ସାମଗ୍ରୀ ପ୍ରସ୍ତୁତି ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଅତିଥିମାନେ ପ୍ରକୃତି ବିହାର ପରିସରରେ ଆମ୍ବ ଚାରାରୋପଣ କରିଥିଲେ। କେନ୍ଦ୍ର ପରିବେଶ ଶିକ୍ଷା ଯୋଜନା ସହାୟକ ଭରତ କୁମାର ଜେନା, ଜିଲ୍ଲା ପରିବେଶ ପ୍ରଶିକ୍ଷକ ସନ୍ତୋଷ କୁମାର କର, ଇଞ୍ଜିନିୟର ତଥା ପରିବେଶବିତ୍ ଆଦିତ୍ୟ ପ୍ରସାଦ ଦାସ, ପ୍ରାକ୍ତନ ଅଧକ୍ଷ ସୁଧାଂଶୁ ମହାନ୍ତି, ସୁରେନ୍ଦ୍ର କୁମାର ରାଉତ ପ୍ରମୁଖ ପ୍ରଶିକ୍ଷାର୍ଥୀଙ୍କୁ ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ବିଦ୍ୟାଳୟକୁ ପ୍ରଦତ୍ତ ଆର୍ଥିକ ସହାୟତାକୁ ଠିକ୍ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ।

## ପାର୍ବଣ ଋତୁରେ ରାସ୍ତାଖୋଳା ଉପରେ ରୋକ୍, ଖୋଳାଯାଇଥିବା ରାସ୍ତାର ତୁରନ୍ତ ମରାମତି ପାଇଁ ନିର୍ଦ୍ଦେଶ

କଟକ,(ନିପ୍ର): ଆସନ୍ତା ଶାରଦୀୟ ଦୁର୍ଗାପୂଜା ଏବଂ ଐତିହାସିକ ବାଲିଯାତ୍ରାକୁ ସୁବ୍ୟବସ୍ଥିତ, ଶୃଙ୍ଖଳିତ ଓ ଆକର୍ଷଣୀୟ ଭାବେ ଆୟୋଜନ କରିବା ନିମନ୍ତେ କଟକ ମହାନଗର ନିଗମ ପକ୍ଷରୁ ଏକ ସ୍ୱତନ୍ତ୍ର ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ କାଉନସିଲ୍ ହଲ୍‌ରେ ଆୟୋଜିତ ବୈଠକରେ ଦୁର୍ଗାପୂଜା ଓ ବାଲିଯାତ୍ରା ପାଇଁ ନିଗମ ପକ୍ଷରୁ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ମେୟର କହିଥିଲେ ଯେ, କଟକର ଦୁର୍ଗାପୂଜା କେବଳ ସହରର ଏକ ଧାର୍ମିକ ଉତ୍ସବ ନୁହେଁ, ଏହା କଟକର ଐତିହ୍ୟ, ଭାଇଚାରା ଓ ସାଂସ୍କୃତିକ ପରମ୍ପରାର ପରିଚୟ। ସେହିପରି ବାଲିଯାତ୍ରା ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ପରମ୍ପରାର ପ୍ରତୀକ। ଏହି ଦୁଇ ପ୍ରମୁଖ ଉତ୍ସବକୁ ସଫଳ ଓ ଶୃଙ୍ଖଳିତ କରିବା ପାଇଁ ନିଗମର ସମସ୍ତ ବିଭାଗ, କର୍ପୋରେଟର ଓ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ସହଯୋଗ ଅତ୍ୟନ୍ତ ଜରୁରୀ। ଏଥିପାଇଁ ସମସ୍ତ କର୍ପୋରେଟରଙ୍କ ସକ୍ରିୟ ସହଯୋଗ ସେ କାମନା କରିଥିଲେ। ବୈଠକରେ ସହରର ବିଭିନ୍ନ ରାସ୍ତାର ଅବସ୍ଥାକୁ ନେଇ କର୍ପୋରେଟରମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ବିଶେଷକରି ଗେଲ୍ ଇଣ୍ଡିଆ ଏବଂ ଅନ୍ୟାନ୍ୟ ସଂସ୍ଥା ପକ୍ଷରୁ ବିଭିନ୍ନ କାର୍ଯ୍ୟ ପାଇଁ ରାସ୍ତା ଖୋଳାଯାଉଥିବା ଏବଂ କାମ ସରିବା ପରେ ସମୟୋଚିତ ଭାବେ ମରାମତି କରାଯାଉନଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ପାର୍ବଣ ସମୟରେ ଏଭଳି ଖୋଳା ରାସ୍ତା ଯାତାୟାତ ସମସ୍ୟା ସୃଷ୍ଟି କରିବା ସହ ସାଧାରଣ ଲୋକଙ୍କ ପାଇଁ ଅସୁବିଧା ଓ ଦୁର୍ଘଟଣାର କାରଣ ହୋଇପାରେ ବୋଲି କର୍ପୋରେଟରମାନେ ମତ ରଖିଥିଲେ।

## ଆମିଷ ହୋଟେଲରେ ମହାପ୍ରସାଦ ବିକ୍ରି ଅଭିଯୋଗ

ପୁରୀ(ନିପ୍ର): ଆମିଷ ହୋଟେଲରେ ମହାପ୍ରସାଦ ବିକ୍ରି ଅଭିଯୋଗ ଆସିଛି। ପୁରୀ ରେଡ଼କ୍ରସ୍ ରୋଡରେ ଥିବା ହୋଟେଲ ସ୍ୱାଗତ ବିରୋଧରେ ଏଭଳି ଅଭିଯୋଗ ଆସିଛି। ଜଣେ ଗ୍ରାହକ ଅଭିଯୋଗ କରିଛନ୍ତି ଆମିଷ ହୋଟେଲରେ ଅନ୍ନ ସହିତ ମହାପ୍ରସାଦ ମିଶ୍ରଣ କରି ବିକ୍ରୀ ହେଉଛି। କେବଳ ଅନ୍ନ ନୁହେଁ ଡାଲି, ବେଶର, ମହୁର ମଧ୍ୟ ବିକ୍ରି କରାଯାଉଛି।ହୋଟେଲ ଭିତରେ ମାତ୍ରାଧିକ ଅବଢ଼ା କୁଡୁଆ ଥିବା ଦେଖିବାକୁ ମିଳିଛି। ଖବରପାଇ କୁମ୍ଭାରପଡ଼ା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଦୁଇଜଣ ଯୁବକ ସମ୍ପୃକ୍ତ ହୋଟେଲକୁ ମିଲ ପାର୍ସଲ ନେବା ପାଇଁ ଆସିଥିଲେ। ମିଲ ନେବା ସମୟରେ ତାଙ୍କୁ ସନ୍ଦେହ ହୋଇଥିଲା। ଆମିଷ ଖାଦ୍ୟରେ ମହାପ୍ରସାଦ ମିଶ୍ରଣ କରି ତାଙ୍କୁ ପାର୍ସଲ ଦିଆଯାଇଥିବା ଅଭିଯୋଗ କରିଛନ୍ତି ପାର୍ସଲ ନେଇଥିବା ଯୁବକ। ସେପଟେ ହୋଟେଲ ମାଲିକ ମନୋଜ କୁମାର ଦାସ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। କୁମ୍ଭାରପଡ଼ା ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ତଦନ୍ତ ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆମିଷ ହୋଟେଲ ରେ ମହାପ୍ରସାଦ ବିକ୍ରି ହେଉଥିବା ଅଭିଯୋଗ ଆଣିଥିବା କାର୍ତ୍ତୀକ ସିଂ କହିଛନ୍ତି, ମୁଁ ମିଲ ନେବା ପାଇଁ ହୋଟେଲ୍‌କୁ ଆସିଥିଲି। ତେବେ ଘରେ ଯେତେବେଳେ ମିଲ ଖୋଲି ଦେଖିଲି ଭାତ, ଡାଲି, ବେସର ଅଛି। ତାହା ସମ୍ପୂର୍ଣ୍ଣ ମହାପ୍ରସାଦ ଭଳି ସ୍ୱାଦ ଓ ବାସ୍ନା ରହିଛି। ତେବେ ମୁଁ ସନ୍ଦେହରେ ଆସି ଦୋକାନରେ ଛାନ ବିନ କରିବା ଭିତରେ ଦେଖିଲି ଦୋକାନ ପଛରେ ୪୦ ଟି ଅବଢ଼ା କୁଡୁଆ ରହିଛି। ସେମାନେ ଆମିଷ ହୋଟେଲରେ ଅବଢ଼ା ରଖି ଲୋକଙ୍କୁ ବିକ୍ରି କରୁଛନ୍ତି।ମହାପ୍ରସାଦ ଭଳି ଏକ ପବିତ୍ର ଜିନିଷକୁ ଆମିଷ ହୋଟେଲ ରେ ବିକିବା ଠିକ୍ ନୁହେଁ। ଶ୍ରୀକ୍ଷେତ୍ର ପୁରୀ ରେ ଏଭଳି ଘଟଣା ହେବା ଅତ୍ୟନ୍ତ ନିନ୍ଦନୀୟ। ଟଙ୍କା ରୋଜଗାର ପାଇଁ ଲୋକମାନେ ଏତେ ତଳକୁ ଖସି ଯିବା ଆମକୁ ବହୁତ ଦୁଃଖ ଲାଗୁଛି। ପୁଲିସ ଏହି ଘଟଣାରେ ତଦନ୍ତ କରି କଡା କାର୍ଯ୍ୟାନୁଷ୍ଠାନ ନେଉ। ସେପଟେ ହୋଟେଲ ମାଲିକ ମନୋଜ୍ କୁମାର୍ ଦାସ କହିଛନ୍ତି, ମୁଁ ହୋଟେଲରେ ଅବଢ଼ା ବିକ୍ରି କରେନାହିଁ। ଯେଉଁଠି ବଳକା ଅବଢ଼ା ବଣ୍ଟନ କରାଯାଏ ମୁଁ ଖାଇବାକୁ ଘରକୁ ଆଣେ। ଯେଉଁ ଲୋକ ମୋ ନାମରେ ଅଭିଯୋଗ ଆଣିଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ଅବଢ଼ା ହାଣ୍ଡି ମୁଁ ଦୋକାନ ପଛରେ ମୋ ଘରେ ରଖିଛି। ମୁଁ ଆମିଷ ଦୋକାନରେ ଅବଢ଼ା କରେନି। ଏହା ସମ୍ପୂର୍ଣ୍ଣ ମିଛ ଅଭିଯୋଗ।

## ଲଗାଣ ବର୍ଷାରେ ଭୁଶୁଡି ପଡ଼ିଲା ବିଦ୍ୟାଳୟ ବାହ୍ୟ ପ୍ରାଚୀର
# ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ କଲେ ଗ୍ରାମବାସୀ

କଣ୍ଟିଲୋ, (ନି.ପ୍ର): ଲଗାଣ ବର୍ଷାର ପ୍ରଭାବରେ ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡା ଉଚ୍ଚ ବିଦ୍ୟାଳୟର ବାହ୍ୟ ପ୍ରାଚୀର ଭୁଶୁଡି ତଳେ ଖସି ପଡିଥିବା ଜଣାପଡିଛି। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁଁ ବିଦ୍ୟାଳୟ ପ୍ରାଚୀର ଭୁଶୁଡି ପଡିଥିବା ନେଇ ଅଭିଯୋଗ ଉଠାଇ ସ୍ଥାନୀୟ ବାସିନ୍ଦା ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତୁରନ୍ତ ଉକ୍ତ ବିଦ୍ୟାଳୟର ପ୍ରାଚୀର ନିର୍ମାଣ ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି



କରିଛନ୍ତି। ସୂଚନାଯୋଗ୍ୟ ତତ୍କାଳୀନ ସରକାରଙ୍କ ଅମଳରେ ୫-ଟି ରୂପାନ୍ତରୀକରଣ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା। ମାତ୍ର ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅଣଦେଖା ସାଙ୍ଗକୁ କାର୍ଯ୍ୟରେ ନିୟୋଜିତ ଠିକାଦାରଙ୍କ ମନମାନୀ ଯୋଗୁଁ ବିଦ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସେହି ସମୟରେ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ ଉଠାଇ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କେହି ହେଲେ ସେତେ ବେଳେ ଉନ୍ନୟନମୂଳକ କାର୍ଯ୍ୟ ପ୍ରତି ସେତେଟା ନଜର ଦେଇ ନଥିବା ନେଇ ସିଙ୍ଘାପଡା ଗ୍ରାମବାସୀଙ୍କ ଠାରୁ ଜଣାପଡିଛି। ଫଳରେ ନିମ୍ନମାନର କାର୍ଯ୍ୟଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ ହେଉଛି। ଏଥିପ୍ରତି ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ତିଥି :(ଦ୍ୱାଦଶୀ): (ମଘା ସିଂହ)

ଅମୃତ ବେଳା: ଦିବା ଘ ୬।୩୦ ମଧ୍ୟେ ଘ୭।୧୮ ଗତେ

## ଆଜିର ଅନୁଚିନ୍ତନ

ସର୍ବତ୍ର ଅନାସକ୍ତ ଯେଉଁ ମନୁଷ୍ୟ ସେହି ସେହି ଶୁଭ-ଅଶୁଭଙ୍କୁ ପ୍ରାପ୍ତ କରି ହର୍ଷିତ ହୁଏ ନାହିଁ କି ଦ୍ୱେଷ କରେ ନାହିଁ, ତାହାର ବୁଦ୍ଧି ସ୍ଥିର।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଛାତ୍ର ସଂସଦ ବିଗୁଲ୍

ବିଜେପି ରାଜ୍ୟରେ କ୍ଷମତାକୁ ଆସିଲେ ଛାତ୍ର ସଂସଦ ନିର୍ବାଚନ କରାଇବ, ଇସ୍ତାହାରରେ ଏହା ପ୍ରତିଶ୍ରୁତି ଦେଇଥିଲା ଏବଂ ପ୍ରତିଶ୍ରୁତି ସଦ୍ୟ ପାଳନ କରିଛି, ଯାହା ମୋହନ ସରକାରଙ୍କ ନେତୃତ୍ୱରେ ଆଗାମୀକାଲି ପାଇଁ ଛାତ୍ର ନେତୃତ୍ୱ ସୃଷ୍ଟିର ପଥ ପରିଷ୍କାର କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଲିଙ୍ଗଡୋ କମିଟିର ସୁପାରିସ ଲାଗୁ କରାଯାଇଛି। ଏହା ସ୍ୱଚ୍ଛତା ଉପରେ ବିଶ୍ୱାସ ରଖୁଥିବା ପ୍ରାର୍ଥୀଙ୍କ ପାଇଁ ଆଶୀର୍ବାଦ ହୋଇଥିବାବେଳେ ସ୍ୱାର୍ଥାନ୍ୱେଷୀ ପ୍ରାର୍ଥୀଙ୍କ ପାଇଁ ଚିନ୍ତା ବଢାଇପାରେ। କମିଟି ଦ୍ୱାରା ସୁପାରିସର କେତେକ ଦିଗ ଯେପରିକି ପ୍ରାର୍ଥୀଙ୍କ ନାମରେ ଫୌଜଦାରି ମାମଲା, ବିଚାରାଧୀନ ମାମଲା କିମ୍ବା ଦଣ୍ଡବିଧାନ ନ ଥିବା ଆବଶ୍ୟକ, ଖର୍ଚ୍ଚ ସର୍ବାଧିକ ୫ହଜାର ଟଙ୍କା, ଗାଡ଼ି ଶୋଭାଯାତ୍ରା-ଛାପା-ପୋଷ୍ଟର-ବ୍ୟାନର-ଡାକବାଜି ଯନ୍ତ୍ର ବ୍ୟବହାର ଉପରେ ନିଷେଧାଦେଶ, ପ୍ରତ୍ୟେକ ରାଜନୈତିକ ଦଳର ହସ୍ତକ୍ଷେପ, ପାଣ୍ଠିଯୋଗାଣ ନିଷିଦ୍ଧ ସାଙ୍ଗକୁ ଧର୍ମ, ଜାତି ବା ସଂପ୍ରଦାୟ ନାମରେ ଭୋଟ ମାଗିବା ବେଆଇନ, ଏସବୁ ନିଶ୍ଚୟ ଶୃଙ୍ଖଳାର ବିଷୟ। ଆଶା ରଖାଯିବ ଯେ ନିର୍ବାଚନବେଳେ ଅଣଛାତ୍ରଙ୍କ ଅନୁପ୍ରବେଶ କ୍ୟାମ୍ପସରେ ଯେପରି ନ ଘଟେ। ଏସବୁ ହେଉଛି ଶାନ୍ତି, ଶୃଙ୍ଖଳା ଓ ସ୍ୱଚ୍ଛତା ରକ୍ଷାର ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ।

ଛାତ୍ର ସଂସଦ ରାଜନୀତିରୁ ବହୁ ନେତା ଅତୀତରେ ଏବେ ଶାସନ କ୍ଷମତାରେ ଅଛନ୍ତି ଏବଂ ଆଗକୁ ମଧ୍ୟ ରହିବେ। ବାସ୍ତବ ନେତା ନିଜ ଅଞ୍ଚଳର ବା ପରିସରର ସ୍ୱାର୍ଥରକ୍ଷା ପ୍ରତି ଧ୍ୟାନ ଦିଅନ୍ତି। କାହାରି ପ୍ରରୋଚନାରେ ପଡ଼ନ୍ତି ନାହିଁ, କାହାରି ଧମକରେ ଡରି ଯାଆନ୍ତି ନାହିଁ। ସେମାନେ ସର୍ବଦା ମନେ ରହନ୍ତି। ବାସ୍ତବ କଥା ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତା/ନେତ୍ରୀ ଥାଆନ୍ତି, ଛାତ୍ର ସଂସଦ ନିର୍ବାଚନ କେବଳ ବାଟ ଫିଟାଇଥାଏ।

ଏବେ ଜେନ୍-ଜି'ଙ୍କ ସମୟ। ଏହି ପିଢ଼ିର ଉନ୍ମେଷର ପର୍ବକୁ ସାରା ଦେଶ ଦେଖୁଛି। ସେମାନଙ୍କ କାର୍ଯ୍ୟ ମଧ୍ୟ ପରଖୁଛି। ଆଲୋଚ୍ୟ ଛାତ୍ର ସଂସଦ ନିର୍ବାଚନ ମୁଖ୍ୟତଃ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ତଥା ଅଧିକାର ଏବଂ କ୍ୟାମ୍ପସରେ ମୌଳିକ ସୁବିଧା ହାସଲ ଉପରେ ଗୁରୁତ୍ୱାରୋପ କରୁଥିବା ଦୃଷ୍ଟିରୁ କୌଣସି ଦଳୀୟ ପରିସ୍ଥିତି ବା ହାକିମାତି ଅପେକ୍ଷା ପ୍ରାର୍ଥୀଙ୍କ ଦକ୍ଷତା ତଥା ସାମର୍ଥ୍ୟ ସବୁଠୁ ବେଶି ଆବଶ୍ୟକ। ଛାତ୍ର ସଂସଦ ସଂକ୍ରାନ୍ତ ବିଶେଷଜ୍ଞମାନଙ୍କ ଚର୍ଚ୍ଚା ଯେ ଭାରତର ରାଜନୀତିକୁ ସଂପୂର୍ଣ୍ଣ ରୂପେ ବଦଳାଇବାର କ୍ଷମତା ରଖିଥିବା ଏବର ଛାତ୍ରଛାତ୍ରୀଙ୍କ ଦଳୀୟ ନିଷ୍ଠା ନୁହେଁ, ବରଂ ପ୍ରସଙ୍ଗ ଆଧାରିତ ଦିଗଗୁଡ଼ିକୁ ପ୍ରାଧାନ୍ୟ ଦେଉଛନ୍ତି। ଯାହାକୁ କହିବାକୁ ଗଲେ ସମୟର ଆହ୍ୱାନ। ସେମାନଙ୍କ ଭିତରେ ସମାଜର ସବୁ ବର୍ଗଙ୍କୁ ସମାନ ସୁଯୋଗ ତଥା ହିତ ସାଧନ ଲକ୍ଷ୍ୟ ରହୁଛି। ପୂର୍ବ ପିଢି ପରି ଏବର ଛାତ୍ରଛାତ୍ରୀ ନୁହନ୍ତି ବରଂ ପ୍ରତ୍ୟେକ ଦିଗରେ କାରଣ ଜାଣିବାକୁ ଜିଜ୍ଞାସା ରଖିବା ସହ ପୂର୍ବାପେକ୍ଷା ସମ୍ବେଦନଶୀଳ ତଥା ଦାୟିତ୍ୱବୋଧ ଆଧାରିତ ଥିବା ଲକ୍ଷ୍ୟଣୀୟ। ସେମାନେ ବି ଜାଣନ୍ତି, ସେମାନଙ୍କ କାର୍ଯ୍ୟକଳାପକୁ ଅନ୍ୟମାନେ ଅନୁଧ୍ୟାନ ସାଙ୍ଗକୁ ତଉଲୁଛନ୍ତି। ଏ ପରିପ୍ରେକ୍ଷୀରେ ଆଶା ରଖାଯିବା ଉଚିତ ଯେ, ଛାତ୍ରଛାତ୍ରୀ, ପ୍ରଶାସନ ଓ ପୋଲିସ ତିନି ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଧାରରେ ଭଲ ଛାତ୍ର ନେତାଙ୍କ ଉନ୍ମେଷ ଘଟୁ।

# ଶିକ୍ଷାନୁଷ୍ଠାନରେ ନୈତିକ ଉନ୍ନତି ଓ ମୂଲ୍ୟବୋଧ

**ଡ. ଅମୂଲ୍ୟ କୁମାର ପଣ୍ଡା**

> " ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ। ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ। ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ମାନବ ସମାଜର ଉପଯୁକ୍ତ ବିକାଶ ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେଁ; ଏଥିପାଇଁ ନୈତିକତା ଏବଂ ମୂଲ୍ୟବୋଧ ଆବଶ୍ୟକ। ଜଣେ ବ୍ୟକ୍ତିକୁ ସଚ୍ଚୋଟ, ଦାୟିତ୍ୱବାନ ଏବଂ ଭଲ ନାଗରିକ ଭାବରେ ଗଢ଼ି ତୋଳିବାରେ ନୈତିକ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ନୈତିକତାର ମୂଳଦୁଆ କେବଳ ଏକ ଶିକ୍ଷାନୁଷ୍ଠାନରେ ସ୍ଥାପନ କରାଯାଇପାରିବ।

ସେହିପରି, ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ପ୍ରଦାନ କରିବା ପାଇଁ ନୁହେଁ, ବରଂ ମାନବ ଚରିତ୍ର ଗଠନ ପାଇଁ ପବିତ୍ର କେନ୍ଦ୍ର ଭାବରେ କାର୍ଯ୍ୟ କରନ୍ତି। ଶିକ୍ଷାନୁଷ୍ଠାନଗୁଡ଼ିକ ସମାଜର ମୂଳଦୁଆ। ଏଠାରେ, ଛାତ୍ରମାନେ କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ଜୀବନ ମୂଲ୍ୟ ମଧ୍ୟ ଶିଖନ୍ତି।



ଯଦି ପିଲାମାନଙ୍କୁ ଛୋଟ ବୟସରୁ ସତ୍ୟ, ଅହିଂସା, ଦୟା, ସହନଶୀଳତା, ସହଯୋଗ ଏବଂ ଶୃଙ୍ଖଳା ଭଳି ମୂଲ୍ୟବୋଧ ଶିକ୍ଷା ଦିଆଯାଏ, ତେବେ ସେମାନେ ଭବିଷ୍ୟତରେ ଭଲ ନାଗରିକ ହୋଇପାରିବେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ଉନ୍ନତିର ବହୁତ ଗୁରୁତ୍ୱ ଅଛି।

ପ୍ରାଚୀନ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ନୈତିକତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଗୁରୁକୁଳ ବ୍ୟବସ୍ଥାରେ, ଛାତ୍ରମାନେ ଜଣେ ଗୁରୁଙ୍କ ମାର୍ଗଦର୍ଶନରେ ରହୁଥିଲେ ଏବଂ ଶିକ୍ଷା ଗ୍ରହଣ କରୁଥିଲେ। ସେଠାରେ, ସେମାନଙ୍କୁ କେବଳ ଶୈକ୍ଷିକ ଜ୍ଞାନ ନୁହେଁ ବରଂ ନୈତିକ ଶିକ୍ଷା ଏବଂ ଜୀବନଶୈଳୀ ମଧ୍ୟ ଶିକ୍ଷା ଦିଆଯାଉଥିଲା। ଗୁରୁକୁଳଗୁଡ଼ିକ ଗୁରୁଙ୍କ ପ୍ରତି ସମ୍ମାନ, ସତ୍ୟବାଦୀ, ଶୃଙ୍ଖଳା ଏବଂ ଆତ୍ମନିୟନ୍ତ୍ରଣ ଭଳି ସଦ୍‌ଗୁଣ ଶିକ୍ଷା ଦେଉଥିଲେ। ଏହି ବ୍ୟବସ୍ଥା ଛାତ୍ରମାନଙ୍କୁ ଭଲ ଚରିତ୍ର ସହିତ ବିକଶିତ କରିଥିଲା।

କିନ୍ତୁ ଆଜି ଶିକ୍ଷା ବ୍ୟବସ୍ଥା ଅଧିକ ପ୍ରତିଯୋଗିତାମୂଳକ ହୋଇଗଲାଣି। ଛାତ୍ରମାନେ ଅଧିକ ନମ୍ବର ଏବଂ ଭଲ ଚାକିରି ପାଇବା ପାଇଁ ପାଠ ପଢୁଛନ୍ତି। ଏହି କାରଣରୁ, ନୈତିକତା ଏବଂ ମୂଲ୍ୟବୋଧର ଗୁରୁତ୍ୱ ହ୍ରାସ ପାଇଛି। କେତେକ ସମୟରେ ଆମେ ଛାତ୍ରଛାତ୍ରୀମାନଙ୍କୁ ଠକିବା, ମିଛ କହିବା ଏବଂ ଭୁଲ ପଥ ଅନୁସରଣ କରିବା ଭଳି କାର୍ଯ୍ୟକଳାପରେ ଲିପ୍ତ ହେଉଥିବାର ଦେଖୁ। ଏହି ପରିସ୍ଥିତି ଆମକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାକୁ ପୁନଃ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଅନୁଭବ କରାଏ। ନୈତିକ ଶିକ୍ଷା ପ୍ରଦାନ କରିବାରେ ଶିକ୍ଷକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କ ପାଇଁ ଆଦର୍ଶ ଭାବରେ କାର୍ଯ୍ୟ କରନ୍ତି। ସେମାନଙ୍କର ଆଚରଣ, ଆଦର୍ଶ ଏବଂ ଜୀବନଶୈଳୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରେ। ଯଦି ଶିକ୍ଷକମାନେ ସତ୍ୟବାଦୀ, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୁଅନ୍ତି, ତେବେ ଛାତ୍ରଛାତ୍ରୀମାନେ ସମାନ ଗୁଣ ଗ୍ରହଣ କରିବାକୁ ପ୍ରେରଣା ପାଇବେ। ତେଣୁ, ଛାତ୍ରମାନଙ୍କ ଜୀବନ ଗଠନରେ ଶିକ୍ଷକଙ୍କ ନୈତିକ ଆଚରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ବ୍ୟତୀତ, ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ନୈତିକ ବିକାଶ ହାସଲ କରାଯାଇପାରିବ। ପ୍ରାର୍ଥନା ସଭା, ପ୍ରବାଦ, ଜାତୀୟ ପର୍ବ ପାଳନ, ସମାଜସେବା କାର୍ଯ୍ୟକ୍ରମ ଏବଂ ସ୍ୱଚ୍ଛତା ଅଭିଯାନ ଭଳି କାର୍ଯ୍ୟକଳାପ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ, ଦାୟିତ୍ୱ ଏବଂ ସହଯୋଗର ଭାବନା ସୃଷ୍ଟି କରେ। ଏହା ସେମାନଙ୍କୁ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ବୁଝିବାରେ ସାହାଯ୍ୟ କରେ।

ନୈତିକ ବିକାଶ ପାଇଁ ପରିବାର ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ପ୍ରଥମେ ଘରେ ନୈତିକତା ଶିଖନ୍ତି। ଯଦି ପରିବାରରେ ସତ୍ୟବାଦୀ, ସମ୍ମାନ ଏବଂ ଶୃଙ୍ଖଳାର ପରିବେଶ ଥାଏ, ତେବେ ସେମାନେ ଏହି ଗୁଣଗୁଡ଼ିକୁ ଗ୍ରହଣ କରନ୍ତି। ଯଦି ଶିକ୍ଷାନୁଷ୍ଠାନ ଏବଂ ପରିବାର ପିଲାମାନଙ୍କୁ ନୈତିକ ଶିକ୍ଷା ଦେବା ପାଇଁ ଏକାଠି କାମ କରନ୍ତି, ତେବେ ସେମାନଙ୍କର ଚରିତ୍ର ସୁଦୃଢ଼ ହୋଇପାରିବ।

ଆଜିର ଦୁନିଆରେ, ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଗଣମାଧମ ଛାତ୍ରଛାତ୍ରୀଙ୍କ ଜୀବନ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି। କେତେକ ସମୟରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ, କିନ୍ତୁ କେତେକ ସମୟରେ ଏହା ନୈତିକ ମୂଲ୍ୟବୋଧକୁ ଦୁର୍ବଳ କରିପାରେ। ତେଣୁ, ଶିକ୍ଷାନୁଷ୍ଠାନଗୁଡ଼ିକୁ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନୀ ଭାବରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ଏବଂ ଭଲ ଏବଂ ଖରାପ ମଧ୍ୟରେ ପାର୍ଥକ୍ୟ ଶିଖାଇବା ଉଚିତ। ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକ ବିକାଶକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା କେବଳ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାରେ ସାହାଯ୍ୟ କରେ ନାହିଁ ବରଂ ସେମାନଙ୍କୁ ଭଲ ମଣିଷ ହେବାରେ ମଧ୍ୟ ସାହାଯ୍ୟ କରେ। ନୈତିକତା ବିନା ଶିକ୍ଷା ସମାଜ ପାଇଁ କ୍ଷତିକାରକ ହୋଇପାରେ। ତେଣୁ, ଶିକ୍ଷା ବ୍ୟବସ୍ଥାରେ ନୈତିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀମାନେ ନୈତିକ, ଦାୟିତ୍ୱବାନ ଏବଂ ସଚ୍ଚୋଟ ନାଗରିକ ବିକଶିତ ହୁଅନ୍ତୁ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ। ତେଣୁ, ସମାଜର ପ୍ରଗତି ଏବଂ ଶାନ୍ତି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୈତିକତାରେ ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ- ୮୨୪୯୫ ୦୨୭୭୬

# ଜୀବନକୁ ଏକ ପ୍ରଶ୍ନ

**ବିଷ୍ଣୁ ପ୍ରସାଦ ଦାସ**

ଅନେକଥର ପ୍ରଶ୍ନ ଉଠେ, ମୁଁ କିଏ ? କାହିଁକି ଜନ୍ମ ନେଲି ? ଏ ପର୍ଯ୍ୟନ୍ତ କ'ଣ କରିଛି ? ଆଉ କ'ଣ କରିବାକୁ ବାକି ଅଛି ? ଜୀବନର ଏହି ଜଟିଳ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜୁ ଖୋଜୁ ଆମେ ଅନେକ ଏକତରଫା ପଥ ଅତିକ୍ରମ କରି ଆସିଥାଉ । ପ୍ରକୃତିର ନିୟମ ଅନୁଯାୟୀ ଯେଉଁଠାରୁ କି ଆଉ କେବେ ଫେରିଯିବା ସମ୍ଭବ ହୁଏ ନାହିଁ । ଜୀବନ ଯାତ୍ରାରେ ସଫଳତା, ବିଫଳତା, ସୁଖ,ଦୁଃଖ, ପ୍ରାପ୍ତି ଏବଂ ଅପ୍ରାପ୍ତିର ଅନେକ ଅଧ୍ୟାୟ ଆମକୁ ବଞ୍ଚିବାର ସଂଗ୍ରାମ ଶିଖାଏ । କିନ୍ତୁ ଏହି ସବୁ ମଧ୍ୟରେ ଧୀରେ ଧୀରେ ଆଉ ଗୋଟିଏ ପ୍ରଶ୍ନ ମନ ମଧ୍ୟରେ ଉଙ୍କିମାରେ, ମୁଁ ସମାଜରେ କେତେ କ୍ଷମତାଶୀଳ ବ୍ୟକ୍ତି ହେଲି ? ପ୍ରକୃତରେ ଦେଖିବାକୁ ହେବ ମୁଁ ସମାଜରେ କେତେ ଭଲ ମଣିଷ ହୋଇପାରିଲି ? ଆତ୍ମସମୀକ୍ଷା କରିବା କଥା ମୋ ଦ୍ୱାରା ସମାଜରେ କେତେ ସକାରାତ୍ମକ ପରିବର୍ତ୍ତନ ହେଲା ?

ଲୋଭର ବଶବର୍ତ୍ତୀ ହୋଇ ଜୀବନରେ ଆବଶ୍ୟକତାଠାରୁ ଅଧିକ ଧନ ଆମ ପାଖକୁ ଆସିପାରେ, ଆମକୁ ବଡ ବଡ ପଦବୀ ମିଳିପାରେ, ସଫଳତାର ଶୀର୍ଷ ସ୍ଥାନକୁ ଆମେ ଯାଇପାରୁ । କିନ୍ତୁ ଜଣେ ମଣିଷର ପ୍ରକୃତ ମୂଲ୍ୟ ବୋଧହୁଏ ସେତେବେଳେ ପ୍ରକାଶପାଏ, ଯେତେବେଳେ ସାମ୍ନାରେ ଥିବା ଅସହାୟ ମଣିଷଟିର ହାତଟିକୁ ଆମେ ଧରି ରଖିବାକୁ ହୃଦୟରୁ ଇଚ୍ଛା ପ୍ରକାଶକରୁ । ନିଜକୁ ବିଜ୍ଞାପିତ କରିବା ଦ୍ୱାରା ମାନବିକତା ପ୍ରକାଶ ପାଏ ନାହିଁ । ଅସହାୟର ନିରବ ଦୁଃଖକୁ ବୁଝିବା, ଭୁଲ କରିଥିବା ମଣିଷକୁ ସୁଧାରିବାକୁ ସୁଯୋଗ ଦେବା, ନିଜଠାରୁ ଦୁର୍ବଳ ମଣିଷକୁ ଅପମାନ ବଦଳରେ ଟିକେ ସହାନୁଭୂତି ଦେଖାଇବା, ବୟସ୍କମାନଙ୍କ ଏକାକୀତ୍ୱକୁ ଅନୁଭବ କରିବା, ଶିଶୁର ଆଖିର ଭୟକୁ ବୁଝି ଆଶ୍ୱାସନା ଦେବା, ମଣିଷର କଷ୍ଟ ସମୟରେ ମୁହଁ ଫେରାଇ ଚାଲିଯିବା ବଦଳରେ ତା'ର କଷ୍ଟକୁ ଲାଘବ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା, ଏହିପରି ଛୋଟ ଛୋଟ ମୁହୂର୍ତ୍ତ ମଧ୍ୟରେ ହିଁ ମାନବିକତାର ସବୁଠାରୁ ବଡ଼ ପରିଚୟ ଲୁଚିଥାଏ।

ଅନେକ ସମୟରେ ମନକୁ ପ୍ରଶ୍ନ ଆସେ, ଆମ ପାଖରେ ତ' ସାହାଯ୍ୟ କରିବାକୁ କିଛି ନାହିଁ, ଆମେ କ'ଣ କରିପାରିବୁ ? କିନ୍ତୁ ସହାନୁଭୂତିର କିଛି ମଧୁର ବାକ୍ୟ କହିବାର ଇଚ୍ଛା, ଧୈର୍ଯ୍ୟର ସହ ତାଙ୍କ ଦୁଃଖକୁ ହୃଦୟଙ୍ଗମ କରିବା ତଥା ଆଶ୍ୱାସନା ଦେବା, ଭାଙ୍ଗି ଯାଇଥିବା ହୃଦୟକୁ ନିଶ୍ଚିତ ଭାବେ ସାହସ ଯୋଗାଇ ଦେଇ ପାରେ । ଏକାକୀତ୍ୱର କଷ୍ଟ ଲାଘବ କରିବାକୁ ମନୁଷ୍ୟ ପାଇଁ କେବଳ ଏତିକି ଆବଶ୍ୟକ ହୁଏ ଯେ, କେହି ଜଣେ ତା'ର ମନର କଥା ଶୁଣୁ, ତା'ର ଦୁଃଖରେ ସମଦୁଃଖୀ ହେଉ । ଜୀବନ ଯାତ୍ରାରେ ଆମେ ଯେତେ ଆଗକୁ ବଢୁ, ସେତେ ବୁଝିପାରୁ ଯେ, ପ୍ରତ୍ୟେକ ମଣିଷ ନିଜ ଭିତରେ ଗୋଟିଏ ଅଦୃଶ୍ୟ ଯୁଦ୍ଧ ଲଢୁଛି। କାହାର ହସ ପଛରେ ଲୁହ ଥାଇପାରେ, କାହାର ନୀରବତା ପଛରେ ଅସହ୍ୟ ଯନ୍ତ୍ରଣା ଥାଇପାରେ, ଆଉ କାହାର କଠୋର ବ୍ୟବହାର ପଛରେ ଥାଇପାରେ ଅନେକ ହୃଦୟ ବିଦାରକ କାହାଣୀ । ତେଣୁ ମଣିଷକୁ ବିଚାର କରିବା ପୂର୍ବରୁ ତା'ର ଅଦୃଶ୍ୟ ସଂଘର୍ଷକୁ ବୁଝିବାର ଚେଷ୍ଟା ହିଁ ପ୍ରକୃତ ମାନବିକତା ।

ଶେଷରେ ହୁଏତ ଆମେ କେତେ କୋଠାବାଡ଼ି କଲୁ, କେତେ ସମ୍ପତ୍ତି ରଖିଗଲୁ, କେତେ ଲୋକ ଆମକୁ ଜାଣିଲେ...ସେସବୁ ଧୀରେ ଧୀରେ ସମାଜ ପାଇଁ ଅଲୋଡ଼ା ହୋଇଯିବ । କିନ୍ତୁ ଆମର ଉତ୍ତମ କାର୍ଯ୍ୟ ପାଇଁ କେହି ଜଣେ ଯଦି ମନେ ପକାଇ କହିପାରେ - "ସେ ମଣିଷଟି ମୋର ବିପଦ ସମୟରେ ମୋ' ପାଖରେ ଠିଆ ହୋଇଥିଲା", ତେବେ ବୋଧହୁଏ ତାହାହିଁ ଜୀବନର ସବୁଠାରୁ ମୂଲ୍ୟବାନ ପରିଚୟ ହେବ । କାରଣ ପରିଚୟ ତା'ର ପଦବୀରେ ନ ଥାଏ, ସମ୍ପତ୍ତିରେ ନ ଥାଏ, ଖ୍ୟାତିରେ ମଧ୍ୟ ନଥାଏ ... ସେ ଅନ୍ୟ ଜଣେ ମଣିଷର ହୃଦୟରେ କେତେ ସ୍ଥାନ ଅଧିକାର କରିପାରିଲା, ସେଥିରେ ହିଁ ଲୁଚି ରହିଥାଏ । ହୁଏତ ଏହି କାରଣରୁ ଜୀବନର ଶେଷ ପ୍ରଶ୍ନଟି ମୁଁ କ'ଣ ପାଇଲି ବଦଳରେ, ...ମୋ ଜୀବନଯାତ୍ରା ସମୟରେ କେତେ ଜଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଲି ? ତାହା ହିଁ ଠିକ ହେବ। କାହାର ମାନସିକ, ଶାରୀରିକ କିମ୍ବା ଆର୍ଥିକ କଷ୍ଟକୁ ଯଦି ଆମେ କିଞ୍ଚିତ୍ ମାତ୍ରାରେ ହ୍ରାସ କରି ପାରିଲୁ, ତେବେ ତାହା ହେବ ଆମ ଜୀବନର ପ୍ରକୃତ ସାର୍ଥକତା । ନିଜକୁ ଅଯଥାରେ ବିଜ୍ଞାପିତ କରିବା ଅପେକ୍ଷା ନୀରବରେ ଅନ୍ୟର ହୃଦୟରେ ଗୋଟିଏ ସ୍ଥାନ ପାଇବା ହେଉଛି ପ୍ରତ୍ୟାଶାହୀନ ଭଲପାଇବା ଏବଂ ମାନବିକତାର ଏକ ଅନନ୍ୟ ଉଦାହରଣ । ଯଦି ପ୍ରଶ୍ନର ଉତ୍ତର "ହଁ" ହୁଏ, ତେବେ ଧରିନେବାକୁ ହେବ...ଆମର ଏହି ଜୀବନଯାତ୍ରା ଅର୍ଥହୀନ ନୁହେଁ; ଏହା ଏକ ସାର୍ଥକ ଜୀବନ ଯାତ୍ରା । ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କବିତାର ଏକ ପଙ୍କ୍ତି- ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜିଏଁ ନର, କର୍ମ ଏକା ତାର ଜୀବନର ମାନଦଣ୍ଡ ।

କଟକ , ମୋ:୯୯୩୭୧୭୪୦୯୭

# କଠୋର ହେଉ ସରକାର, ବଞ୍ଚୁ ଯୁବପିଢ଼ି

**ସୌଭାଗ୍ୟ ରଞ୍ଜନ ମହାନ୍ତି**

> " ଆଜି ଦେଶରେ କିଛି କାଶ ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ। କାଶ ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ, ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଗଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ। ଏହା କେବଳ ମୁଣ୍ଡ ଘୂରିବା କିମ୍ବା ଘୁମ ଆସିବାର କଥା ନୁହେଁ; ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର ହେବା, ଅଚେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଆଶଙ୍କା ରହିପାରେ। ଏହାଠାରୁ ବଡ଼ ସତର୍କତା ଆଉ କ'ଣ ହୋଇପାରେ ? ଯେଉଁ ତରଳ ଔଷଧ ଏକ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଦିଆଯାଏ, ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ୍ୟ ଖେଳ।

କାଶ ହେଲେ ଆରାମ ଦେବା ପାଇଁ ଯେଉଁ ଔଷଧ ତିଆରି ହୋଇଛି, ତାହା ଯଦି ଚିକିତ୍ସାର ଘରୁ ବାହାରି ନିଶାର ଅନ୍ଧକାର ଦୁନିଆକୁ ପହଞ୍ଚିଯାଏ, ତେବେ ସେହି ଔଷଧ ଆଉ କେବଳ ଔଷଧ ରହେ ନାହିଁ—ସେହି ମୁହୂର୍ତ୍ତରୁ ଏହା ଜନସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦର ରୂପ ନେଇଥାଏ। ଆଜି ଦେଶରେ କିଛି କାଶ ଔଷଧର ଅପବ୍ୟବହାରକୁ ନେଇ ଯେଉଁ ଚିନ୍ତା ବଢୁଛି, ତାହାକୁ ଆଉ ହାଲୁକା ଭାବେ ନେବାର ସମୟ ନାହିଁ। କାଶ ଔଷଧରେ ଥିବା କିଛି ଉପାଦାନ, ବିଶେଷକରି ନିଶା ସୃଷ୍ଟି କରିପାରୁଥିବା ଔଷଧୀୟ ଉପାଦାନ, ଡାକ୍ତରଙ୍କ ପରାମର୍ଶ ବିନା ଅଧିକ ପରିମାଣରେ ନିଆଗଲେ ଶରୀର ଉପରେ ଭୟଙ୍କର ପ୍ରଭାବ ପକାଇପାରେ। ଏହା କେବଳ ମୁଣ୍ଡ ଘୂରିବା କିମ୍ବା ଘୁମ ଆସିବାର କଥା ନୁହେଁ; ଅତ୍ୟଧିକ ବ୍ୟବହାରରେ ଚେତନା ହ୍ରାସ, ଶ୍ୱାସକ୍ରିୟା ଧୀର ହେବା, ଅଚେତନତା, କୋମା ଏପରିକି ମୃତ୍ୟୁ ପର୍ଯ୍ୟନ୍ତ ଆଶଙ୍କା ରହିପାରେ। ଏହାଠାରୁ ବଡ଼ ସତର୍କତା ଆଉ କ'ଣ ହୋଇପାରେ ? ଯେଉଁ ତରଳ ଔଷଧ ଏକ ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଦିଆଯାଏ, ସେହି ଔଷଧକୁ ଯଦି କେହି ନିଶା ପାଇଁ ବ୍ୟବହାର କରୁଛି, ତେବେ ଏହା ତାଙ୍କ ଶରୀର ସହିତ ଖେଳ ମାତ୍ର ନୁହେଁ, ତାଙ୍କ ପରିବାରର ଭବିଷ୍ୟତ ସହିତ ମଧ୍ୟ ଖେଳ। ଆଉ ଯଦି ଏହି ଅପବ୍ୟବହାର ଯୁବପିଢ଼ି ମଧ୍ୟରେ ପ୍ରବେଶ କରେ, ତେବେ ସମସ୍ୟାଟି ଏକ ବ୍ୟକ୍ତିର ନୁହେଁ, ସମାଜର। ସେଥିପାଇଁ କାଶ ଔଷଧର ବିକ୍ରି ଓ ବ୍ୟବହାର ଉପରେ ସରକାରଙ୍କ କଠୋର ନଜରକୁ ସ୍ୱାଗତ କରିବାକୁ ହେବ। କେନ୍ଦ୍ର ସରକାର ୨୦୨୬ ମସିହାରେ ଛୋଟ ଗାଁଗୁଡ଼ିକରେ କାଶ ଔଷଧ ବିକ୍ରି ସମ୍ପର୍କିତ ବିଶେଷ ଛାଡ଼କୁ ହଟାଇ ଅନୁମୋଦିତ ଔଷଧ ଦୋକାନ ମାଧ୍ୟମରେ ଏହାର ବିକ୍ରିକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେଇଛନ୍ତି। ଏହି ପଦକ୍ଷେପର ମୂଳ ସନ୍ଦେଶ ସ୍ପଷ୍ଟ—ଔଷଧକୁ ମନଇଚ୍ଛାରେ ବିକ୍ରି କରାଯିବ ନାହିଁ, ଔଷଧ ଦୋକାନକୁ ମଧ୍ୟ ଆଇନର ସୀମା ଭିତରେ ରହିବାକୁ ହେବ। ଏହି ନିୟମକୁ କେବଳ କାଗଜରେ ରଖିଦେଲେ ଚଳିବ ନାହିଁ। ଭୂମିସ୍ତରରେ ଏହାର କଠୋର କାର୍ଯ୍ୟକାରିତା ଆବଶ୍ୟକ। କାରଣ ଅବୈଧ ଭାବେ କାଶ ଔଷଧ ବିକ୍ରି କରୁଥିବା ଜଣେ ବ୍ୟକ୍ତି କେବଳ ଆଇନ ଭାଙ୍ଗୁନାହାନ୍ତି, ସେ ଅନ୍ୟ ଜଣଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଉଛନ୍ତି। ଏଠାରେ ସରକାରଙ୍କ ଦାୟିତ୍ୱ ତିନିଗୁଣ। ପ୍ରଥମେ, କେଉଁ ଔଷଧ ଡାକ୍ତରଙ୍କ ପରାମର୍ଶ ବିନା ବିକ୍ରି କରାଯିବ ନାହିଁ, ତାହା ସ୍ପଷ୍ଟ ଭାବେ ଲୋକଙ୍କୁ ଜଣାଇବାକୁ ହେବ। ଦ୍ୱିତୀୟରେ, ଲାଇସେନ୍ସ ନଥିବା କିମ୍ବା ନିୟମ ଭାଙ୍ଗୁଥିବା ଦୋକାନ ଉପରେ ନିୟମିତ ଯାଞ୍ଚ ହେବା ଦରକାର। ତୃତୀୟରେ, ଯେଉଁଠାରେ କାଶ ଔଷଧକୁ ନିଶା ପାଇଁ ବ୍ୟବହାର କରାଯାଉଛି ବୋଲି ସୂଚନା ମିଳୁଛି, ସେଠାରେ ଔଷଧ ନିୟନ୍ତ୍ରଣ ବିଭାଗ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା ମିଳିତ ଭାବେ କଠୋର କାର୍ଯ୍ୟ କରିବା ଦରକାର। ଏହି ଲଢ଼େଇ କେବଳ ଔଷଧ ଦୋକାନ ଯାଞ୍ଚରେ ଶେଷ ହେବ ନାହିଁ। ନିଶାର ଚାହିଦା କେଉଁଠାରୁ ଆସୁଛି, କେଉଁମାନେ ଯୁବପିଢ଼ିକୁ ଏହି ଦିଗକୁ ଠେଲୁଛନ୍ତି, କିପରି ଔଷଧ ବେଆଇନ ଭାବେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚୁଛି—ଏହି ସମସ୍ତ ଦିଗକୁ ଖୋଜିବାକୁ ହେବ। ଔଷଧକୁ ନିଶାରେ ପରିଣତ କରୁଥିବା ଚକ୍ର ଯଦି ଥାଏ, ତେବେ ସେହି ଚକ୍ରର ମୂଳକୁ ଧରିବା ଆବଶ୍ୟକ। କେବଳ ଜଣେ ଯୁବକକୁ ଧରି ମାମଲା କରିଦେଲେ ସମସ୍ୟା ଶେଷ ହେବ ନାହିଁ। ନିଶାର ବ୍ୟବସାୟ କରୁଥିବା ମୂଳ ଯୋଗାଣକାରୀଙ୍କୁ ଧରିବାକୁ ହେବ। ଏଠାରେ ସମାଜର ଭୂମିକା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ମାଆବାପା ନିଜ ପିଲାଙ୍କ ଆଚରଣରେ ହଠାତ୍ ପରିବର୍ତ୍ତନ, ଅସାଧାରଣ ଘୁମ, ଅତ୍ୟଧିକ ଅସ୍ଥିରତା, ପଢ଼ାଶୁଣାରେ ଅବନତି, ଅର୍ଥର ଅସ୍ପଷ୍ଟ ବ୍ୟବହାର କିମ୍ବା ସନ୍ଦେହଜନକ ଔଷଧ ବ୍ୟବହାର ଦେଖିଲେ ଚୁପ୍ ରହିବା ଉଚିତ ନୁହେଁ। କିନ୍ତୁ ଏହାର ଅର୍ଥ ପ୍ରତ୍ୟେକ କାଶ ଔଷଧ ବ୍ୟବହାରକାରୀଙ୍କୁ ନିଶାସକ୍ତ ବୋଲି ଚିହ୍ନଟ କରିବା ନୁହେଁ। ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ବ୍ୟବହାର କରିବା ଏବଂ ତାହାକୁ ନିଶା ଭାବେ ବ୍ୟବହାର କରିବା—ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ କଥା। ଏହି ପାର୍ଥକ୍ୟକୁ ସମାଜ ବୁଝିବା ଦରକାର। ଏହା ସହିତ ଆଉ ଏକ ଭୟଙ୍କର ବିପଦ ହେଉଛି ଦୂଷିତ ତରଳ ଔଷଧ। ଔଷଧରେ ଯଦି ବିଷାକ୍ତ ରାସାୟନିକ ଉପାଦାନ ମିଶିଯାଏ, ତେବେ ତାହା ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଭୟଙ୍କର କ୍ଷତି କରିପାରେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦୂଷିତ ତରଳ ଔଷଧ ସମ୍ପର୍କରେ ଦେଇଥିବା ସତର୍କତାରେ ବିଷାକ୍ତ ଡାଇଇଥିଲିନ୍ ଗ୍ଲାଇକଲ୍ ଓ ଇଥିଲିନ୍ ଗ୍ଲାଇକଲ୍ ଭଳି ଉପାଦାନରୁ ତୀବ୍ର ବୃକ୍କ କ୍ଷତି ଓ ମୃତ୍ୟୁର ଆଶଙ୍କା ବିଷୟରେ ଉଲ୍ଲେଖ କରାଯାଇଛି । ତେଣୁ କାଶ ଔଷଧର ନିରାପତ୍ତା କେବଳ ତାହାର ନାମ କିମ୍ବା ଚମକଦାର ପ୍ୟାକେଟ ଦେଖି ନିର୍ଣ୍ଣୟ ହୋଇପାରେ ନାହିଁ। ଗୁଣମାନ ପରୀକ୍ଷା ଅନିବାର୍ଯ୍ୟ। ଉତ୍ପାଦନରୁ ଆରମ୍ଭ କରି ଔଷଧ ଦୋକାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ସତର୍କତା ଦରକାର। ଏକ ବୋତଲ ଔଷଧ ବଜାରକୁ ଆସିବା ପୂର୍ବରୁ ତାହାର ଗୁଣମାନ ପ୍ରତି ଯେତେ ନିଶ୍ଚିତତା ଆବଶ୍ୟକ, ବଜାରକୁ ଆସିବା ପରେ ମଧ୍ୟ ତାହାର ନିରାପତ୍ତା ଉପରେ ସେତେ ନଜର ଦରକାର। ଔଷଧ ନିର୍ମାତାମାନେ ମଧ୍ୟ ବୁଝିବା ଦରକାର ଯେ ଏଠାରେ ଲାଭଠାରୁ ଜୀବନ ବଡ଼। ଗୋଟିଏ ଭୁଲ ଉପାଦାନ, ଗୋଟିଏ ନିମ୍ନମାନର କଞ୍ଚାମାଲ, ଗୋଟିଏ ଭୁଲ ମାତ୍ରା କିମ୍ବା ଗୁଣମାନ ଯାଞ୍ଚରେ ଗୋଟିଏ ଅବହେଳା ଅନେକ ପରିବାରକୁ ଶୋକଦରିଆକୁ ଠେଲିପାରେ। ସେଥିପାଇଁ ଔଷଧ ନିର୍ମାଣରେ ଶୂନ୍ୟ ଅବହେଳାର ନୀତି ଆବଶ୍ୟକ। ଓଡ଼ିଶାରେ ମଧ୍ୟ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତ୍ୱ ସହ ନେବାକୁ ହେବ। ଗାଁଠାରୁ ସହର ପର୍ଯ୍ୟନ୍ତ ଔଷଧ ଦୋକାନଗୁଡ଼ିକର ନିୟମିତ ଯାଞ୍ଚ, ସନ୍ଦେହଜନକ ଔଷଧର ନମୁନା ସଂଗ୍ରହ, ଗୁଣମାନ ପରୀକ୍ଷା, ଅନୁମତି ବିନା ବିକ୍ରି ଉପରେ ତୁରନ୍ତ କାର୍ଯ୍ୟ ଏବଂ ନିଶା ପାଇଁ ଔଷଧର ଅପବ୍ୟବହାର ଚିହ୍ନଟ ହେଲେ ଆଇନ ଶୃଙ୍ଖଳା ସଂସ୍ଥା ସହ ସମନ୍ୱୟ—ଏସବୁ କାର୍ଯ୍ୟ ନିରନ୍ତର ଚାଲିବା ଦରକାର। ଏହା ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନିଶା ବିରୋଧୀ ସଚେତନତାକୁ ଆହୁରି ମଜଭୁତ କରିବା ଦରକାର। ଯୁବପିଢ଼ିକୁ ଏହା ବୁଝାଇବାକୁ ହେବ ଯେ ଔଷଧର ନାମ, ବୋତଲର ଆକାର କିମ୍ବା ତାହା ସହଜରେ ମିଳୁଛି ବୋଲି ଏହା ନିରାପଦ ନିଶା ନୁହେଁ। ନିଶାର କୌଣସି ନିରାପଦ ରାସ୍ତା ନାହିଁ। ଆଜି ଯାହାକୁ ମଜା ଭାବି ଆରମ୍ଭ କରାଯାଏ, କାଲି ତାହା ନିର୍ଭରଶୀଳତାରେ ପରିଣତ ହୋଇପାରେ। ତା'ପରେ ଶରୀର, ମନ, ପରିବାର, ପଢ଼ାଶୁଣା, ଚାକିରି—ସବୁକିଛି ତାହାର ଶିକାର ହୋଇପାରେ। ଅତ୍ୟଧିକ ଔଷଧ ବ୍ୟବହାରରେ ଚେତନା ହ୍ରାସ ଓ ଶ୍ୱାସକ୍ରିୟାର ଗୁରୁତର ସମସ୍ୟା ହେଲେ ଜୀବନ ରକ୍ଷା ପାଇଁ ତୁରନ୍ତ ଚିକିତ୍ସା ଆବଶ୍ୟକ। ଏପରି ଅବସ୍ଥାରେ ଘରୋଇ ଉପାୟ କରି ସମୟ ନଷ୍ଟ କରିବା ଚାଲିବ ନାହିଁ। ରୋଗୀ ଅଚେତନ, ଶ୍ୱାସ ଧୀର କିମ୍ବା ଅସାମାନ୍ୟ, ହିକ୍କା କିମ୍ବା ଅନ୍ୟ ଗୁରୁତର ଲକ୍ଷଣ ଦେଖାଇଲେ ତୁରନ୍ତ ଜରୁରୀ ଚିକିତ୍ସା ସେବା ନେବା ଦରକାର। ଆଉ ଏକ ଦାୟିତ୍ୱ ହେଉଛି—ନିଶାସକ୍ତ ବ୍ୟକ୍ତିଙ୍କୁ କେବଳ ଅପରାଧୀ ଭାବେ ଦେଖିବା ନୁହେଁ। ଯେଉଁଠାରେ ନିର୍ଭରଶୀଳତା ଗଢ଼ିଉଠିଛି, ସେଠାରେ ଚିକିତ୍ସା, ପରାମର୍ଶ ଓ ପୁନର୍ବାସ ମଧ୍ୟ ଆବଶ୍ୟକ। ନିଶା ବେପାରୀଙ୍କ ପ୍ରତି କଠୋରତା ଓ ନିଶାସକ୍ତ ଯୁବକଙ୍କ ପ୍ରତି ଚିକିତ୍ସାମୂଳକ ସହାୟତା—ଏହି ଦୁଇଟି ନୀତି ଏକାସାଙ୍ଗେ ଚାଲିବା ଦରକାର। ଏହି ଲଢ଼େଇରେ ସରକାର, ପୁଲିସ, ଔଷଧ ନିୟନ୍ତ୍ରଣ ବ୍ୟବସ୍ଥା, ଚିକିତ୍ସକ, ଔଷଧ ବିକ୍ରେତା, ଶିକ୍ଷକ, ଅଭିଭାବକ ଓ ସମାଜ—ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। କାଶ ଔଷଧ ହେଉଛି ରୋଗୀଙ୍କ ଆରୋଗ୍ୟ ପାଇଁ; ଏହାକୁ ନିଶାର ବଜାରକୁ ଯିବାକୁ ଦେବା ଯାଇପାରିବ ନାହିଁ। ସରକାର ଯେଉଁ କଠୋର ପଦକ୍ଷେପ ନେଉଛନ୍ତି, ତାହାକୁ ଆହୁରି ସୁଦୃଢ଼ କରିବାର ସମୟ ଆସିଛି। ଔଷଧର ଅନିୟନ୍ତ୍ରିତ ବିକ୍ରି ଉପରେ ରୋକ, ନିଶା ପାଇଁ ଅପବ୍ୟବହାର ଉପରେ କଠୋର ନଜର, ନିମ୍ନମାନର ଔଷଧ ବିରୋଧରେ ଶୀଘ୍ର କାର୍ଯ୍ୟ, ଔଷଧ ଦୋକାନର ନିୟମିତ ଯାଞ୍ଚ ଏବଂ ଯୁବପିଢ଼ି ମଧ୍ୟରେ ବ୍ୟାପକ ସଚେତନତା—ଏହି ପାଞ୍ଚଟି ମୋର୍ଚ୍ଚାରେ ଏକାସାଙ୍ଗେ ଯୁଦ୍ଧ କରିବାକୁ ହେବ। କାରଣ ପ୍ରଶ୍ନଟି ଗୋଟିଏ ବୋତଲ କାଶ ଔଷଧର ନୁହେଁ; ପ୍ରଶ୍ନଟି ଆମ ଯୁବପିଢ଼ିର ଭବିଷ୍ୟତର। ଗୋଟିଏ ଶିଶୁର ହାତରେ ଚିକିତ୍ସାର ଔଷଧ ରହିବା ଉଚିତ, ନିଶାର ବିଷ ନୁହେଁ। ଗୋଟିଏ ଯୁବକର ଜୀବନରେ ସ୍ୱପ୍ନ ରହିବା ଉଚିତ, ନିଶାର ଅନ୍ଧକାର ନୁହେଁ।

ତେଣୁ ଏବେ ସମୟ ଆସିଛି ଏକ ସ୍ପଷ୍ଟ ସନ୍ଦେଶ ଦେବାର—କାଶ ଔଷଧ ରୋଗ ଭଲ କରିବା ପାଇଁ, ନିଶା ପାଇଁ ନୁହେଁ। ଜୀବନ ସହ ଖେଳୁଥିବା ଅପବ୍ୟବହାର ବିରୋଧରେ ଏବେ ଶୂନ୍ୟ ସହନଶୀଳତା ଦରକାର।

ମୋ: ୯୪୩୭୯୯୪୩୭୯

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୬।୧୦ (ନିପ୍ର): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ସଂଯୁକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ମୁନିଦ୍ର ହୋନନାଗା, ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାତ୍ରୀ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ସୁଶ୍ରୀ ଭାଗବତ ସାମଲ କଲ୍ୟାଣ ରାଓ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣି କରିଥିଲେ। ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ମୋଟ- ୭୮ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୬୮ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା - ୧୦ଗୋଟି ଅଭିଯୋଗ ଆସିଥିଲା । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ସାଲେପୁର,୬।୧୦ (ନିପ୍ର): ସାଲେପୁର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ଟି ଅଭିଯୋଗ ହସ୍ତଗତ ୧୦୬ ହୋଇଥିବାବେଳେ ତନ୍ମଧ୍ୟରେ ୮୮ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୮ ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୨୮ ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ସ୍ଥଳରେ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏଥିସହ କୃଷି, ଶିକ୍ଷା, ବିଦ୍ୟୁତ, ପାନୀୟ ଜଳ, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ଭତ୍ତା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ

ବୌଦ୍ଧ,୬।୧୦ (ନିପ୍ର): ବୌଦ୍ଧ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବାବେଳେ, ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନେ ଫର୍ମ-୬ ମାଧ୍ୟମରେ ନାମ ସାମିଲ ପାଇଁ ଆବେଦନ କରିପାରିବେ। ଏସଆଇଆର ପରେ ଫର୍ମ-୬ ଦାଖଲ ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ କିମ୍ବା ଆବେଦନକାରୀଙ୍କ ପିତାମାତା/ ଜେଜେବାପା- ଜେଜେମାଆଙ୍କ ନାମ ସମ୍ପର୍କିତ ଅତିରିକ୍ତ ଘୋଷଣାନାମା ଦେବା ଆବଶ୍ୟକ ହେବ ନାହିଁ। ଭାରତ ନିର୍ବାଚନ ଆୟୋଗ ଫର୍ମ-୬ରୁ ଏହି ଅତିରିକ୍ତ ବ୍ୟବସ୍ଥା ହଟାଇଛନ୍ତି। ତେବେ, କେବଳ ଫର୍ମ-୬ ଦାଖଲ କରିଲେ ନାମ ସ୍ୱତଃସ୍ଫୂର୍ତ୍ତ ଭାବେ ଭୋଟର ତାଲିକାରେ ସାମିଲ ହେବ ନାହିଁ। ନିର୍ଦ୍ଧାରିତ ନିୟମ ଅନୁଯାୟୀ ଆବେଦନକାରୀଙ୍କ ଯୋଗ୍ୟତା, ତଥ୍ୟ ଓ ଆବଶ୍ୟକୀୟ ଦସ୍ତାବିଜ ଯାଞ୍ଚ ପରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ତେଣୁ, ଭୋଟର ତାଲିକାରେ ନାମ ନଥିବା ସମସ୍ତ ଯୋଗ୍ୟ ନାଗରିକ ନିର୍ଦ୍ଧାରିତ ପ୍ରକ୍ରିୟାରେ ଫର୍ମ-୬ ଦାଖଲ କରି ଭୋଟର ଭାବେ ପଞ୍ଜୀକରଣ ପାଇଁ ଆବେଦନ କରିବାକୁ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି।

# ଯୁଗ୍ମ ଅଭିଯୋଗ ଶୁଣାଣି

ବୌଦ୍ଧ,୬।୧୦ (ନିପ୍ର): ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ସଭାବନା ସଭାଗୃହରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଳଦୀପ ମୀନାଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଏବଂ ସେବା ସେତୁ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ,ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଡ଼ିଓ ଯୁଗଳ କିଶୋର ବିଶ୍ୱାଳ, ଅତିରିକ୍ତ ତହସିଲଦାର ମହମ୍ମଦ ରଜାଇ ରସୁଲ , ଡେପୁଟି କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ , ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଷାନ୍ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଆଜିର ଶିବିରରେ ୭୧ ଗୋଟି ବ୍ୟକ୍ତିଗତ ଓ ୩ ଟି ଗୋଷ୍ଠିଗତ ଏଭଳି ମୋଟ ୭୪ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ୨୧ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।୦୫ ଜଣ ଅସହାୟଙ୍କୁ ୧୯,୫୦୦ ଟଙ୍କା ତତ୍କାଳ ସହାୟତା ରେଡ୍ କ୍ରସ ପାଣ୍ଠିରୁ ପ୍ରଦାନ କରାଯାଇଥିଲା ।

# ମ୍ୟୁନିସିପାଲିଟିର ବେଆଇନ ଡମ୍ପିୟାର୍ଡ

## ବେଆଇନ ଆବର୍ଜନା ପକାଇବା ପ୍ରତିବାଦରେ ରାସ୍ତାରୋକ

ବଲାଙ୍ଗିର,୬।୧୦(ନିପ୍ର):ବଲାଙ୍ଗିର ସହରର ମ୍ୟୁନିସିପାଲଟି ଅଞ୍ଚଳରୁ ବାହାରୁଥିବା କୁଢ଼ କୁଢ଼ ଆବର୍ଜନାକୁ ବେଆଇନ ଭାବେ ଟିଟିଲାଗଡ଼ ରାସ୍ତା ବିଜାଖମନ୍ ରାଜରାସ୍ତା କଡରେ ବେଆଇନ ଭାବରେ ଡମ୍ପିୟାର୍ଡ଼ ତିଆରି କରି ମଇଳା ପକାଇବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଆଜି 'ମୁକ୍ତି ଏ ସୋସିଆଲ ଚେଞ୍ଜ' ସଂଗଠନ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଏକ ବିଶାଳ ଆନ୍ଦୋଳନ ସହିତ ବଲାଙ୍ଗିର ଟିଟିଲାଗଡ ଜାତୀୟ ରାଜପଥ ରାସ୍ତାରୋକ କରାଯାଇଛି।

ସଂଗଠନର ସଭାପତି ହିମାଂଶୁ ନାଏକଙ୍କ ଆହ୍ୱାନ କ୍ରମେ ସଂଗଠନ ର ସଦସ୍ୟ ଏବଂ ଶତାଧିକ ଗ୍ରାମବାସୀମାନେ ଏକତ୍ର ହୋଇ ରାସ୍ତା କଡ଼ରେ ବେଆଇନ ଭାବେ ଆବର୍ଜନା ପକାଯିବା ଦ୍ୱାରା ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣ ଓ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଦୀର୍ଘ ସମୟ ଧରି ରାସ୍ତାରୋକ ଚାଲିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହା ସହିତ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରସ୍ତୁତ କରାଯାଇଥିଲା। ଘଟଣାସ୍ଥଳରେ ପ୍ରଶାସନ ତରଫରୁ ସ୍ଥାନୀୟ ତହସିଲଦାର ଲଗ୍ନଜିତ୍ ବେହେରା ପହଞ୍ଚି




ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ଏବଂ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଥିବା ଦାବିପତ୍ରକୁ ଗ୍ରହଣ କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ଏହି ଗମ୍ଭୀର ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ତହସିଲଦାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଶାସନ ଉଚିତ ପଦକ୍ଷେପ ନ ନିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ସହ ଉପାସନା ମହାପାତ୍ରଙ୍କ ଆଲୋଚନା

କୃଷ୍ଣପ୍ରସାଦ,୬।୧୦(ନିପ୍ର):ବ୍ରହ୍ମଗିରି ଓ ପୁରୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଜନହିତକର କାର୍ଯ୍ୟ ଏବଂ ଉନ୍ନୟନମୂଳକ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହି ଆଲୋଚନାରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଯୋଗଦେଇ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ଓ ଲୋକଙ୍କ ଆବଶ୍ୟକତା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ



କରିଥିଲେ। ସୂଚନା ଅନୁଯାୟୀ, ବ୍ରହ୍ମଗିରି ଓ ପୁରୀ ଅଞ୍ଚଳର ରାସ୍ତାଘାଟ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟସେବା ସମେତ ବିଭିନ୍ନ ଜନକଲ୍ୟାଣମୂଳକ ଓ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଅଞ୍ଚଳର ସାମଗ୍ରିକ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ନେଇ ମତବିନିମୟ ହୋଇଥିବା ଜଣାପଡ଼ିଛି। ଏହି ସାକ୍ଷାତ ସମୟରେ ପୁରୀ ଲୋକସଭା ମଣ୍ଡଳୀର ସାଂସଦ ଡ. ସମ୍ବିତ ପାତ୍ର ଏବଂ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମଧ୍ୟ ଉପସ୍ଥିତ ଥିଲେ।

# ଅକ୍ଟୋବର ୮ ଓଡ଼ିଶା ବନ୍ଦ: କଂଗ୍ରେସର ବ୍ୟାପକ ପ୍ରସ୍ତୁତି ଓ ସଚେତନତା ପଦଯାତ୍ରା

ମହାକାଳପଡ଼ା,୬।୧୦ (ନିପ୍ର): ସାଧାରଣ ଜନତାଙ୍କ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ଦାବିରେ ଆସନ୍ତା ଅକ୍ଟୋବର ୮ ତାରିଖରେ ହେବାକୁଥିବା 'ଓଡ଼ିଶା ବନ୍ଦ'କୁ ସଫଳ କରିବା ପାଇଁ ମହାକାଳପଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ସଫଳ କରିବା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଓ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଚିତ୍ତରଞ୍ଜନ ତରାଇଙ୍କ ନେତୃତ୍ୱ ଏବଂ ବରିଷ୍ଠ କଂଗ୍ରେସ ନେତା ବେଣୁଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ବ୍ଲକ ମୁଖପାତ୍ର ନିରାକାର ଜେନା, ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ, ପ୍ରବିଣ ନାୟକଙ୍କ ସମେତ ସମସ୍ତ ଜୋନ୍ ଓ ପଞ୍ଚାୟତ ସଭାପତି ଏବଂ ବ୍ଲକ କଂଗ୍ରେସ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବୈଠକ ପରେ ଏକ ପଦଯାତ୍ରାରେ ବାହାରି ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଭିନ୍ନ ସରକାରୀ ପ୍ରତିଷ୍ଠାନ, ବ୍ୟାଙ୍କ ଏବଂ ବଜାରରେ ବ୍ୟବସାୟୀଙ୍କୁ ଭେଟି ବନ୍ଦକୁ ଶାନ୍ତିପୂର୍ଣ୍ଣ ସମର୍ଥନ ଜଣାଇବାକୁ ନେତୃବୃନ୍ଦ ନିବେଦନ କରିଥିଲେ। ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳଗୁଡ଼ିକର ସମର୍ଥନରେ ହେଉଥିବା ଏହି ବନ୍ଦ ଜରିଆରେ ଏମଏମଡିଆର ସଂଶୋଧନ ଅଧିନିୟମକୁ ତୁରନ୍ତ ବାତିଲ କରିବା,ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର, ଅପସାରଣ ଓ ଗିରଫ କରାଯିବା,ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସ.ଆଇ.ଆର.) ପ୍ରତ୍ୟାହାର,ପାଠ୍ୟପୁସ୍ତକର ଗୁରୁତର ତ୍ରୁଟି ଏବଂ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା/ବହିଷ୍କାର ତଥା ରାଜ୍ୟର ଆର୍ଥିକ ଅଧିକାର, ଗଣତନ୍ତ୍ରର ସୁରକ୍ଷା, ପିଲାମାନଙ୍କ ଭବିଷ୍ୟତ ଏବଂ ଚଳିତ ବର୍ଷର ଲଗାତାର ବନ୍ୟା ପରିସ୍ଥିତିରେ ରାଜ୍ୟ ସରକାରଙ୍କ ଉଦାସୀନତା ପ୍ରତିବାଦରେ ଏହି ସାମୂହିକ ଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ନେତୃବୃନ୍ଦ ମତବ୍ୟକ୍ତ କରିଛନ୍ତି।

# 'ଚିତ୍ତରଞ୍ଜନ ଦାସଙ୍କ ଜୀବନ ଥିଲା ଆରୋହଣ ଓ ଅବରୋହଣର ସମନ୍ୱୟ'

ରାଉରକେଲା,୬।୧୦ (ନିପ୍ର): ଓଡ଼ିଆ ସାହିତ୍ୟ ଏବଂ ଚିନ୍ତାଜଗତର ପ୍ରାତଃସ୍ମରଣୀୟ ବ୍ୟକ୍ତିତ୍ୱ ଚିତ୍ତରଞ୍ଜନ ଦାସ (ଚିତ୍ତ ଭାଇ) କେବଳ ଜଣେ ସାଧାରଣ ଲେଖକ ନଥିଲେ, ସେ ଥିଲେ ଜଣେ ଗଭୀର ଅନ୍ୱେଷକ। ଜ୍ଞାନ, ଦର୍ଶନ, ବିଶ୍ୱସାହିତ୍ୟ ଏବଂ ଆଧ୍ୟାତ୍ମିକତାର ଉଚ୍ଚତର ସ୍ତରକୁ (ଆରୋହଣ) ପହଞ୍ଚିବା ପାଇଁ ସେ ଆଜୀବନ ସାଧନା କରିଥିଲେ। ତାଙ୍କର ପ୍ରବନ୍ଧ ଓ ଚିନ୍ତାମୂଳକ ରଚନାଗୁଡ଼ିକରେ ମନୁଷ୍ୟର ବୌଦ୍ଧିକ ଓ ଆତ୍ମିକ ବିକାଶର ପ୍ରତିଫଳନ ଦେଖିବାକୁ ମିଳେ। ଜ୍ଞାନର ଶିଖରରେ ପହଞ୍ଚି ମଧ୍ୟ ସେ କେବେହେଲେ ସାଧାରଣ ମଣିଷଠାରୁ ଦୂରେଇ ଯାଇ ନଥିଲେ। ଓଡ଼ିଶାର ଗାଁ ଗଣ୍ଡା, ସାଧାରଣ ମଣିଷର ଦୁଃଖସୁଖ, ଏବଂ ମାଟିର ସୁଗନ୍ଧ ତାଙ୍କ ଲେଖନୀରେ ମୁଖ୍ୟ ସ୍ଥାନ ପାଇଥିଲା। ଏହା ଥିଲା ତାଙ୍କର 'ଅବରୋହଣ'—ଯାହା ଜ୍ଞାନକୁ ସମାଜର ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଥିଲା। ସେ ବିଶ୍ୱବିଦ୍ୟାଳୟର ଚାରି କାନ୍ଥ ଭିତରେ ସୀମିତ ନରହି ମୁକ୍ତ ଆକାଶର ପକ୍ଷୀ ପରି ବୁଲିଥିଲେ ଏବଂ ମଣିଷର ମନକୁ ବୁଝିବାକୁ ଚେଷ୍ଟା କରିଥିଲେ। ତାଙ୍କର ସମଗ୍ର ଜୀବନ ଏକ ତୀର୍ଥଯାତ୍ରା ପରି ଥିଲା, ଯେଉଁଥିରେ ସତ୍ୟ, ସୌନ୍ଦର୍ଯ୍ୟ ଏବଂ ପ୍ରେମର ସନ୍ଧାନ ଥିଲା। ଚିତ୍ତ ଭାଇଙ୍କ ଏହି ଚିନ୍ତାଧାରା ଆଜି ମଧ୍ୟ ଆମକୁ ଜୀବନକୁ ଏକ ସନ୍ତୁଳିତ ଏବଂ ଅର୍ଥପୂର୍ଣ୍ଣ ଦୃଷ୍ଟିରୁ ଦେଖିବା ପାଇଁ ପ୍ରେରଣା ଯୋଗାଏ। ପ୍ରଗତି ଉତ୍କଳ ସଂଘରେ ଚିତ୍ତରଞ୍ଜନ ଦାସଙ୍କ ୧୦୪ତମ ଜୟନ୍ତୀ ପାଳନ ଅବସରରେ ସମ୍ମାନୀତ ବକ୍ତା ଭାବେ ବିଶିଷ୍ଟ ଚିତ୍ତାନୁରାଗୀ ଅଶୋକ କୁମାର ପତି ଏବଂ ମୁଖ୍ୟଅତିଥି ଚିତ୍ତ ପ୍ରେମୀ ଡ. କିଶୋରୀ ଦାଶ ଯୋଗ ଦେଇ ଉପରୋକ୍ତ ମନ୍ତବ୍ୟ ଦେବା ସହ କହିଲେ ଯେ, ଚିତ୍ତ ଭାଇ ଜଣେ ପ୍ରକୃତ ଅର୍ଥରେ 'ଆରୋହଣ ଓ ଅବରୋହଣର ମଣିଷ' ଥିଲେ। ତାଙ୍କର ଜୀବନ ଦର୍ଶନ, ସାହିତ୍ୟିକ ସାଧନା ଏବଂ ମାନବବାଦୀ ଦୃଷ୍ଟିକୋଣ ଏହି ଦୁଇଟି ଧାରାର ଏକ ଅନୁପମ ସମନ୍ୱୟ ଥିଲା। ଡ. ନଗେନ କୁମାର ଦାସଙ୍କ ସଭାପତିତ୍ୱ ଏବଂ ଚିତ୍ତପ୍ରେମୀ ଭାରତ ଭୂଷଣ ମହାନ୍ତିଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଉକ୍ତ ସଭାକୁ ଅତିଥିମାନେ ଚିତ୍ତରଞ୍ଜନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ।

# ଧାମନଗରରେ ବାସନ୍ତୀ ଦୁର୍ଗା ମନ୍ଦିର ସମ୍ପତ୍ତିର ମାର୍ଫତଦାରକୁ ନେଇ ବିବାଦ

ଧାମନଗର,୬।୧୦ (ନିପ୍ର): ଧାମନଗର ବଜାର ସ୍ଥିତ ସର୍ବପୁରାତନ' ବାସନ୍ତୀ ଦୁର୍ଗା ମନ୍ଦିରର ଜମିଜମା, ମନ୍ଦିର ସମ୍ପତ୍ତି ଓ ମାର୍କେଟ କମ୍ପ୍ଲେକ୍ସ ପରିଚାଳନାକୁ ନେଇ ସାମୟିକ ବିବାଦ ଦେଖାଦେଇଛି। ବିବାଦ ନେଇ ମାମଲା କୋର୍ଟରେ ଥିବା ବେଳେ ସୋମବାର ଟ୍ରଷ୍ଟ ପକ୍ଷରୁ ମନ୍ଦିର ପରିସରରେ ସାମ୍ବାଦିକ ସମ୍ମିଳନୀ କରାଯାଇ ନିଜ ପକ୍ଷ ରଖାଯାଇଛି। ଏଥିରେ ସମାଜସେବୀ ଭାସ୍କର ସାମଲ ସଭାପତିତ୍ୱ କରିଥିଲେ। ଟ୍ରଷ୍ଟ ପକ୍ଷର କହିବା ଅନୁଯାୟୀ, ମା' ବାସନ୍ତୀ ଦୁର୍ଗାଙ୍କ ନାମରେ ଥିବା ଜମି ଓ ମାର୍କେଟ କମ୍ପ୍ଲେକ୍ସ ଦୀର୍ଘଦିନ ଧରି ଅବ୍ୟବସ୍ଥିତ ଅବସ୍ଥାରେ ଥିଲା। ମନ୍ଦିରର ପୁନରୁଦ୍ଧାର, ସମ୍ପତ୍ତିର ସୁପରିଚାଳନା ଓ ଉନ୍ନତି ପାଇଁ ୨୦୨୪ରେ ଟ୍ରଷ୍ଟ ଗଠନ କରାଯାଇଥିଲା। ଏହା ପରେ ମନ୍ଦିର ଓ ଏହାର ସମ୍ପତ୍ତିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ ଆରମ୍ଭ ହୋଇଥିବା ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏଥିପାଇଁ ସରକାରୀ ସ୍ତରରେ ମଧ୍ୟ ଅର୍ଥ ବ୍ୟୟବରାଦ ହୋଇଥିବା ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଜଣେ ବ୍ୟକ୍ତି ନିଜକୁ ମା' ବାସନ୍ତୀ ଦୁର୍ଗାଙ୍କ ମାର୍ଫତଦାର ବୋଲି ଦାବି କରି ଟ୍ରଷ୍ଟ ର କାର୍ଯ୍ୟକୁ ବିରୋଧ କରୁଥିବା ଟ୍ରଷ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟ ପକ୍ଷରୁ ଅପର ପକ୍ଷର ଦାବିକୁ ଭିତ୍ତିହୀନ ବୋଲି କୁହାଯିବା ସହ ମନ୍ଦିରର ଉନ୍ନତି କାର୍ଯ୍ୟକୁ ଜାଣିଶୁଣି ବିରୋଧ କରାଯାଉଥିବା ଅଭିଯୋଗ ହୋଇଥିଲା।




ମନ୍ଦିରର ଜମିଜମା ଓ ସମ୍ପତ୍ତିର ପରିଚାଳନା ଅଧିକାର ଟ୍ରଷ୍ଟ ନିକଟରେ ରହିଥିବା ଏବଂ କୋର୍ଟରେ ମଧ୍ୟ ଟ୍ରଷ୍ଟ ସପକ୍ଷରେ ରାୟ ମିଳିଥିବା ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି।ତେବେ ଏହାର ପ୍ରକୃତ ଅଧିକାର ଓ ପରିଚାଳନା ଟ୍ରଷ୍ଟ ପାଖରେ ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟ ସଭାପତି କୈଳାଶ ମହାପାତ୍ର, ସମ୍ପାଦକ ନାରାୟଣ ମହାପାତ୍ରଙ୍କ ସମେତ ବରିଷ୍ଠ ନାଗରୀକ ପରିଷଦର ସଭାପତି ଅନୀଲ ବାରିକ, ଭାସ୍କର ସାମଲ, ନାରାୟଣ ରାଉତ, ରାମଚନ୍ଦ୍ର ଜେନା, ଅଜିତ ଦାଶ, ସରୋଜ ମହାପାତ୍ର, ସିରିୟା ମହାପାତ୍ର, ପର୍ଶୁରାମ ମହାପାତ୍ର ଉପସ୍ଥିତ ରହି ନିଜର ମତ ରଖିଥିଲେ ତେବେ ଏ ଠାରେ ମା ଙ୍କ ପୀଠରେ ତାରିଣୀ, ଶନିଦେବ, ମହାଦେବ, ଜଗନ୍ନାଥ ମନ୍ଦିର ରହିଛି ସମସ୍ତଙ୍କ ସହଯୋଗରେ ଉନ୍ନୟନ କାର୍ଯ୍ୟ କୁ ଆଗକୁ ନେବାକୁ ନିବେଦନ କରିଥିଲେ। କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଜମିରୁ ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ରାୟଗଡା,୬।୧୦(ନିପ୍ର):ଇନ୍ଦିରା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଜମିରୁ ବିଦ୍ୟୁତ ଖୁଣ୍ଟ ହଟାଇବା ପାଇଁ ଜିଲ୍ଲାପାଳଙ୍କୁ ଭେଟି ନିବେଦନ ସହ ଦାବିପତ୍ର ପ୍ରଦାନ। କୋଲନାରା ବ୍ଲକ ସ୍ଥିତ ଖେଡାପଡା, ଥେରୁବାଲି ନିକଟସ୍ଥ ଏକ ସରକାରୀ ଜମିରେ ଏକ ଗୋଷ୍ଠୀଗୃହ ନିର୍ମାଣ ପାଇଁ ସରକାର ଜମି ପ୍ରଦାନ କରିଥିବା ବେଳେ ଥେରୁବାଲି ଇମ୍ଫା କମ୍ପାନୀ ଏହି ସ୍ୱୟଂ ସହାୟିକା ଗୋଷ୍ଠୀକୁ କମ୍ୟୁନିଟି ଗୃହ ନିର୍ମାଣ କରିବା ପାଇଁ ୮ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। କିନ୍ତୁ ଜମିରେ ଏକ ଲୌହ ସ୍ତମ୍ଭ ରହିଥିବାରୁ ସେଠାରେ ଗୃହ ନିର୍ମାଣ କରିବା ପାଇଁ ଅନୁକୂଳ ହେଉନଥିବାରୁ ବା ଗୃହ ନିର୍ମାଣ କାର୍ଯ୍ୟରେ ବାଧା ଉପୁଯାଉଥିବାରୁ ଇମ୍ଫା ପ୍ରଦାନ କରିଥିବା ସହାୟକ ରାଶିର ବିନିଯୋଗ ହୋଇପାରୁନାହିଁ ବୋଲି ଇନ୍ଦିରା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଲକ୍ଷ୍ମୀ ଗାଣ୍ଟା ଓ ସମ୍ପାଦିକା ସୁବର୍ଣ୍ଣ କୌଶଲ୍ୟା ତୁରନ୍ତ ଉକ୍ତ ପ୍ରଦାନ କରାଯାଇଥିବା ସରକାରୀ ଜମିରୁ ଖୁଣ୍ଟକୁ ବାହାର କରି ନିର୍ମାଣ କାର୍ଯ୍ୟ କୁ ଆଗେଇ ନେବାରେ ଅନୁମତି ପ୍ରଦାନ କରିବା ପାଇଁ ଜିଲ୍ଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି। ପୂର୍ବରୁ ସେମାନେ ବ୍ଲକ ବିଡ଼ିଓ ଓ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା କହିଥିଲେ।

# ନୂତନ ରାସନ କାର୍ଡ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

ବୁଗୁଡ଼ା,୬।୧୦ (ନିପ୍ର); ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ହିତାଧିକାରୀମାନଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ନୂତନ ରାସନ କାର୍ଡ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ସରକାରୀ ସହାୟତା ବଣ୍ଟନ କରିଥିଲେ। ରାଜ୍ୟର ପ୍ରତ୍ୟେକ ଗରିବ, ଅସହାୟ ତଥା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା ଏବଂ ସେମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମନ୍ତ୍ରୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୨ ଜଣ ନୂତନ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ୨୯ ଜଣଙ୍କୁ ବୃଦ୍ଧକାଳୀନ ଭତ୍ତା, ୧୧ ଜଣଙ୍କୁ ବିଧବା ଭତ୍ତା ଏବଂ ଅନ୍ୟାନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରାଯାଇଥିଲା। ଏଥି ସହିତ ସ୍ୱଚ୍ଛତା ହିଁ ସେବା - ୨୦୨୬ ଅବସରରେ ବୁଗୁଡ଼ା ଏନ୍.ଏ.ସି. ପକ୍ଷରୁ ଏନ୍.ଏ.ସି. କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବର୍ଜ୍ୟବସ୍ତୁରୁ କଳା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ମନ୍ତ୍ରୀ ଶ୍ରୀ ମଲ୍ଲିକ, ଏନ୍.ଏ.ସି. ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ବନ୍ୟାରେ ବୁଡ଼ିଲା ଶହ ଶହ ଏକର ଧାନ: ତେଲନଦୀ ତଳିଆ ଅଞ୍ଚଳରେ ଫସଲ କ୍ଷତି

ଗୋଲାମୁଣ୍ଡା,୬।୧୦ (ନିପ୍ର); କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ରେଙ୍ଗସାପାଲି ଗ୍ରାମପଞ୍ଚାୟତର ତେଲନଦୀ ତଳୁଆ ଅଞ୍ଚଳରେ ସମ୍ପ୍ରତି ହୋଇଥିବା ବନ୍ୟା ଚାଷୀମାନଙ୍କ ଚିନ୍ତା ବଢ଼ାଇ ଦେଇଛି। ବନ୍ୟାଜଳ ମାଡ଼ି ଆସି ବହୁ ଚାଷଜମି ଜଳମଗ୍ନ ହୋଇଥିବାରୁ ଧାନ ଫସଲର କ୍ଷତି ହୋଇଥିବା ଚାଷୀମାନେ କହିଛନ୍ତି। ଏଥିସହ ଚାଷରେ ଲାଗିଥିବା ଶ୍ରମ, ବିହନ, ସାର ଓ ଅନ୍ୟାନ୍ୟ ଖର୍ଚ୍ଚ ନେଇ ମଧ୍ୟ ଚାଷୀମାନେ ଆର୍ଥିକ ଚାପରେ ପଡ଼ିଛନ୍ତି। ବନ୍ୟା ପରେ କ୍ଷତିଗ୍ରସ୍ତ ଚାଷୀମାନେ କ୍ଷୟକ୍ଷତି ଆକଳନ ପାଇଁ ବୋରଗୁଡ଼ା ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କୁ ଭେଟିଥିବା ଜଣାପଡ଼ିଛି। ଗାଁ ସାଥୀଙ୍କ ମାଧ୍ୟମରେ ସର୍ଭେ କରାଯିବ ବୋଲି ସେମାନଙ୍କୁ କୁହାଯାଇଥିବା ଚାଷୀମାନେ କହିଛନ୍ତି। ତେବେ ଫସଲ କ୍ଷୟକ୍ଷତିର ପ୍ରକୃତ ଚିତ୍ର ସ୍ପଷ୍ଟ କରିବା ପାଇଁ ରାଜସ୍ୱ ଓ କୃଷି ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ଜମିସ୍ତରରେ ଯୁଗ୍ମ ସର୍ଭେ କରାଯିବାକୁ ଚାଷୀମାନେ ଦାବି କରିଛନ୍ତି। ଚାଷୀମାନଙ୍କ କହିବା ଅନୁଯାୟୀ, ସର୍ଭେ ସମୟରେ ପ୍ରତ୍ୟେକ କ୍ଷତିଗ୍ରସ୍ତ ଚାଷୀଙ୍କ ନାମ, ଜମିର ପରିମାଣ, ଖାତା ଓ ପ୍ଲଟ୍ ନମ୍ବର ସହ ଫସଲର କ୍ଷୟକ୍ଷତିର ସଠିକ ତଥ୍ୟ ଲିପିବଦ୍ଧ କରାଯିବା ଆବଶ୍ୟକ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସରକାରୀ ସହାୟତା ପାଇବାରେ ଯୋଗ୍ୟ ଚାଷୀଙ୍କ ଚିହ୍ନଟ ସହଜ ହେବ ବୋଲି ସେମାନେ ଆଶା କରିଛନ୍ତି। ପ୍ରଶାସନିକ ସର୍ଭେ ଓ କ୍ଷୟକ୍ଷତି ଆକଳନ ପରେ ସରକାରୀ ନିୟମ ଅନୁଯାୟୀ ଯୋଗ୍ୟ ଚାଷୀଙ୍କୁ ଫସଲ କ୍ଷତି ସହାୟତା କିମ୍ବା ଉପଲବ୍ଧ ଇନପୁଟ୍ ସହାୟତା ମିଳିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଫସଲ ବୀମାରେ ସାମିଲ ଥିବା ଚାଷୀମାନେ ମଧ୍ୟ ନିୟମ ଅନୁଯାୟୀ ନିଜ ଦାବି ପ୍ରକ୍ରିୟା ସମ୍ପର୍କରେ କୃଷି ବିଭାଗ ଓ ସମ୍ପୃକ୍ତ ବୀମା ବ୍ୟବସ୍ଥା ସହ ଯୋଗାଯୋଗ କରିବାକୁ ଚାଷୀମାନଙ୍କ ପକ୍ଷରୁ ଅନୁରୋଧ ହୋଇଛି। ଏଥିସହ ବନ୍ୟା ପରେ ଯେଉଁ ଜମିରେ ପୁନଃଚାଷ ସମ୍ଭବ, ସେଠାରେ ପରିସ୍ଥିତି ଅନୁଯାୟୀ ଆବଶ୍ୟକ ବିହନ, ସାର ଓ ଅନ୍ୟାନ୍ୟ କୃଷି ଇନପୁଟ୍ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରି ଶୀଘ୍ର କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରନ୍ତୁ ବୋଲି ମଧ୍ୟ ଦାବି ହୋଇଛି ।କେତେକ ଚାଷୀଙ୍କ ପାଖରେ ବନ୍ୟାରେ କ୍ଷତିଗ୍ରସ୍ତ ଜମି ଓ ଧାନ ଫସଲର ଫଟୋ ଏବଂ ଭିଡିଓ ଥିବା ଜଣାପଡ଼ିଛି। ଏଭଳି ଦଲିଲ ଉପଲବ୍ଧ ଥିଲେ ତାହାକୁ ମଧ୍ୟ ପ୍ରଶାସନିକ ଯାଞ୍ଚ ସମୟରେ ବିଚାରକୁ ନିଆଯାଇ ପାରିଲେ କ୍ଷୟକ୍ଷତି ଆକଳନ ଅଧିକ ସ୍ପଷ୍ଟ ହେବ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କ ପ୍ରାଥମିକ ତାଲିକାରେ ଭୁବନେଶ୍ୱର କଟା, ପିତା—ରାମସିଂ କଟା; ରଘୁ ହରିଜନ; ଘଶିଆ ସୁନାନୀ; ଦାମ



ବିଶି, ପିତା—ରାମ ବିଶି; କୁମର କଟା, ପିତା—ରଘୁମାନୀ କଟା; କୃଷ୍ଣ କଟା, ପିତା—ଚନ୍ଦ୍ରଶେଖର କଟା; ସମତୁଲ କଟା, ପିତା—ଧରାମସିଂ କଟା ଏବଂ ଧ୍ରୁବ ହରିଜନ, ପିତା—ସିଙ୍ଗ ହରିଜନଙ୍କ ନାମ ରହିଛି। ତେବେ ଏହି ତାଲିକା ଚାଷୀମାନଙ୍କ ପକ୍ଷରୁ ଦିଆଯାଇଥିବା ପ୍ରାଥମିକ ତଥ୍ୟ ମାତ୍ର। ପ୍ରଶାସନିକ ସର୍ଭେ ଓ ଯାଞ୍ଚ ପରେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କ ସଂଖ୍ୟା, କ୍ଷତିଗ୍ରସ୍ତ ଜମିର ପରିମାଣ ଏବଂ ଫସଲ କ୍ଷୟକ୍ଷତିର ପରିମାଣ ସ୍ପଷ୍ଟ ହେବ। ବନ୍ୟାରେ ଚାଷ ନଷ୍ଟ ହୋଇଥିବା ଚାଷୀମାନଙ୍କ ପାଇଁ ଏବେ ତ୍ୱରିତ ଓ ସ୍ୱଚ୍ଛ କ୍ଷୟକ୍ଷତି ଆକଳନ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ସର୍ଭେ ସମୟରେ ଯୋଗ୍ୟ ଚାଷୀଙ୍କ ତଥ୍ୟ ସଠିକ ଭାବେ ରେକର୍ଡ କରାଯାଇ, ସରକାରୀ ନିୟମ ଅନୁଯାୟୀ ଯେଉଁ ସହାୟତା ପାଇବାକୁ ସେମାନେ ଯୋଗ୍ୟ, ତାହା ଶୀଘ୍ର ପହଞ୍ଚାଇବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Kuchinda, Sambalpur, affidavit no.1310 dtd.06.10.2026, I Sonali Patel, W/o-Subham Patel, At-Gandajamumal, Po-Katarkela, Ps-Kuchinda, Dist-Sambalpur do hereby declare that I have changed my name from Sonali Nayak D/o-Bishok Nayak to Sonali Patel, W/o-Subham Patel. Both Sonali Nayak & Sonali Patel are one & the same person. Henceforth I shall be known as Sonali Patel, W/o-Subham Patel for all purposes.

Sd/-Sonali Patel

**AFFIDAVIT**

By virtue of an affidavit sworn before The Executive Magistrate, Bhawanipatna, Kalahandi, affidavit no.9 dtd.05.10.2026, I, Lucikutty Thomas, Holy Cross convent Medico Social Centre, 1st Main, Maruthi Nagar Madiwala, Bangalore South, Bommanahalli, Bangalore, Karnataka, Pin-560068 do hereby declare that, I have changed my name from Angelina to Lucikutty Thomas. Henceforth I shall be known as Lucikutty Thomas for all purposes.

Sd/-Lucikutty Thomas

# ଟ୍ରେଲର୍ ସହ ପିଟିହେଲା ଏସୟୁଭି; ୭ ମୃତ

ଭାବନଗର,୬।୧୦: ଗୁଜରାଟର ଭାବନଗର ଜିଲ୍ଲାରେ ମଙ୍ଗଳବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରାଜପଥକଡ଼ରେ ପାର୍କିଂ ହୋଇଥିବା ଏକ ଟ୍ରେଲର୍ ଟ୍ରକ୍ ପଛରେ ଏକ ଦ୍ରୁତଗାମୀ ଏସୟୁଭି (ବୋଲେରୋ) ପିଟିହେବା ଯୋଗୁଁ ୭ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ପୁଲିସ ସୂଚନା ଦେଇଛି । ଜିଲ୍ଲା ଏସପି ନୀତେଶ ପାଣ୍ଡେ ଜଣାଇଛନ୍ତି ଯେ, ମୃତକମାନେ ସମସ୍ତେ ଭାବନଗରରୁ ଆଲାଙ୍ଗ ଅଞ୍ଚଳକୁ ଯାଉଥିଲେ, ଯେଉଁଠାରେ ସେମାନେ ଏକ ସିପ୍ୟାର୍ଡରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ପୁଲିସର ସୂଚନା ଅନୁଯାୟୀ, ଭାବନଗର-ସୋମନାଥ ଜାତୀୟ ରାଜପଥର ତଲାଜା ତାଲୁକ ଅଧୀନରେ ଥିବା ତ୍ରାପଜ ଗ୍ରାମ ନିକଟସ୍ଥ ସର୍ଭିସ୍ ରୋଡରେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଏହି ଭୟଙ୍କର ଦୁର୍ଘଟଣା ଘଟିଛି । ଟ୍ରେଲର ସହ ପ୍ରଚଣ୍ଡ ଧକ୍କା ଯୋଗୁଁ ଘଟଣାସ୍ଥଳରେ ହିଁ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ବ୍ୟକ୍ତି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି ।

# ବସ୍‌ରେ ଅଗ୍ନିକାଣ୍ଡ: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ନୂଆଦିଲ୍ଲୀ,୬।୧୦: ଯମୁନା ଏକ୍ସପ୍ରେସୱେରେ ଏକ ସ୍ଲିପର ବସରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଦିଲ୍ଲୀରୁ ବିହାରର ମୁଜାଫରପୁର ଯାଉଥିବା ଏହି ବସ୍‌ରେ ହଠାତ୍ ନିଆଁ ଲାଗିଯିବା ପରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ବସରେ ମୋଟ ୩୨ ଜଣ ଯାତ୍ରୀ ଥିବା ବେଳେ ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଛି । ଏବେ ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ଜଣାପଡ଼ିଛି । ଏହି ଘଟଣା ନୋଏଡାର ନଲେଜ୍ ପାର୍କ ଥାନା ଅଞ୍ଚଳରେ ଘଟିଥିବା କୁହାଯାଉଛି । ବସ୍‌ରେ ଟ୍ୟାଙ୍କରେ ଲିକେଜ୍ ହେବା ପରେ ନିଆଁ ଲାଗିଥିବା ପ୍ରାଥମିକ ଭାବେ ଜଣାପଡ଼ିଛି । ସୂଚନା ପାଇବା ପରେ ଦମକଳ ବାହିନୀର ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ।

# ସୁନା ଓ ରୁପା ଦରରେ ବଡ଼ ହ୍ରାସ

ନୂଆଦିଲ୍ଲୀ,୬।୧୦: ମଙ୍ଗଳବାର ସୁନା ଓ ରୁପା ମୂଲ୍ୟରେ ହ୍ରାସ ଘଟିଛି । ଇଣ୍ଡିଆ ବୁଲିଅନ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ ଆନୁସାରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟରେ ୯୨୦ ଟଙ୍କା ହ୍ରାସ ପାଇଛି । ଫଳରେ ଦର ୧ ଲକ୍ଷ ୪୭ ହଜାର ଟଙ୍କାକୁ ଖସି ଆସିଛି । ସେହିପରି ଆଜି ରୁପା ମୂଲ୍ୟରେ ୩,୧୭୬ ଟଙ୍କା ହ୍ରାସ ପାଇ ଏକ କିଲୋଗ୍ରାମ ରୁପା ଦର ୨ ଲକ୍ଷ ୨୧ ହଜାର ଟଙ୍କା ହୋଇଛି । ଅକ୍ଟୋବର ମାସରେ ସୁନା ଓ ରୁପା ଦର କମ-ବେଶି ହେଉଥିବା ବେଳେ ସେପ୍ଟେମ୍ବରରେ ଉଭୟ ଧାତୁର ମୂଲ୍ୟ କମିଥିଲା । ସେପ୍ଟେମ୍ବର ମାସରେ ସୁନା ମୂଲ୍ୟରେ ୮ ହଜାର ଟଙ୍କା ହ୍ରାସ ପାଇଥିଲା । ରୁପା ମୂଲ୍ୟରେ ୧୫ ହଜାର କମିଥିଲା । ୩୧ ଅଗଷ୍ଟରେ ସୁନା ଦର ୧ ଲକ୍ଷ ୫୬ ହଜାର ଟଙ୍କା ଥିବା ବେଳେ ସେପ୍ଟେମ୍ବର ୩୦ରେ ଏହାର ଦାମ ହ୍ରାସ ପାଇ ୧ ଲକ୍ଷ ୪୮ ହଜାର ଟଙ୍କା ହୋଇଥିଲା ।

# ଦିଲ୍ଲୀ ପୁଲିସ କର୍ମୀଙ୍କ ଠାରେ ଲାଗିବ ବଡି-ୱୋର୍ଣ୍ଣ କ୍ୟାମେରା




ନୂଆଦିଲ୍ଲୀ,୬।୧୦: ରାଜଧାନୀ ଦିଲ୍ଲୀରେ ଆନ୍ଦୋଳନ ଓ ବିକ୍ଷୋଭ ସମୟରେ ପୋଲିସ ବିରୋଧରେ ଆସୁଥିବା ଅସଦାଚରଣ ଓ ନିର୍ଯାତନା ଅଭିଯୋଗକୁ ନେଇ ଦିଲ୍ଲୀ ପୋଲିସ ଏକ ବଡ଼ ପଦକ୍ଷେପ ନେଇଛି । ନୂଆଦିଲ୍ଲୀ ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ ଓ ଆନ୍ଦୋଳନ ସମୟରେ ମୁତୟନ ପୁଲିସ କର୍ମଚାରୀଙ୍କୁ ବଡି-ୱୋର୍ଣ୍ଣ କ୍ୟାମେରା ପ୍ରଦାନ କରାଯାଇଛି । ଏହି କ୍ୟାମେରା ଦ୍ୱାରା ପୁଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ହେଉଥିବା ଆଲୋଚନା, ଧସ୍ତାଧସ୍ତି କିମ୍ବା ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନର ସିଧାସଳଖ ଭିଡିଓ ରେକର୍ଡ ରହିବ । ଭୋଟର ତାଲିକା ସଂଶୋଧନ ବା ଏସଆଇଆରକୁ ନେଇ ଜାରି ଥିବା ବିକ୍ଷୋଭ ପରିପ୍ରେକ୍ଷୀରେ ନିର୍ବାଚନ କମିଶନ ମୁଖ୍ୟାଳୟକୁ ଯାଉଥିବା ରାସ୍ତା, ପ୍ରମୁଖ ପ୍ରତିବାଦ ସ୍ଥଳ ଏବଂ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ ହୋଇଥିବା କର୍ମଚାରୀଙ୍କୁ ଏହି କ୍ୟାମେରା ପିନ୍ଧିବାକୁ କୁହାଯାଇଛି । ଏହା ଫଳରେ ପୁଲିସର ଉତ୍ତରଦାୟିତ୍ୱ ବଢ଼ିବା ସହ ଅଭିଯୋଗ ଉଠିଲେ ତାହାର ନିରପେକ୍ଷ ତଦନ୍ତ ପାଇଁ ଭିଡିଓ ପ୍ରମାଣ ମିଳିପାରିବ । ଏହି ପଦକ୍ଷେପ ପଛରେ ଅକ୍ଟୋବର ୨ ତାରିଖରେ ଯନ୍ତର ମନ୍ତରରେ ହୋଇଥିବା ପ୍ରତିବାଦ ସମୟର ଏକ ଘଟଣାକୁ ଗୁରୁତ୍ୱପୂର୍ଣ୍ଣ କାରଣ ଭାବେ ଦେଖାଯାଉଛି । ସେହି ସମୟରେ ତିନି ଜଣ ମହିଳା ସାମ୍ବାଦିକା ପୋଲିସ କର୍ମଚାରୀଙ୍କ ବିରୋଧରେ ଯୌନ ନିର୍ଯାତନା ଓ ଦୁର୍ବ୍ୟବହାରର ଗୁରୁତର ଅଭିଯୋଗ ଆଣିଥିଲେ । ଘଟଣାର ତଦନ୍ତ କ୍ରାଇମ୍ ବ୍ରାଞ୍ଚକୁ ଦିଆଯାଇଥିବା ବେଳେ ଅଭିଯୁକ୍ତଙ୍କ ବିରୋଧରେ ଏଫଆଇଆର୍ ରୁଜୁ ଦାବିରେ ସାମ୍ବାଦିକମାନେ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ଥାନା ସମ୍ମୁଖରେ ବିକ୍ଷୋଭ ଜାରି ରଖିଛନ୍ତି ।

# ନାଇଜେରିଆରେ ବିମାନ ଦୁର୍ଘଟଣା: ୩୨ ମୃତ

ନୂଆଦିଲ୍ଲୀ,୬।୧୦: ନାଇଜେରିଆରୁ ଆସିଛି ଏକ ବଡ଼ ଦୁଃଖଦ ଖବର । ଭୟଙ୍କର ବିମାନ ଦୁର୍ଘଟଣାରେ ଚାଲିଗଲା ୩୨ ଜଣଙ୍କ ଜୀବନ । ମୃତକଙ୍କ ମଧ୍ୟରେ ରହିଛନ୍ତି ୭ ଜଣ ବିମାନ କର୍ମଚାରୀ ଏବଂ ୨୫ ଜଣ ଯାତ୍ରୀ । ସୂଚନା ଅନୁସାରେ, ନାଇଜେରିଆର ବେନିନ୍ ସିଟିରୁ ଲାଗୋସ ଅଭିମୁଖେ ଉଡ଼ାଣ ଭରିଥିଲା ନାଇଜେରୀୟ ବାୟୁସେନାର ଏକ ବିମାନ । ସୋମବାର ସକାଳ ପ୍ରାୟ ୯ଟା ସମୟରେ ହଠାତ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ସହ ବିମାନର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଏହାପରେ ବିମାନର ସନ୍ଧାନ ଆରମ୍ଭ କରିଥିଲେ ଉଦ୍ଧାରକାରୀ ଦଳ । ଶେଷରେ ଇଗବୋକୋଡା ଉପକୂଳବର୍ତ୍ତୀ ସହର ନିକଟରେ ବିମାନର ଭଗ୍ନାବଶେଷ ଠାବ କରାଯାଇଥିଲା । ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ନଦୀ ନିକଟରେ ବିମାନଟି ଖସିପଡ଼ିଥିଲା । ବିମାନର କିଛି ଅଂଶ ପାଣି ଭିତରେ ବୁଡ଼ି ରହିଥିବା ମଧ୍ୟ ଜଣାପଡ଼ିଛି । ଦୁର୍ଘଟଣା ପୂର୍ବରୁ ଏକ ପ୍ରଚଣ୍ଡ ଶବ୍ଦ ଶୁଣିଥିବା କହିଛନ୍ତି ସ୍ଥାନୀୟ ଲୋକେ । ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନେ ଅତ୍ୟନ୍ତ ଭୟଙ୍କର ଦୃଶ୍ୟ ଦେଖିଥିଲେ । ଘଟଣାସ୍ଥଳରେ ମୃତଦେହର ଅଂଶ, ପୋଷାକ ଏବଂ ଜୋତା ଆଦି ବିକ୍ଷିପ୍ତ ହୋଇ ପଡ଼ିଥିବା ସୂଚନା ମିଳିଛି । ଏହି ଭୟାବହ ଦୁର୍ଘଟଣା ପରେ ନାଇଜେରିଆର ରାଷ୍ଟ୍ରପତି ବୋଲା ଟିନୁବୁ ଶୋକ ପ୍ରକାଶ କରିଛନ୍ତି । ବିମାନରେ ଥିବା କେହି ବି ଜୀବିତ ନଥିବା ସେ ନିଶ୍ଚିତ କରିବା ସହ, ଦୁର୍ଘଟଣାର ପ୍ରକୃତ କାରଣ ତୁରନ୍ତ ଖୋଜି ବାହାର କରିବାକୁ ନାଇଜେରୀୟ ବାୟୁସେନାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଘଟଣାସ୍ଥଳରେ ବାୟୁସେନା ଏବଂ ଉଦ୍ଧାରକାରୀ ଦଳ ପକ୍ଷରୁ ତଦନ୍ତ ଓ ଖୋଜାଖୋଜି ଜାରି ରହିଛି । ତେବେ ବିମାନଟି କାହିଁକି ଦୁର୍ଘଟଣାଗ୍ରସ୍ତ ହେଲା, ଏହାର ପ୍ରକୃତ କାରଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ।

# ସ୍କୁଲ ପ୍ରାର୍ଥନା ସମୟରେ ସମ୍ବିଧାନର ପ୍ରସ୍ତାବନା ପାଠ

## ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ




ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ସାରା ଦେଶର ସ୍କୁଲଗୁଡ଼ିକରେ ସକାଳ ସଭାରେ ପ୍ରତିଦିନ ସମ୍ବିଧାନର ପ୍ରସ୍ତାବନା ପାଠ କରିବାକୁ ବାଧ୍ୟତାମୂଳକ କରିବା ପାଇଁ ଏକ ଜନସ୍ୱାର୍ଥ ମାମଲାକୁ ଖାରଜ କରିଦେଇଛନ୍ତି । ବିଚାରପତି ବିକ୍ରମ ନାଥ, ସନ୍ଦୀପ ମେହେଟ୍ଟା ଏବଂ ଅଗଷ୍ଟିନ ଜର୍ଜ ମାସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନର ବିଚାର କରିବାକୁ ମନା କରିଦେଇ କହିଛନ୍ତି ଯେ, ସମ୍ବିଧାନର ପ୍ରସ୍ତାବନା ପୂର୍ବରୁ ସ୍କୁଲ ପାଠ୍ୟକ୍ରମର ଏକ ଅଂଶ ଏବଂ ସାରା ଦେଶରେ ଷଷ୍ଠ ଶ୍ରେଣୀରୁ ଛାତ୍ରଛାତ୍ରୀମାନଙ୍କୁ ପଢ଼ାଯାଇଥାଏ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରାଜଧାନୀ କଲେଜର ସହାୟକ ପ୍ରଫେସର ଧୀରଜ କୁମାର ଏହି ଆବେଦନ ଦାଖଲ କରିଥିଲେ । ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମ୍ବିଧାନିକ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ପାଇଁ ସାରା ଦେଶରେ ଏକ ସମାନ ନୀତି ପ୍ରଣୟନ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏବଂ ସିବିଏସଇକୁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଦାବି କରାଯାଇଥିଲା । ଆବେଦନରେ ଯୁକ୍ତି ଦିଆଯାଇଥିଲା ଯେ, ଯେପରି ସ୍କୁଲଗୁଡ଼ିକରେ ସାମୂହିକ ଭାବରେ ଜାତୀୟ ସଙ୍ଗୀତ ଗାନ କରାଯାଉଛି ସେହିପରି ସମ୍ବିଧାନର ପ୍ରସ୍ତାବନାର ନିୟମିତ ସାମୂହିକ ପାଠ ପିଲାମାନଙ୍କ ମଧ୍ୟରେ ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱ ଭଳି ସାମ୍ବିଧାନିକ ମୂଲ୍ୟବୋଧ ସମ୍ପର୍କରେ ବୁଝାମଣା ସୃଷ୍ଟି କରିବ । ଆବେଦନକାରୀ ଧାରା ୨୧-ଏ ଅନୁଯାୟୀ ଶିକ୍ଷାର ମୌଳିକ ଅଧିକାର ଏବଂ ଧାରା ୫୧-ଏ(ଏ) ଅନୁଯାୟୀ ମୌଳିକ କର୍ତ୍ତବ୍ୟର ଉଦାହରଣ ଦେଇଥିଲେ । ଆବେଦନରେ ରାଜସ୍ଥାନ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍କୁଲାରକୁ ମଧ୍ୟ ଉଲ୍ଲେଖ କରାଯାଇଥିଲା, ଯେଉଁଥିରେ ସରକାରୀ ଏବଂ ସମ୍ପୃକ୍ତ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ସକାଳ ସଭାରେ ସମ୍ବିଧାନର ପ୍ରସ୍ତାବନା ପାଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସୁପ୍ରିମକୋର୍ଟରେ ଦାଖଲ ହୋଇଥିବା ଆବେଦନରେ ସିବିଏସଇର ମେ' ୨୦୨୫ ସର୍କୁଲାରକୁ ମଧ୍ୟ ଉଦ୍ଧୃତ କରାଯାଇଥିଲା । ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ ସମ୍ବିଧାନର ପ୍ରସ୍ତାବନା ପାଠ କରିବା ନାଗରିକ ଚେତନା ବିକାଶ ପାଇଁ ସବୁଠାରୁ ପ୍ରଭାବଶାଳୀ ସକାରାତ୍ମକ ପଦକ୍ଷେପ ହୋଇପାରେ । ତେବେ ସୁପ୍ରିମକୋର୍ଟ ଆବେଦନକୁ ଗ୍ରହଣ ନକରି ଖାରଜ କରିଦେଇଛନ୍ତି ।

# ସୁପ୍ରିମକୋର୍ଟରେ ୩ ନୂଆ ବିଚାରପତିଙ୍କ ଶପଥ

ନୂଆଦିଲ୍ଲୀ,୬।୧୦: ସୁପ୍ରିମକୋର୍ଟରେ ମଙ୍ଗଳବାର ୩ ନବନିଯୁକ୍ତ ବିଚାରପତି ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି । ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟ ପରିସରରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ଜଷ୍ଟିସ୍ ସୁନୀତା ଅଗ୍ରୱାଲ, ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କୁ ଶପଥ ପାଠ କରାଇଛନ୍ତି । ୩ ନୂଆ ବିଚାରପତିଙ୍କ ଯୋଗଦାନ ପରେ ସୁପ୍ରିମକୋର୍ଟରେ କାର୍ଯ୍ୟରତ ଜଜଙ୍କ ସଂଖ୍ୟା ୩୭ରେ ପହଞ୍ଚିଛି । ଏଥିରେ ସିଜେଆଇ ସୂର୍ଯ୍ୟକାନ୍ତ ମଧ୍ୟ ସାମିଲ ଅଛନ୍ତି । ସୁପ୍ରିମକୋର୍ଟରେ ମୋଟ ୩୮ ଜଣ ବିଚାରପତିଙ୍କ ପଦ ମଞ୍ଜୁର ହୋଇଥିବାରୁ ଏବେ ଗୋଟିଏ ପଦ ଖାଲି ରହିଛି । ଏହାପୂର୍ବରୁ ସର୍ବୋଚ୍ଚ ଅଦାଲତରେ ସିଜେଆଇଙ୍କ ସମେତ ମୋଟ ୩୪ ଜଣ ବିଚାରପତି କାର୍ଯ୍ୟରତ ଥିଲେ । ଏକ ଦିନ ପୂର୍ବରୁ କେନ୍ଦ୍ରୀୟ ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସୋସିଆଲ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟ କରି ଏହି ୩ ଜଣଙ୍କ ନିଯୁକ୍ତି ସମ୍ପର୍କରେ ସୂଚନା ଦେଇଥିଲେ । ସିଜେଆଇ ସୂର୍ଯ୍ୟକାନ୍ତଙ୍କ ସହ ପରାମର୍ଶ ପରେ ରାଷ୍ଟ୍ରପତି ତିନିଜଣଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ନିଯୁକ୍ତ କରିଥିଲେ । ସୁପ୍ରିମକୋର୍ଟ କଲେଜିୟମ୍ ପକ୍ଷରୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି



ଜଷ୍ଟିସ୍ ସୁନୀତା ଅଗ୍ରୱାଲଙ୍କ ନାମ ସୁପ୍ରିମକୋର୍ଟ ପାଇଁ ସୁପାରିସ କରାଯାଇଥିଲା । ତାଙ୍କ ମୂଳ ହାଇକୋର୍ଟ ହେଉଛି ଆହ୍ଲାବାଦ ହାଇକୋର୍ଟ । ସେହିପରି ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅପରେଶ କୁମାର ସିଂହଙ୍କ ନାମ ମଧ୍ୟ ସୁପାରିସ କରାଯାଇଥିଲା । ଜଷ୍ଟିସ୍ ଉପାଧ୍ୟାୟଙ୍କ ମୂଳ ହାଇକୋର୍ଟ ଆହ୍ଲାବାଦ ହୋଇଥିବା ବେଳେ ଜଷ୍ଟିସ୍ ସିଂହଙ୍କ ମୂଳ ହାଇକୋର୍ଟ ଝାଡ଼ଖଣ୍ଡ ।

# ନୀମ କରୋଲି ବାବାଙ୍କ ମନ୍ଦିରରେ ବଢୁଛି ଭକ୍ତଙ୍କ ଭିଡ଼

ନୂଆଦିଲ୍ଲୀ,୬।୧୦: ନୀମ କରୋଲି ବାବାଙ୍କ ପ୍ରସିଦ୍ଧ କୈଞ୍ଚିଧାମରେ ଦିନକୁ ଦିନ ବଢୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ଏବେ ନୂଆ ବ୍ୟବସ୍ଥା ଉପରେ ବିଚାର କରୁଛି । ଭବିଷ୍ୟତରେ କୈଞ୍ଚିଧାମ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ରେଜିଷ୍ଟ୍ରେସନ୍ ବାଧ୍ୟତାମୂଳକ କରାଯିବା ସହ ଗୋଟିଏ ଦିନରେ କେତେ ଭକ୍ତ ଦର୍ଶନ କରିପାରିବେ, ସେଥିପାଇଁ ସୀମା ନିର୍ଦ୍ଧାରଣ କରାଯାଇପାରେ । କୈଞ୍ଚିଧାମରେ ବଢୁଥିବା ଟ୍ରାଫିକ୍ ଚାପ, ପାର୍କିଂ ସମସ୍ୟା ଓ ଅସମ୍ଭବ ଭିଡ଼କୁ ନେଇ କୁମାଉଁ ଆୟୁକ୍ତ ଦୀପକ ରାୱତ ବିଭାଗୀୟ ଅଧିକାରୀ, ହୋଟେଲ ବ୍ୟବସାୟୀ ଏବଂ ଅନ୍ୟ ଷ୍ଟେକ୍‌ହୋଲ୍ଡରଙ୍କ ସହ ବୈଠକ କରିଛନ୍ତି ।

# ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଅଭିନନ୍ଦନ ଜଣାଇ କେନ୍ଦ୍ର କ୍ୟାବିନେଟରେ ସଙ୍କଳ୍ପ ପାରିତ

ନୂଆଦିଲ୍ଲୀ,୬।୧୦(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରର ମୁଖ୍ୟ ଭାବେ କ୍ରମାଗତ ୨୫ ବର୍ଷର ନେତୃତ୍ୱ ପୂରଣ କରିଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇ କେନ୍ଦ୍ର କ୍ୟାବିନେଟ ଆଜି ଏକ ସଂକଳ୍ପ ପାରିତ କରିଛି । ଏହା ପାରମ୍ପରିକ ଅଭିନନ୍ଦନ ଠାରୁ ବହୁତ ଅଧିକ ଏବଂ ଏହା 'ରାଷ୍ଟ୍ର ପ୍ରଥମ' ଏବଂ 'ନାଗରିକ ପ୍ରଥମ' ନୀତି ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅସାଧାରଣ ଯାତ୍ରାକୁ ପ୍ରତିଫଳିତ କରେ । ଗୁଜୁରାଟରେ ତିନୋଟି ବିପୁଳ ଜନାଦେଶ ଏବଂ କ୍ରମାଗତ ତିନୋଟି ଲୋକସଭା ନିର୍ବାଚନରେ ସମର୍ଥନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଜନସାଧାରଣଙ୍କ ସ୍ଥାୟୀ ବିଶ୍ୱାସକୁ ପ୍ରତିଫଳିତ କରେ । ଦଶଟି ପ୍ରମୁଖ ବୈଶିଷ୍ଟ୍ୟ ଗୁଜରାଟରେ ତାଙ୍କ ନେତୃତ୍ୱକୁ ଭାରତରେ ତାଙ୍କ ନେତୃତ୍ୱ ସହିତ ଯୋଡୁଥିବା ଅତୁଟ ସମ୍ପର୍କକୁ ଦର୍ଶାଇଥାଏ । ଗୁଜରାଟର ସଫଳ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କିପରି ଜାତୀୟ ସ୍ତରକୁ ନେଇଯାଇଥିଲେ ତାହା ଏହି ସଂକଳ୍ପରେ ଦର୍ଶାଯାଇଛି ।

# ଓମାନ ଉପକୂଳ ନିକଟରେ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ

## ୧୧ ଭାରତୀୟ ନାବିକ ଆହତ

ନୂଆଦିଲ୍ଲୀ,୬।୧୦: ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯାଉଥିବା ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ହୋଇଛି । ଓମାନ ଉପକୂଳ ନିକଟରେ ପାନାମା ପତାକା ଲାଗିଥିବା 'ଏମଟି ଅନ୍ ପିସ୍' ଜାହାଜ ଉପରେ ମଙ୍ଗଳବାର ଏହି ଆକ୍ରମଣ ହୋଇଥିବା ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଜାହାଜରେ ମୋଟ ୧୯ ଜଣିଆ କ୍ରୁ ଥିଲେ । ସେମାନଙ୍କ ମଧ୍ୟରୁ ୧୭ ଜଣ ଭାରତୀୟ ନାଗରିକ । ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯାଉଥିବା ସମୟରେ ଜାହାଜରେ ଏକ ପ୍ରୋଜେକ୍ଟାଇଲ୍ ମାଡ଼ ହୋଇଥିଲା । ଏହି



ଆକ୍ରମଣରେ ମୋଟ ୧୨ ଜଣ କ୍ରୁ ସଦସ୍ୟ ଆହତ ହୋଇଥିବା ବେଳେ ସେଥିରେ ୧୧ ଜଣ ଭାରତୀୟ ନାବିକ ରହିଛନ୍ତି । ଓମାନ କର୍ତ୍ତୃପକ୍ଷଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଜାହାଜରୁ ସୁରକ୍ଷିତ ଭାବେ ବାହାର କରାଯାଇଛି । ପରେ ସେମାନଙ୍କୁ ଓମାନର ଖାସାବକୁ ନିଆଯାଇଥିଲା । ସେଠାରେ ସମସ୍ତ ଆହତଙ୍କ ଚିକିତ୍ସା ଚାଲିଛି । ସହଯୋଗ ପାଇଁ ଭାରତ ଓମାନ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛି । ଏହି ଘଟଣାକୁ ଭାରତ କଡ଼ା ନିନ୍ଦା କରିବା ସହ ଅଞ୍ଚଳରେ ବାଣିଜ୍ୟିକ ଜାହାଜ ଉପରେ ବାରମ୍ବାର ହେଉଥିବା ଆକ୍ରମଣକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଛି । ବାଣିଜ୍ୟିକ ଜାହାଜ, ନାବିକ ଓ ନାଗରିକ ଭିତ୍ତିଭୂମିକୁ ଟାର୍ଗେଟ୍ କରିବା ବନ୍ଦ କରାଯିବା ସହ ଅନ୍ତର୍ଜାତୀୟ ଜଳପଥରେ ନୌପରିବହନ ଓ ବାଣିଜ୍ୟକୁ ଶୀଘ୍ର ସ୍ୱାଭାବିକ କରିବାକୁ ଭାରତ ଆହ୍ୱାନ ଦେଇଛି ।

# ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମରୁ ଶିଷ୍ୟଙ୍କ ଠାରୁ ଛଡ଼ାଇ ନିଆଯାଏ ଫୋନ୍ ଓ ସିମ୍ କାର୍ଡ



ନୂଆଦିଲ୍ଲୀ,୬।୧୦: ବୃନ୍ଦାବନର ପ୍ରସିଦ୍ଧ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମରେ ସେପ୍ଟେମ୍ବର ୨୫ ତାରିଖରେ ସାଧକ ରସିକ ଦୁଲାରୀ ଓରଫ ଦୀପକ ଲୋଧୀଙ୍କ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ଘଟଣା ଦିନକୁ ଦିନ ରହସ୍ୟମୟ ହେବାରେ ଲାଗିଛି । ଆଶ୍ରମର ଚତୁର୍ଥ ମହଲାରୁ ଖସିପଡ଼ି ତାଙ୍କ ମୃତ୍ୟୁ ହୋଇଥିଲା । ପ୍ରାରମ୍ଭରେ ଏହାକୁ ଆତ୍ମହତ୍ୟା ଭାବେ ଧରି ତଦନ୍ତ କରାଯାଉଥିଲା । କିନ୍ତୁ ଏବେ ପୁଲିସ ତଦନ୍ତ, ସିସିଟିଭି ଫୁଟେଜ୍ ଓ ଫୋରେନସିକ ରିପୋର୍ଟ ସାମ୍ନାକୁ ଆସିବା ପରେ ଅନେକ ଆଶ୍ଚର୍ଯ୍ୟଜନକ ଓ ରହସ୍ୟମୟ ପ୍ରଶ୍ନ ଉଠିଛି । ଏହି ମାମଲାରେ ମଥୁରା ପୋଲିସ ଏପର୍ଯ୍ୟନ୍ତ ୮୫ ଜଣଙ୍କ ବୟାନ ରେକର୍ଡ କରିଛି । ଏଥିସହ ରସିକ ଦୁଲାରୀଙ୍କ ରକ୍ତ ନମୁନା ଫୋରେନସିକ୍ ଯାଞ୍ଚ ପାଇଁ ପଠାଯାଇଛି । ପୁଲିସ ସୂତ୍ରକୁ ପ୍ରକାଶ, ତଦନ୍ତ ବେଳେ ଆଶ୍ରମର କିଛି କଠୋର ନିୟମ ସାମ୍ନାକୁ ଆସିଛି । ଆଶ୍ରମରେ ସାଧକ କିମ୍ବା ଶିଷ୍ୟ ହେବା ପରେ ସେମାନଙ୍କ ବ୍ୟକ୍ତିଗତ ମୋବାଇଲ୍ ଜମା ନିଆଯାଉଥିଲା ଏବଂ ଆଶ୍ରମ ପକ୍ଷରୁ ନୂଆ ମୋବାଇଲ୍ ଓ ସିମ୍ କାର୍ଡ ଦିଆଯାଉଥିଲା । ଏହି ନୂଆ ମୋବାଇଲ୍ ଓ ସିମର ବ୍ୟବହାର କିପରି ହେଉଥିଲା । ସେମାନଙ୍କ କଲ୍ କିମ୍ବା ମେସେଜ୍ ଉପରେ ନଜର ରଖାଯାଉଥିଲା କି ନାହିଁ, ତାହା ମଧ୍ୟ ଯାଞ୍ଚ କରାଯାଉଛି । ଏଥିସହ ସାଧକମାନଙ୍କ ପୁରୁଣା ସମ୍ପର୍କ ଓ ପୃଷ୍ଠଭୂମି ସମ୍ପର୍କିତ ତଥ୍ୟ କେଉଁଠାରେ ଏବଂ କାହା ପାଖରେ ସଂରକ୍ଷିତ ରହୁଥିଲା ସେନେଇ ମଧ୍ୟ ପୁଲିସ ତଦନ୍ତ କରୁଛି । ପୁଲିସ ଅନୁସାରେ, ଆଶ୍ରମରେ ରହୁଥିବା ସାଧକମାନଙ୍କର ପରିବାର ଓ ପୁରୁଣା ବନ୍ଧୁମାନଙ୍କ ସହ ଯୋଗାଯୋଗ ବହୁତ ସୀମିତ କିମ୍ବା ପ୍ରାୟ ବନ୍ଦ ହୋଇଯାଉଥିଲା । ତଦନ୍ତରେ ସବୁଠାରୁ ଜଟିଳ ଦିଗ ହେଉଛି ରସିକ ଦୁଲାରୀଙ୍କ ଶରୀରରେ ମିଳିଥିବା ଗୁରୁତର ଆଘାତ ଏବଂ ସିସିଟିଭିରେ କଏଦ ହୋଇଥିବା ତାଙ୍କ ଗତିବିଧି । ଶବବ୍ୟବଚ୍ଛେଦ ଓ ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ରସିକ ଦୁଲାରୀଙ୍କ ଗୁପ୍ତାଙ୍ଗରେ ଅତ୍ୟନ୍ତ ଗୁରୁତର ଆଘାତ ଲାଗିଥିଲା ।

# ସାଉଦି ଆରବରେ ପାକିସ୍ତାନ-ତୁର୍କୀ ସେନା ହେବେ ମୁତୟନ

## ହୁତୀ ବିଦ୍ରୋହୀଙ୍କ ବିରୋଧରେ ତିନି ଦେଶ ହୋଇଛନ୍ତି ଏକତ୍ର



ନୂଆଦିଲ୍ଲୀ,୬।୧୦: ଲାଲ ସାଗରରେ ହୁତୀ ବିଦ୍ରୋହୀଙ୍କ ବଢୁଥିବା ଶକ୍ତି ଏବେ ସାଉଦି ଆରବକୁ ସିଧାସଳଖ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ କରିଛି । ସାଉଦି ସମର୍ଥିତ ୟେମେନି ସେନା ହୁତୀଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଛି । ଏହି ସମୟରେ, ପାକିସ୍ତାନ ଏବଂ ତୁର୍କୀ ମଧ୍ୟ ସାଉଦି ଆରବକୁ ସୁରକ୍ଷା ଦେବା ପାଇଁ ସେମାନଙ୍କର ସାମରିକ ବାହିନୀ ମୁତୟନ କରିବାକୁ ପ୍ରସ୍ତୁତ ହେଉଛନ୍ତି । ରିୟାଦରେ ମକ୍କା ପ୍ରତିରକ୍ଷା ଚୁକ୍ତିର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ସାଉଦି ଆରବ, ପାକିସ୍ତାନ ଏବଂ ତୁର୍କୀ ସାମୂହିକ ପ୍ରତିରକ୍ଷା ବ୍ୟବସ୍ଥାକୁ ସକ୍ରିୟ କରିବା ଏବଂ ସାଉଦି ଆରବରେ ଦ୍ରୁତ ଗତିରେ ସାମରିକ ବାହିନୀ ମୁତୟନ କରିବାକୁ ରାଜି ହୋଇଥିଲେ । ପୂର୍ବରୁ, ସାଉଦି ଆରବ ପାକିସ୍ତାନଠାରୁ ସାମରିକ ସହାୟତା ମାଗିଥିଲା । କିନ୍ତୁ, ପାକିସ୍ତାନ ସେପ୍ଟେମ୍ବରରେ ସହାୟତା ପ୍ରଦାନ କରିବାକୁ ମନା କରିଦେଇଥିଲା । ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ସେତେବେଳେ କହିଥିଲା ଯେ ଏହାର ସାମରିକ ବାହିନୀ ଅନ୍ୟ ଦେଶର ମାଟିରେ ଯୁଦ୍ଧରେ ସାମିଲ ହେବ ନାହିଁ । ସେପ୍ଟେମ୍ବରରେ ହୁତୀମାନେ ୟେମେନର ଲାଲ ସାଗର ଉପକୂଳରେ ଦ୍ରୁତ ଗତିରେ ଅଗ୍ରସର ହୋଇ ମୋଚା ସହର ଏବଂ ବାବ୍ ଅଲ୍-ମାଣ୍ଡେବ ଆଖପାଖରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଦଖଲ କରିଥିଲେ । ଏହା ଏହି ରଣନୈତିକ ସମୁଦ୍ର ପଥରେ ହୁତୀଙ୍କ କବଜାକୁ ମଜବୁତ କରିଥିଲା । କିନ୍ତୁ ବର୍ତ୍ତମାନ ଚିତ୍ର ବଦଳି ଯାଇଛି । ଅକ୍ଟୋବର ୫ରେ, ସାଉଦି ସମର୍ଥିତ ୟେମେନି ସେନା ହୁତୀଙ୍କ ବିରୁଦ୍ଧରେ ଏକ ବଡ଼ ପ୍ରତି-ଆକ୍ରମଣ ଆରମ୍ଭ କରିଥିଲା ।

# ଜେନ୍-ଜିଙ୍କ ପ୍ରଦର୍ଶନରେ ଜଳୁଛି ଫ୍ରାନ୍ସ: ଚାପରେ ସରକାର

ନୂଆଦିଲ୍ଲୀ,୬।୧୦: ଫ୍ରାନ୍ସର ଯୁବପିଢ଼ି ଏବେ ରାସ୍ତାକୁ ଓହ୍ଲାଇଛନ୍ତି । ଏମାନଙ୍କ ଦାବି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି । ଏହି ପ୍ରତିବାଦ ସେପ୍ଟେମ୍ବର ମାସରେ ଉତ୍ତର ପ୍ୟାରିସରୁ ଆରମ୍ଭ ହୋଇଥିଲା ଏବଂ ଏବେ ସାରା ଦେଶରେ ବ୍ୟାପିଛି । ଆଶ୍ଚର୍ଯ୍ୟଜନକ ଭାବରେ, ସ୍କୁଲ ଏବଂ କଲେଜରେ ଭିଡ଼, ଭଙ୍ଗା କୋଠା ଏବଂ ଶିକ୍ଷକଙ୍କ ଅଭାବ କେବଳ ଭାରତ ପାଇଁ ନୁହେଁ; ଫ୍ରାନ୍ସ ମଧ୍ୟ ଏହି ସମସ୍ୟା ଗୁଡ଼ିକ ସହିତ ସଂଘର୍ଷ କରୁଛି । ଫ୍ରାନ୍ସରେ ପ୍ରତିବାଦ କରୁଥିବା ଛାତ୍ରମାନେ ଏହି ସମାନ ସମସ୍ୟା ଉଠାଇଛନ୍ତି । ଗତ ସପ୍ତାହରେ ଶହ ଶହ ସ୍କୁଲ ବନ୍ଦ କରାଯାଇଛି । ପ୍ରତିବାଦ ଏବେ ହିଂସାତ୍ମକ ରୂପ ନେଇଛି । ପ୍ରତିବାଦ ସମୟରେ ବିଭିନ୍ନ ସ୍ଥାନରେ ପୋଲିସ ଏବଂ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ରଏଟର୍ସ ଅନୁଯାୟୀ, ପ୍ରାୟ ୪୦୦ ସ୍କୁଲ ବନ୍ଦ ହୋଇଯାଇଛି ଏବଂ ଅନେକ ସ୍ଥାନରେ ହିଂସା ଘଟିଛି । ଫ୍ରାନ୍ସ ଶିକ୍ଷା ମନ୍ତ୍ରୀ ଏହି ହିଂସାକୁ 'ହିଂସାତ୍ମକ




ସଂଖ୍ୟାଲଘୁଙ୍କ କାର୍ଯ୍ୟ' ଭାବରେ ବର୍ଣ୍ଣନା କରିଛନ୍ତି । ନ୍ୟାୟ ମନ୍ତ୍ରଣାଳୟ ଅନୁଯାୟୀ, ଗିରଫ ହୋଇଥିବା ୫୦୬୦ ଜଣଙ୍କ ମଧ୍ୟରୁ ୮୭ ପ୍ରତିଶତ ନାବାଳକ ଥିଲେ । ସରକାର ଅଭିଯୋଗ କରିଛନ୍ତି ଯେ, କଠୋର ବାମପନ୍ଥୀ ନେତାମାନେ ଆନ୍ଦୋଳନ ଆରମ୍ଭ କରିଛନ୍ତି, କିନ୍ତୁ ଏଲଏଫଆଇ ସାଂସଦ ଲୁଇସ୍ ବୋୟାର୍ଡ ଏହାକୁ ଅସ୍ୱୀକାର କରିଛନ୍ତି । ରିପୋର୍ଟ ଅନୁଯାୟୀ, ପ୍ୟାରିସର ଉତ୍ତରରେ ଥିବା ଏକ ଉପନଗରୀୟ ହାଇସ୍କୁଲରେ ଧର୍ମଘଟ ଶିକ୍ଷକଙ୍କ ସମର୍ଥନରେ ଆରମ୍ଭ ହୋଇଥିବା ଏକ ପ୍ରଦର୍ଶନ ଏବେ ଏକ ଜାତୀୟ ସଙ୍କଟରେ ପରିଣତ ହୋଇଛି । ୫ହଜାରରୁ ଅଧିକ ଲୋକଙ୍କୁ ପୋଲିସ ଅଟକ ରଖିଛି, ସେମାନଙ୍କ ମଧ୍ୟରୁ ଅଧିକାଂଶ ନାବାଳକ ଯାହାଙ୍କ କୌଣସି ଅପରାଧିକ ରେକର୍ଡ ନାହିଁ । ଛାତ୍ର, ଶିକ୍ଷକ ଏବଂ ପୋଲିସ ଅଧିକାରୀ ଆହତ ହୋଇଛନ୍ତି । ଉତ୍ତର-ପୂର୍ବ ଲେନ୍ସ ସହରରେ, ଜଣେ ଛାତ୍ର ଏକ ଗ୍ରେନେଡ୍ ଉଠାଇବା ସମୟରେ ତାଙ୍କ ହାତ ହରାଇଥିବାର ରିପୋର୍ଟ ହୋଇଛି, ଏବଂ ଟୁର୍ସର ଅନ୍ୟ ଜଣେ ଛାତ୍ର ଗୋଟିଏ ଆଖିରେ ଦୃଷ୍ଟି ହରାଇଛନ୍ତି ।ସେପ୍ଟେମ୍ବର ୨୧ ତାରିଖରେ ପ୍ୟାରିସର ସେଣ୍ଟ-ଏକ୍ସୁପେରୀ ହାଇସ୍କୁଲରେ ପ୍ରାରମ୍ଭିକ ପ୍ରତିବାଦକୁ ବହୁତ କମ୍ ଧ୍ୟାନ ଦିଆଯାଇଥିଲା । ଛାତ୍ରମାନେ, ସେମାନଙ୍କ ଶିକ୍ଷକମାନଙ୍କ ସହିତ, କର୍ମଚାରୀ ଏବଂ ସମ୍ବଳ ଅଭାବ ବିରୋଧରେ ପ୍ରତିବାଦ କରୁଥିଲେ । ସେମାନଙ୍କର ଦାବି ପୂରଣ ହେବା ପରେ ଧର୍ମଘଟ ଶେଷ ହୋଇଥିଲା ଏବଂ ଅତିରିକ୍ତ କର୍ମଚାରୀଙ୍କୁ ସ୍କୁଲକୁ ପଠାଯାଇଥିଲା । କିନ୍ତୁ ସେତେବେଳକୁ, ଅଗ୍ନିଶିଖା ଜଳି ସାରିଥିଲା । ଅନ୍ୟ ସ୍କୁଲ ପାଇଁ ସମାନ ଦାବି କରାଯାଇଥିଲା । ଫଳସ୍ୱରୂପ, ପ୍ରତିବାଦ ସାରା ଦେଶରେ ବ୍ୟାପି ଯାଇଥିଲା, ଯାହା ଫରାସୀ ଶିକ୍ଷା ମନ୍ତ୍ରଣାଳୟ ପାଇଁ ଏକ ସଙ୍କଟ ସୃଷ୍ଟି କରିଥିଲା । ସେପ୍ଟେମ୍ବର ୨୧ ତାରିଖରେ ଆରମ୍ଭ ହୋଇଥିବା ପ୍ରତିବାଦ ଏବେ ହିଂସାତ୍ମକ ରୂପ ନେଇଛି ।

## ନାବାଳିକାକୁ ଅସଦାଚରଣ ମାମଲା

# ଅଭିଯୁକ୍ତକୁ ୨୫ବର୍ଷ ସଶ୍ରମ କାରାଦଣ୍ଡ

ଭୁବନେଶ୍ୱର(ନି.ପ୍ର): ମଙ୍ଗଳବାର ଆଡ଼ିସନାଲ ସେସନ୍ସ ଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ (ପୋକସୋ)ର ମାନ୍ୟବର ବିଚାରପତି ସରୋଜ କୁମାର ସାହୁ, ଗତ ୨୦୨୫ ମସିହା ଜୁଲାଇ ମାସରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ହୋଇଥିବା ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ଆସାମୀ ଦିଲ୍ଲୀପ ଭୋଇକୁ କଠୋରରୁ କଠୋର ସଜା ଶୁଣାଇଛନ୍ତି । ଘଟଣାର ଅନ୍ତରାଳେ: ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ଭରତ ଘଡେଇ ତାଙ୍କ ପରିବାର ସହିତ ବୋତଣ୍ଡା ଗ୍ରାମରେ ଭଡ଼ା ଘରେ ରହୁଥିଲେ । ଅଭିଯୋଗକାରୀଙ୍କ ପ୍ରାୟ ୮ ବର୍ଷ ବୟସ୍କା ନାବାଳିକା ଝିଅ ନିକଟସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲେ । ଗତ ୨୮.୦୭.୨୦୨୫ ରିଖ ସକାଳ ପ୍ରାୟ ୯.୩୦ ସମୟରେ ଅଭିଯୋଗକାରୀ ତାଙ୍କ ପୁଅର ଅସୁସ୍ଥତା ଯୋଗୁଁ ଡାକ୍ତରଙ୍କ ପରାମର୍ଶ ପାଇଁ ବାହାରକୁ ଯିବା ସମୟରେ ପ୍ରତିଦିନ ଭଳି ତାଙ୍କ ଝିଅକୁ ବିଦ୍ୟାଳୟରେ ଛାଡ଼ି ଯାଇଥିଲେ । ପ୍ରାୟ ୧୧ ଟା ସମୟରେ ବିଦ୍ୟାଳୟର ଜଣେ ଶିକ୍ଷକ ଫୋନ୍ କରି ତାଙ୍କୁ ବିଦ୍ୟାଳୟକୁ ଆସିବାକୁ କହିଥିଲେ । ସେହି ସମୟରେ ଅଭିଯୋଗକାରୀ ବାହାରେ ଥିବାରୁ ତାଙ୍କ ପତ୍ନୀ ବିଦ୍ୟାଳୟକୁ ଯାଇଥିଲେ । ସେଠାରେ ସେ ଜାଣିବାକୁ ପାଇଥିଲେ ଯେ, ତାଙ୍କ ଝିଅ ସହିତ ଦୁଷ୍କର୍ମ ଘଟିଛି । ପୀଡ଼ିତା କହିଥିଲେ ଯେ, ସେ ବିଦ୍ୟାଳୟର ବାରଣ୍ଡାରେ ବସିଥିବା ସମୟରେ ଅଭିଯୁକ୍ତ ଦିଲ୍ଲୀପ ତାଙ୍କୁ ନିକଟସ୍ଥ ଦୋକାନରୁ ବିସ୍କୁଟ ଆଣିବାକୁ କହିଥିଲା । ସେ ଦୋକାନରୁ ଫେରିବା ପରେ ତାଙ୍କ ସ୍କୁଲ୍ ବ୍ୟାଗ୍ ସେଠାରେ ନଥିବା ଦେଖିଥିଲେ । ବ୍ୟାଗ୍ ବିଷୟରେ ଅଭିଯୁକ୍ତଙ୍କୁ ପଚାରିବାରୁ ସେ ତାଙ୍କୁ ବିଦ୍ୟାଳୟ ପଛପଟେ ଥିବା ଏକ ଅର୍ଦ୍ଧନିର୍ମିତ ଘରକୁ ନେଇଯାଇ ତାଙ୍କ ହାତ ଓ ଗୋଡ଼ ବାନ୍ଧି ତାଙ୍କ ସହିତ ଦୁଷ୍କର୍ମ କରିଥିଲା । ଏହି ଘଟଣା ବିଷୟରେ କାହାକୁ କିଛି କହିଲେ ସେ ତାଙ୍କ ବାପା-ମାଆଙ୍କୁ ଜୀବନରୁ ମାରିଦେବ ବୋଲି ଅଭିଯୁକ୍ତ ଧମକ ଦେଇଥିଲା । ପରେ ପୀଡ଼ିତା ବିଦ୍ୟାଳୟକୁ ଫେରି ଆସି ଘଟିଥିବା ସମସ୍ତ ଘଟଣା ଶିକ୍ଷକଙ୍କୁ କହିଥିଲେ । ଘଟଣା ପରଦିନ, ଅର୍ଥାତ୍ ତା.୦୯.୦୭.୨୦୨୫ ରିଖ ସନ୍ଧ୍ୟା ପ୍ରାୟ ୫.୧୭ ସମୟରେ ପୀଡ଼ିତାଙ୍କ ବାପା ତଥା ଅଭିଯୋଗକାରୀ ଥାନାରେ ଏନେଇ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗକାରୀ ଭରତ ଘଡେଇଙ୍କ ଲିଖିତ ଅଭିଯୋଗ ଆଧାରରେ ଏୟାରଫିଲ୍ଡ ଥାନା ମାମଲା ନଂ-୨୫୮/୨୦୨୫ ରୁଜୁ କରାଯାଇ ତୁରନ୍ତ ଏହାର ତଦନ୍ତ କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ଥାନାର ତତ୍କାଳୀନ ସବ୍-ଇନ୍ସପେକ୍ଟର ଗୀତାଞ୍ଜଳି ବାରିକ ଏହାର ତଦନ୍ତ ଦାୟିତ୍ୱ ତୁଲାଇଥିଲେ । ସେ ଏହି ମାମଲାକୁ ବିଭିନ୍ନ ଦିଗରୁ ତନ୍ନତନ୍ନ କରି ଯାଞ୍ଚ କରିବା ସହ ଅଭିଯୁକ୍ତ ଦିଲ୍ଲୀପ ଭୋଇଙ୍କୁ ଗିରଫ କରି ମାନ୍ୟବର ଅଦାଲତଙ୍କ ନିକଟରେ ହଜାର କରିଥିବା ବେଳେ, ତା.୨୦.୦୯.୨୦୨୫ ରେ ତାଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲେ । ଉପରୋକ୍ତ ମାମଲାର ବିଚାର କରି, ମାନ୍ୟବର ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୮ ଜଣ ସାକ୍ଷୀଙ୍କ ଜବାନବନ୍ଦି, ଏବଂ ୨୪ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଗୁଡିକୁ ତନ୍ନତନ୍ନ ଭାବେ ଅଧ୍ୟୟନ କରି, ବିଚାରକାର୍ଯ୍ୟର ପରିସମାପ୍ତି କରିଛନ୍ତି । ଆଜି ମାନ୍ୟବର ଅଦାଲତ ତାଙ୍କ ରାୟରେ ଆସାମୀ ଦିଲ୍ଲୀପ ଭୋଇକୁ ପୋକସୋ ଆଇନର ଧାରା-୬ ଅନୁଯାୟୀ ୨୫ବର୍ଷର ସଶ୍ରମ କାରାଦଣ୍ଡ ସହିତ ୨୦,୦୦୦ ଟଙ୍କା ଜୋରିମନା ଦଣ୍ଡାଦେଶ କରିଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସର ସଶ୍ରମ କାରାଦଣ୍ଡ ଲାଗି ଆଦେଶ ଦେଇଛନ୍ତି । ସେହିପରି ବିଏନଏସ ର ଧାରା-୧୩୭ (୨) ଅନୁଯାୟୀ ୭ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୨,୦୦୦ ଟଙ୍କା ଜୋରିମନା ଦଣ୍ଡାଦେଶ କରିଛନ୍ତି ଏବଂ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୨ ମାସର ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ଆଦେଶ ଦେଇଛନ୍ତି । ଅଭିଯୁକ୍ତଙ୍କ କ୍ଷେତ୍ରରେ ଶୁଣାଣି ହୋଇଥିବା ଉପରୋକ୍ତ ଉଭୟ ଦଣ୍ଡାଦେଶ ଏକସଙ୍ଗେ ତଥା ସମବର୍ତ୍ତୀ ଭାବେ ଲାଗୁ ହେବା ନେଇ ମାନ୍ୟବର ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ଏତଦ୍ ବ୍ୟତୀତ ମାନ୍ୟବର ଅଦାଲତ, ନାବାଳିକା ପୀଡିତାଙ୍କ ସହିତ ହୋଇଥିବା ଶାରୀରିକ ଏବଂ ମାନସିକ ଆଘାତକୁ ବିଚାର କରି, ସିଆରପିସି ର ଧାରା-୩୫୭ (କ) ଆଧାରରେ, ତଥା ଓଡ଼ିଶା ପୀଡିତା କ୍ଷତି ପୂରଣ ଯୋଜନା ଅନୁଯାୟୀ କ୍ଷତିପୂରଣ ବାବଦକୁ ୪,୦୦,୦୦୦ ଟଙ୍କା (ଚାରିଲକ୍ଷ) ସହାୟତା ରାଶି ପ୍ରଦାନ କରିବା ଲାଗି ଖୋର୍ଦ୍ଧାସ୍ଥିତ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କୁ ଗିରଫ କଲା ଭିଜିଲାନ୍ସ

ବାରିପଦା: ମୟୂରଭଞ୍ଜ ଜିଲ୍ଲା ପୂର୍ତ୍ତ ବିଭାଗର ବେତନଟି ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ମହାନ୍ତିଙ୍କୁ ମଙ୍ଗଳବାର ଗିରଫ କରିଛି ଭିଜିଲାନ୍ସ । ଆୟ ବର୍ହିଭୂତ ସମ୍ପତି ଠୁଳ କରିବା ଅଭିଯୋଗରେ ତାଙ୍କୁ ଗିରଫ କରିଛି ବାଲେଶ୍ୱର ଭିଜିଲାନ୍ସ ଡିଭିଜନ୍ । ଅରବିନ୍ଦଙ୍କୁ ମଙ୍ଗଳବାର ବାରିପଦା ସ୍ଥିତ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଛି । ଅରବିନ୍ଦ ମହାନ୍ତିଙ୍କ ବିଭିନ୍ନ ସ୍ଥାବର ଅସ୍ଥାବର ସମ୍ପତ୍ତି ଉପରେ ଗତକାଲି ଭିଜିଲାନ୍ସ ପକ୍ଷରୁ ଚଢ଼ଉ ଓ ତଲାସୀ କରାଯାଇଥିଲା । ତଲାସୀ ସମୟରେ ତାଙ୍କର ସମ୍ପତି ଏବଂ ଆୟ ସହିତ ସମନ୍ୱୟ ନଥିବା ଜଣାପଡିଛି ଓ ବିପୁଳ ସମ୍ପତିର ସନ୍ଧାନ ମିଳିଛି । ଭିଜିଲାନ୍ସର ସୂଚନା ଅନୁସାରେ, ଅରବିନ୍ଦଙ୍କର ୨ଟି ବହୁତଳ କୋଠା, ୫ ଏକର ଜମି ଉପରେ ଗୋଟିଏ ଫାର୍ମ ହାଉସ୍, ୨୩ଟି ପ୍ଲଟ୍ ଓ ୩୦୦ ଗ୍ରାମ୍ ସୁନା ଅଳଙ୍କାର ଜବତ ହୋଇଛି । ଏଥିସହ ୬୯.୯୯ ଲକ୍ଷ ବ୍ୟାଙ୍କ ଜମା ଅର୍ଥରାଶି ଏବଂ ନଗଦ ୮.୦୭ ଲକ୍ଷ ଟଙ୍କା ଜବତ ହୋଇଛି । ତାଙ୍କର ୧୨.୩୨ ଲକ୍ଷ ମୂଲ୍ୟର ଆସବାବପତ୍ର, ଗୋଟିଏ କାର୍ ମଧ୍ୟ ଜବତ ହୋଇଛି ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ମୃତ, ଜଣେ ଗୁରୁତର

## ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଓ ରାସ୍ତାରୋକ



ପାରଳାଖେମୁଣ୍ଡି(ନିପ୍ର): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ନାରାୟଣପୁର ଗ୍ରାମ ପଞ୍ଚାୟତର ବଡ଼ଗାଁ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ଫିନାଇଲ ବୋଝେଇ ଅଟୋକୁ ଏକ ହାଇୱା ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ଧକ୍କା ଏତେ ଜୋରଦାର ଥିଲା ଯେ ଅଟୋଟି ରାସ୍ତା ତଳକୁ ଖସି ଯାଇ କ୍ଷତିଗ୍ରସ୍ତ ହୋଇଥିଲା । ଦୁର୍ଘଟଣାରେ ବଡ଼ଗାଁ ଗ୍ରାମରେ ଦୋକାନ କରି ଜୀବିକା ନିର୍ବାହ କରୁଥିବା ବି. ସନ୍ମୁଖ ରାଓ (୫୫) ବର୍ଷ ଏବଂ ଅନ୍ୟ ଜଣେ ବ୍ୟକ୍ତି ଏସ. ବେଣୁ ଗୋପାଳ (୪୬) ବର୍ଷଙ୍କର ମୃତ୍ୟୁ ହୋଇଥିବା ବେଳେ ଅଟୋ ଚାଳକ ଗୁରୁତର ଭାବରେ ଆହତ ହୋଇ ଚିକିତ୍ସାଧୀନ ଥିବା ଜଣାପଡିଛି । ଖବର ପାଇ ଗୁରାଣ୍ଡି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିବା ସହ ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । କେଉଁ କାରଣରୁ ଏତେ ବଡ଼ ଦୁର୍ଘଟଣା ଘଟିଲା ସେ ବିଷୟରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି । ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା ଦୁଇ ଜଣ ପ୍ରାଣ ହରାଇଥିବାରୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକମାନେ ପାରଳାଖେମୁଣ୍ଡି-ବ୍ରହ୍ମପୁର ମୁଖ୍ୟ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି । ଯାତ୍ରୀମାନେ ଅଟକି ରହିଥିବା ଦେଖିବାକୁ ମିଳିଛି ।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବେଲଗୁଣ୍ଠା(ନିପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ଆମ୍ବପୁଆ ପଞ୍ଚାୟତ ଅନ୍ତର୍ଗତ ଚଢ଼ିଆପଲ୍ଲୀ ଗ୍ରାମ ପଣସସାହିରେ ବିଦ୍ୟୁତ୍ ଆଘାତରେ କୃଷ୍ଣ ଡାକୁଆ (୪୨)ଙ୍କ ମୃତ୍ୟୁ ଘଟିଛି । ମଙ୍ଗଳବାର ସକାଳ ପ୍ରାୟ ୮ଟା ସମୟରେ ସେ ଘରର ବିଦ୍ୟୁତ୍ ସଜାଡୁଥିବା ବେଳେ ଅସାବଧାନତାବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ । ପରିବାର ଲୋକ ଓ ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ବେଲଗୁଣ୍ଠା ପୁଲିସ ଭଞ୍ଜନଗର ଚିକିତ୍ସାଳୟରେ ପହଞ୍ଚି ଶବ ଜବତ କରିଥିଲା । ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । କୃଷ୍ଣ ଜଣେ ଦିନମଜୁରିଆ ହୋଇଥିବା ବେଳେ ପରିବାରର ଏକମାତ୍ର ରୋଜଗାରିଆ ଥିଲେ । ତାଙ୍କ ମୃତ୍ୟୁରେ ସ୍ତ୍ରୀ ଓ ଦୁଇ ଛୋଟ ଛୁଆଙ୍କୁ ନେଇ ପରିବାର ଅସହାୟ ହୋଇପଡ଼ିଛି । ଏହି ଦୁଃଖଦ ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅସହାୟ ପରିବାରକୁ ପ୍ରଶାସନ ପକ୍ଷରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଯାତ୍ରୀଙ୍କ ପକେଟମାର କରି ମହିଳା ଗିରଫ

ଭୁବନେଶ୍ୱର(ନି.ପ୍ର): ବସରୁ ଜଣେ ଯାତ୍ରୀଙ୍କ ପକେଟ ମାର କରୁଥିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣେ ମହିଳାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସରୋଜିନି ବାରିକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ହୃଦାନନ୍ଦ ମହାନ୍ତ ତାଙ୍କ ପତ୍ନୀ ଓ ଶାଶୁଙ୍କ ସହ ଚିକିତ୍ସା ପାଇଁ ବସ୍‌ରେ ସମ୍ ହସ୍ପିଟାଲ ଯାଉଥିବା ସମୟରେ ଫାୟାର ଷ୍ଟେସନ ଛକ ନିକଟରେ ବସ୍‌ରେ ଚଢ଼ିବା ବେଳେ, ସରୋଜିନୀ ବାରିକ ନାମକ ଜଣେ ମହିଳା ତାଙ୍କ ପ୍ୟାଣ୍ଟ ପକେଟରୁ ପର୍ସ ଚୋରି କରିନେଇଥିଲେ । ଉକ୍ତ ପର୍ସରେ ୮,୦୦୦ ଟଙ୍କା ନଗଦ, ଗୋଟିଏ ଏଟିଏମ୍ କାର୍ଡ ଓ ଗୋଟିଏ ଆୟୁଷ୍ମାନ କାର୍ଡ ଥିଲା । ସେମାନେ ଉକ୍ତ ମହିଳାଙ୍କୁ ପର୍ସ ନେଇ ଖସିଯାଉଥିବା ବେଳେ ଧରି ପକାଇବାରେ ସକ୍ଷମ ହୋଇଥିଲେ । ଧରିବା ପରେ ସେ ଗଣ୍ଡଗୋଳ କରି ତଥା ସେମାନଙ୍କୁ ଠେଲାପେଲା କରି ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରିଥିଲେ । ତେବେ ତାଙ୍କ ପତ୍ନୀ ଓ ଶାଶୁ ମହିଳାଙ୍କୁ ଜୋରରେ ଧରି ରଖି ଖସିଯିବାକୁ ଦେଇନଥିଲେ । ପରେ ଅଭିଯୋଗକାରୀ ପିସିଆରକୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇବା ସହିତ ଥାନାକୁ ଆସି ଲିଖିତ ଅଭିଯୋଗ ଦେଇଥିଲେ । ତଦନ୍ତ ସମୟରେ ଜଣାପଡ଼ିଛି ଯେ, ଅଭିଯୁକ୍ତ ମହିଳା ଜଣକଙ୍କ କୌଣସି ସ୍ଥାୟୀ ଠିକଣା ନାହିଁ । ସେ ବିଭିନ୍ନ ସ୍ଥାନକୁ ଯାଇ ବସ୍, ଭିଡ଼ ଓ ଜନସମାଗମ ସ୍ଥାନରେ ମୋବାଇଲ, ପର୍ସ ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରୁଥିବା ଅଭିଯୋଗ ରହିଛି । ତଲାସି ବେଳେ, ଅଭିଯୁକ୍ତ ସରୋଜିନୀ ବାରିକଙ୍କ ଠାରୁ ଗୋଟିଏ ପର୍ସ, ନଗଦ ୮,୦୦୦ ଟଙ୍କା, ଗୋଟିଏ ଏଟିଏମ କାର୍ଡ ଏବଂ ହୃଦାନନ୍ଦ ମହାନ୍ତଙ୍କ ନାମରେ ଥିବା ଗୋଟିଏ ଆୟୁଷ୍ମାନ କାର୍ଡ ଜବତ କରାଯାଇଥିଲା ।

# ଭଉଣୀକୁ ହତ୍ୟା ଉଦ୍ୟମ କରି ଭାଇ ଗିରଫ

ଭୁବନେଶ୍ୱର(ନି.ପ୍ର): ପାରିବାରିକ କଳହକୁ ନେଇ ଭଉଣୀକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ଅଭିଯୁକ୍ତ ଭାଇକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସଞ୍ଜୀପ ବାରିକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚନା ଯୋଗ୍ୟ ଯେ, ଅଭିଯୋଗକାରିଣୀ ଆରତୀ ବାରିକ ଓ ଅଭିଯୁକ୍ତ ସଞ୍ଜୀପ ବାରିକ ଭାଇଭଉଣୀ ଏବଂ ଭୀମପୁରସ୍ଥିତ ପ୍ଲଟ୍ ନଂ-୭୩/୦୧, ଏକାମ୍ର ମାର୍ଗରେ ଥିବା ସେମାନଙ୍କ ପୈତୃକ ଘରେ ରହୁଛନ୍ତି । ଅଭିଯୋଗକାରିଣୀ ବିବାହ ପରେ ଶାଶୁଘରେ ନରହି ପୈତୃକ ଘରେ ରହୁଥିବାରୁ ଅଭିଯୁକ୍ତ ତାଙ୍କ ସହ ବାରମ୍ବାର ଝଗଡ଼ା କରିବା ସହ ଗାଳିଗୁଲଜ କରୁଥିଲେ । ଘଟଣା ଦିନ ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଅଭିଯୋଗକାରିଣୀ ଅଭିଯୁକ୍ତଙ୍କ ଗାଳିଗୁଲଜକୁ ବିରୋଧ କରିବାରୁ ସେ ତାଙ୍କୁ ଏକ ପଥରରେ ମୁଣ୍ଡରେ ଆଘାତ କରିଥିଲେ । ଫଳରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା । ଏଥିସହ ଅଭିଯୁକ୍ତ ତାଙ୍କୁ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ । ଏନେଇ ଅଭିଯୋଗକାରିଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଅଭିଯୁକ୍ତ ଭାଇ ସଞ୍ଜୀପ ବାରିକଙ୍କୁ ଗିରଫ କରିଛି

# ଗୋଷ୍ଠୀ ସଂଘର୍ଷ, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ବ୍ୟବସାୟୀକ ବିବାଦକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ଖଣ୍ଡଗିରି ପୁଲିସ ଦୁଇଟି ପୃଥକ ମାମଲା ରୁଜୁ କରି ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସଂଜୟ ସାହୁ ଓ ରଂଜନ ମହାନ୍ତି । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଉଭୟ ପରିବାର ମଧ୍ୟରେ ବ୍ୟବସାୟିକ ବିଷୟକୁ ନେଇ ପୂର୍ବରୁ ବିବାଦ ରହିଥିଲା । ଉଭୟ ପରିବାର ଗୋଟିଏ ବସ୍ତିରେ ରହୁଛନ୍ତି । ଘଟଣା ସମୟରେ ରଞ୍ଜନ କୁମାର ମହାନ୍ତି, ସଞ୍ଜୟ କୁମାର ସାହୁ ଓରଫ ସିନୁଙ୍କ ଘରକୁ ମଦ ମାଗିବା ପାଇଁ ଯାଇଥିଲେ । ସିନୁ ତାଙ୍କୁ ମଦ ଦେବାକୁ ମନା କରିବାରୁ ରଞ୍ଜନ ତାଙ୍କ ସହ ଯୁକ୍ତିତର୍କ କରିବା ସହ ଝଗଡ଼ା କରିଥିଲେ । ଏହାକୁ ନେଇ ସିନୁ ଓ ତାଙ୍କ ଭାଇ ଗୁନୁଙ୍କ ସହ ରଞ୍ଜନଙ୍କର ବଚସା ହୋଇଥିଲା ଏବଂ ପରେ ଘଟଣାଟି ମାରପିଟ୍‌ର ରୂପ ନେଇଥିଲା । ଏହି ସମୟରେ ଉଭୟ ପକ୍ଷ ପରସ୍ପରକୁ ଆକ୍ରମଣ କରିଥିଲେ । ରଞ୍ଜନ ମହାନ୍ତି ସିନୁଙ୍କ ଥୋଡ଼ିକୁ କାମୁଡ଼ିବା ସହ ତାଙ୍କ ଗୁପ୍ତାଙ୍ଗକୁ ଚାପିଦେଇଥିଲେ । ପରେ ସଞ୍ଜୟ କୁମାର ସାହୁ ଓରଫ ସିନୁ ଏକ ଭଲ୍ଲାରେ ରଞ୍ଜନ ମହାନ୍ତିଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ । ଏହି ମାରପିଟ୍ ଘଟଣାରେ ଉଭୟ ପକ୍ଷର ବ୍ୟକ୍ତି ଆହତ ହୋଇଥିଲେ । ପରେ ଉଭୟ ଆହତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌କୁ ନିଆଯାଇଥିଲା । ଏହି ଦୁଇ ମାମଲାର ତଦନ୍ତ ସମୟରେ ପୋଲିସ ଦୁଇ ଅଭିଯୁକ୍ତ ସଞ୍ଜୟ କୁମାର ସାହୁ ଓରଫ ସିନୁ ଓ ରଞ୍ଜନ ମହାନ୍ତିଙ୍କୁ ଗିରଫ କରିଥିବା ବେଳେ, ଉଭୟ ନିଜନିଜର ଦୋଷ ସ୍ୱୀକାର କରିଥିଲେ ।

# ୩ ଲକ୍ଷ ଟଙ୍କାର ବେଆଇନ ବାଣ ଜବତ: ଗୋଦାମ ସିଲ୍

ପାରଳାଖେମୁଣ୍ଡି(ନିପ୍ର): ପାଟ୍ରୋଲିଂ ସମୟରେ ପାରଳାଖେମୁଣ୍ଡି ମଡେଲ ପୋଲିସ ଷ୍ଟେସନର ଏସ୍‌ଆଇ ପ୍ରଣୟ ଗନ୍ତାୟତଙ୍କ ନେତୃତ୍ୱରେ ପୋଲିସ ଟିମ୍ ରାଣୀପେଣ୍ଠସ୍ଥିତ ହନୁମାନ ଫାୟାରୱାର୍କସ୍ ପଛପଟେ ଥିବା ଏକ ଗୋଦାମରେ ବିନା ଲାଇସେନ୍ସରେ ବାଣ ମହଜୁଦ ରଖି ବିକ୍ରି କରାଯାଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇଥିଲେ । ସୂଚନା ଆଧାରରେ ପୋଲିସ ଉକ୍ତ ଗୋଦାମରେ ଚଢ଼ାଉ କରି ବିଭିନ୍ନ ପ୍ରକାରର ପ୍ରାୟ ୩ ଲକ୍ଷ ଟଙ୍କାର ବାଣ ଜବତ କରିଥିଲା । ଯାଞ୍ଚ ସମୟରେ ସିଦ୍ଧମଡାଙ୍ଗ ଗ୍ରାମର ନନ୍ଦେଶ ଦୁର୍ଗା (୪୩) ଉକ୍ତ ଗୋଦାମରେ ବାଣ ମହଜୁଦ ଓ ବିକ୍ରି ପାଇଁ ବ୍ୟବହାର କରୁଥିବା ଜଣାପଡ଼ିଥିଲା । ସେ ବାଣ ରଖିବା କିମ୍ବା ବିକ୍ରି କରିବା ସମ୍ପର୍କିତ କୌଣସି ବୈଧ ଲାଇସେନ୍ସ / ଅନୁମତି ପତ୍ର ଦେଖାଇପାରି ନଥିଲେ । ପରବର୍ତ୍ତୀ ଯାଞ୍ଚରେ ଗୋଦାମ ଘରଟି ଲାଡି ଶ୍ରୀନୁଙ୍କ ମାଲିକାନାରେ ଥିବା ଜଣାପଡ଼ିଥିଲା । ପୋଲିସ ପକ୍ଷରୁ ଉକ୍ତ ଗୋଦାମକୁ ସିଲ୍ କରାଯାଇଛି । ଏହି ଘଟଣାରେ ପାରଳାଖେମୁଣ୍ଡି ପୋଲିସ ଷ୍ଟେସନ କେସ୍ ନଂ. ୪୧୫/୨୦୨୬, ଧାରା ୨୮୮ ସହ ଧାରା ୯(ଈ), ୧୮୮୪ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।



# ଠାକୁରାଣୀଙ୍କ ମନ୍ଦିରରୁ ଲୁଟପାଟ ଘଟଣାରେ ଦୁଇ ଗିରଫ

ଜଟଣୀ(ନିପ୍ର): ସ୍ଥାନୀୟ ଷଣ୍ଡପୁରସ୍ଥିତ ଗ୍ରାମଦେବୀ ମା' ବାରଢ଼ଙ୍ଗା ମନ୍ଦିରରୁ ଚୋରି ଘଟଣାରେ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ କେସ ନମ୍ବର ୫୨୫/୨୬ ଆଧାରରେ ଗିରଫକରି ଚୋରି ହୋଇଥିବା ମନ୍ଦିର ଘଣ୍ଟି, ବାଲ୍ଟି, ବାସନକୁସନ, ଦାନବାକ୍ସ ଆଦି ଜବତ କରିଥିବା ଜଣାପଡିଛି । ସୂଚନା ମୁତାବକଗତ ୫ ତାରିଖ ରାତି ପ୍ରାୟ ୯.୩୩ ସମୟରେ ଷଣ୍ଡପୁର ଗ୍ରାମର ମା' କାଳିକା ୟୁଥ୍ କ୍ଲବର ସମ୍ପାଦକ ଲକ୍ଷ୍ମୀକାନ୍ତ ରାଉତ (୪୧) ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ କି ଗତ ୩ ତାରିଖ ରାତିରେ କିଛି ଦୁର୍ବୃତ୍ତ ମନ୍ଦିରର ଗ୍ରିଲ୍ ତାଲା ଭାଙ୍ଗି ଘଣ୍ଟି, ବାଲ୍ଟି, ବାସନକୁସନ, ଦାନବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି । ଘଟଣାର ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତ ମାନେ ରାତି ପ୍ରାୟ ୩.୩୦ ସମୟରେ ମନ୍ଦିରର ଗ୍ରିଲ୍ ତାଲାକୁ ପଥରରେ ଭାଙ୍ଗି ଭିତରକୁ ପ୍ରବେଶ କରି ଉକ୍ତ ସାମଗ୍ରୀଗୁଡ଼ିକ ଚୋରି କରିଥିଲେ । ତଦନ୍ତ ଆଧାରରେ ପୁଲିସ ସେହି ଗ୍ରାମର ଭୋଇ ସାହିର ସଞ୍ଜିତ ବେହେରା (୨୮)ଓରଫ ସଞ୍ଜୁ ଏବଂ ଅନିଲ ବେହେରା (୨୮) ଓରଫ ସାହେବଙ୍କୁ ଗିରଫ କରିଥିଲେ । ସେମାନଙ୍କୁ ପଚରାଉଚରାରୁ ଘଟଣାରେ ବଳରାମ ରାଉତ ନାମକ ଅନ୍ୟ ଜଣେ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି । ବଳରାମ ରାଉତ ବର୍ତ୍ତମାନ ଫେରାର ଥିବାବେଳେ, ତାଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ପ୍ରୟାସ ଜାରି ରହିଛି । ଗିରଫ ଅଭିଯୁକ୍ତ ମାନଙ୍କ ସୂଚନା ଆଧାରରେ ଚୋରି ହୋଇଥିବା ମନ୍ଦିର ଘଣ୍ଟି, ବାଲ୍ଟି, ବାସନକୁସନ ଓ ଦାନବାକ୍ସ ଜବତ କରାଯାଇଛି ।

# ଦୁଇ ଭାରୀ ଯାନ ମାଡ଼ିଯାଇ ହେଲପର ଗୁରୁତର

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରତାମାଟି ଛକ ଓଭରବ୍ରିଜ୍ ନିକଟସ୍ଥ ନାୟାରା ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଯାଇଛି । ଦୁଇଟି ଭାରୀ ଯାନ ମଝିରେ ଚାପି ହୋଇ ଜଣେ ହେଲପର ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଚାନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ମଙ୍ଗଳବାର ସକାଳ ପ୍ରାୟ ୮ଟା ସମୟରେ ନାୟାରା ପେଟ୍ରୋଲ ପମ୍ପ ପରିସରରେ ଗୋଟିଏ ହାଇୱା (ନଂ-ଓଡି ୦୨ ଏଏଫ ୧୭୨୦) ଏବଂ ଗୋଟିଏ କଣ୍ଟେନର ଗାଡ଼ି (ନଂ- କେଏ ୦୯ ଏବି ୦୭୨୩) ଗୋଟିଏ ପଛରେ ଆଉ ଗୋଟିଏ ଠିଆ ହୋଇଥିଲେ । କଣ୍ଟେନର ଗାଡ଼ିଟିକୁ ପଛକୁ ନେବା ସମୟରେ ଡ୍ରାଇଭରଙ୍କ ନିର୍ଦ୍ଦେଶକ୍ରମେ ହେଲପର ଜଣକ ଗାଡ଼ି ପଛରେ ରହି ଏକ ଲୁହା ରଡ୍ ସାହାଯ୍ୟରେ ଦିଗ ଦେଖାଉଥିଲେ । ତେବେ ଗାଡ଼ି ରିଭର୍ସ ହେଉଥିବା ସମୟରେ ଅସାବଧାନତା ବଶତଃ ହେଲପରଙ୍କ ହାତରୁ ଲୁହା ରଡ୍‌ଟି ଖସିଯାଇଥିଲା । ଫଳରେ ଦୁଇଟି ଭାରୀ ଯାନ ମଝିରେ ହେଲପର ଜଣକ ଚାପି ହୋଇଯାଇଥିଲେ । ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହେଲପର ଜଣକ ଗୁରୁତର ଆହତ ହୋଇ ପଡ଼ିଥିଲେ । ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ହେଲପରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ । ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି । ନିରାକାରପୁର ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ପୀତବାସ ପଣ୍ଡା ହତ୍ୟାକୁ ବର୍ଷେ

# ଜାମିନ୍‌ରେ ଦୁଇଜଣ, ଜେଲ୍‌ରେ ୧୪ ଅଭିଯୁକ୍ତ

ବ୍ରହ୍ମପୁର: ବହୁ ଚର୍ଚ୍ଚିତ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ବର୍ଷେ ପୂରିଛି । ଦୁଇଜଣ ଅଭିଯୁକ୍ତ ଜାମିନ ପାଇସାରିଥିବାବେଳେ ଅନ୍ୟ ୧୪ଜଣ ଏବେ ବି ଜେଲ୍‌ରେ ଅଛନ୍ତି । ଏହି ହାଇପ୍ରୋଫାଇଲ୍ ହତ୍ୟାକୁ ନେଇ ରାଜନୈତିକ ବିବାଦ ବି ମୁଣ୍ଡ ଟେକିଛି । ଏହି ଘଟଣାରେ ଗଣମାଧ୍ୟମରେ ବିବାଦୀୟ ବାଇଟ୍ ଦେଇ କୋର୍ଟରେ କ୍ଷମା ମାଗିଛନ୍ତି ତତ୍କାଳୀନ ଏସ୍‌ପି । ସେପଟେ ବିକ୍ରମ ପଣ୍ଡାଙ୍କ ଗିରଫଦାରୀକୁ ନେଇ ମଧ୍ୟ ପୁଲିସ ଅପଦସ୍ତ ହୋଇଛି । ଗିରଫ କଲାବେଳେ ତଦନ୍ତକାରୀ ପୁଲିସ ଅଧିକାରୀ ସୁପ୍ରିମ୍‌କୋର୍ଟଙ୍କ ଆଦେଶର ଅନୁସରଣ କରିନଥିବା ଦର୍ଶାଇ ହାଇକୋର୍ଟ ଏହି ଜାମିନ ପ୍ରଦାନ କରିଛନ୍ତି । ଏପଟେ ପୀତବାସଙ୍କ ବନ୍ଧୁ, ପରିବାର ତାଙ୍କୁ ମନେପକାଇ ଲୁହ ଗଡ଼ାଉଛନ୍ତି । ୨୦୨୫ ଅକ୍ଟୋବର ୬ ତାରିଖ କୁମାର ପୂର୍ଣ୍ଣିମା । ରାତି ୧୦ଟାରେ ପୀତବାସ ପଣ୍ଡା ଏସ୍‌ଏନ୍‌ଟି ରୋଡ଼ରେ ଥିବା ତାଙ୍କ ଅଫିସରୁ ଫେରୁଥିଲେ । ବୈକୁଣ୍ଠ ନଗର ଛକ ବୁଲାଣିରେ ତାଙ୍କ ଘରଠୁ ମାତ୍ର ଶହେ ମିଟର ଦୂରରେ ଦୁଇଜଣ ଦୁର୍ବୃତ୍ତ ଗୁଳି କରି ତାଙ୍କୁ ହତ୍ୟା କରିଥିଲେ । ସେହି ରାତିରେ ହିଁ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିଲା । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସହ ଜିଲ୍ଲାର ବହୁ ବିଧାୟକ ଓ ବିଜେପି ନେତା ରାତିରେ ଆସି ଏମ୍‌କେସିଜି ଏମ୍‌ଏମ୍‌ସିରେ ପହଞ୍ଚିଥିଲେ । ଛୁଟିରେ ଯାଇଥିବା ବ୍ରହ୍ମପୁର ଏସ୍‌ପି ଡା.ସରବଣା ବିବେକ ଏମ୍ ତୁରନ୍ତ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ ।

# ଏସିଏଫ ସୌମ୍ୟରଞ୍ଜନ ମାମଲାରେ ହାଇକୋର୍ଟ ଗଲେ ବିଦ୍ୟାଭାରତୀ

କଟକ(ନିପ୍ର): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଛନ୍ତି । ପୂର୍ବରୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ନମିଳିବା ପରେ ସେ ଏହି ଆବେଦନ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ, ପାରଳାଖେମୁଣ୍ଡି ଏସଡ଼ିଜେଏମଙ୍କ କୋର୍ଟରେ ବିଦ୍ୟାଭାରତୀଙ୍କ ହାଜର ହେବା ସମୟସୀମାକୁ ହାଇକୋର୍ଟ ଅକ୍ଟୋବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପୂର୍ବରୁ ସେପ୍ଟେମ୍ବର ୩ ତାରିଖର ଆଦେଶରେ ବିଦ୍ୟାଭାରତୀଙ୍କ ବ୍ୟକ୍ତିଗତ ହାଜରରୁ ଛାଡ଼ ପାଇଁ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ । ଏଥିସହ ଅକ୍ଟୋବର ୧ ସୁଦ୍ଧା ପାରଳାଖେମୁଣ୍ଡି ଏସଡ଼ିଜେଏମ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚ୍ୟାଲେଞ୍ଜ କରି ବିଦ୍ୟାଭାରତୀ ସୁପ୍ରିମକୋର୍ଟ ଯାଇଥିଲେ । ତେବେ ସୁପ୍ରିମକୋର୍ଟ ତାଙ୍କୁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିବା ପାଇଁ ସୁଯୋଗ ଦେଇଥିଲେ । ଏହାପରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ ଦାଖଲ ପ୍ରକ୍ରିୟା ଚାଲିଥିବା ଦର୍ଶାଇ ବିଦ୍ୟାଭାରତୀଙ୍କ ଓକିଲ ହାଜର ସମୟସୀମା ବୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ । ଯୁକ୍ତି ଶୁଣିବା ପରେ ହାଇକୋର୍ଟ ହାଜର ସମୟସୀମାକୁ ଅକ୍ଟୋବର ୩୦ ଯାଏ ବୃଦ୍ଧି କରିଥିବା ଜଣାପଡ଼ିଛି ।

# ଗୋ-ମାଂସ ଚାଲାଣ ଅଭିଯୋଗରେ ସ୍ୱାମୀ-ସ୍ତ୍ରୀ ଗିରଫ

ଜଳେଶ୍ୱର(ନିପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ବସ୍ତା-ବାଲିଆପାଳ ରାସ୍ତାର ପୁଟୁରା ଛକ ନିକଟରୁ ପାଖାପାଖି ୧ କୁଇଣ୍ଟାଲ ଗୋମାଂସ ଜବତ କରିବା ସହିତ ସ୍ୱାମୀ-ସ୍ତ୍ରୀକୁ ଅଟକ ରଖିଛି ପୋଲିସ । ବସ୍ତା ଅଞ୍ଚଳରୁ ଏକ ବ୍ୟାଗରେ ଗୋ-ମାଂସ ଭର୍ତ୍ତି କରି ଅଭିଯୁକ୍ତ ଦମ୍ପତ୍ତି ବାଇକ ଯୋଗେ ବାଲିଆପାଳ ଅଭିମୁଖେ ଯାଉଥିବା ବେଳେ ଖବର ପାଇ ବଜରଙ୍ଗ ଦଳ ଓ ଏସ୍‌ପିସିଏ ସେମାନଙ୍କୁ ଅଟକାଇ ସିଂଲା ପୋଲିସକୁ ଖବର ଦେଇଥିଲେ । ପୋଲିସ ଗୋମାଂସ ଭର୍ତ୍ତି ବ୍ୟାଗ ଜବତ କରିବା ସହିତ ସ୍ୱାମୀ-ସ୍ତ୍ରୀ ଉଭୟଙ୍କୁ ଗିରଫ କରିଛି । ତେବେ ଉକ୍ତ ଗୋମାଂସ ସ୍ଥାନୀୟ ବାଲିଆପାଳ ଅଂଚଳର ମାଂସ ଦୋକାନ, ହୋଟେଲକୁ ଦିଆଯାଉଥିବା ଅଭିଯୁକ୍ତ ଦମ୍ପତ୍ତି କହିଛନ୍ତି ବୋଲି ବଜରଙ୍ଗ ଦଳର କର୍ମୀମାନେ ପ୍ରକାଶ କରିଛନ୍ତି । ଗିରଫ ଦମ୍ପତ୍ତି ହେଲେ ବସ୍ତା ଥାନା ବିଦ୍ୟାଧରପୁର ଗ୍ରାମର ଶେଖ ଫରିଦ ଓ ତାଙ୍କ ସ୍ତ୍ରୀ କୁହିନୁର ବିବି ବୋଲି ଜଣାପଡିଛି । ସିଂଲା ପୋଲିସ ୩୨୭/୨୬ ମୂଳେ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି ।



# ମାଫିଆ ଓ ସିଣ୍ଡିକେଟର ସଲାସୂତ୍ରରେ ଚାଲିଛି ବେଧଡକ ଗୋଚାଲାଣ !

## ପୁଲିସ କାର୍ଯ୍ୟାନୁଷ୍ଠାନରେ ଶିଥିଳ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳିକାଟୁ ଥାନା ଅଞ୍ଚଳରେ ଗାଇ, ଗୋରୁ ପୋଢ ଓ ମଇଁଷି ବେଧଡକ ଭାବେ ଚାଲାଣ ହେଉଥିବା ଜଣାପଡ଼ିଛି । ଏବେ ଗୋମାଫିଆ ଓ ସିଣ୍ଡିକେଟ ଦୁହେଁ ଭାଇ ଭାଇ ପାଲଟି ଯାଇଥିବା ସୂତ୍ରରୁ ଜଣାପଡ଼ିଛି । ପ୍ରଚ୍ଛଦ ପଟରେ ସିଣ୍ଡିକେଟ ଗୋମାଫିଆଙ୍କୁ ସାହସ ଦେବା ଫଳରେ ଗାଁ ଗହଳରୁ ଗାଇ, ଗୋରୁ, ପୋଢ ଓ ମଇଁଷି ବେଧଡକ ଭାବେ ହିଞ୍ଜିଳି ଥାନା ଅଞ୍ଚଳ ଦେଇ ପରିବହନ ହେଉଥିବା ନିତିଦିନିଆ ଘଟଣା ପାଲଟିଛି । ପୂର୍ବରୁ ହିଞ୍ଜିଳି ଥାନା ପୁଲିସ କିଛି ଗୋମାଫିଆଙ୍କୁ ବାନ୍ଧି ଜେଲ ଠୁଙ୍କିବା ଫଳରେ କିଛି ଦିନ ପାଇଁ ଆଖପାଖ ଗାଁରୁ ଗୋଚାଲାଣ କାରବାର ଥମିଥିବା ଜଣାପଡ଼ିଥିଲା । କିନ୍ତୁ କିଛି ଦିନର ନିରବତା ପରେ ଏବେ ପୁଣି ଗୋମାଫିଆଙ୍କ ସାହସ ପୁରାପୁରି ବଢ଼ି ଯାଇଛି । ପ୍ରଚ୍ଛଦ ପଟରେ ସିଣ୍ଡିକେଟର ପ୍ରୋତ୍ସାହନ ଓ ସମର୍ଥନ ପାଇ ଗୋମାଫିଆ ନିଜ ଇଚ୍ଛା ଅନୁଯାୟୀ ଗୋଚାଲାଣ କରୁଥିବା ଜଣାପଡ଼ିଛି । ପୂର୍ବରୁ ହିଞ୍ଜିଳି ଥାନା ଅଞ୍ଚଳର କିଛି ପେସାଦାର ଗୋ ମାଫିଆ ଗାଁ ଗଣ୍ଡାରୁ ଗାଇ, ଗୋରୁ, ପୋଢ ଓ ମଇଁଷି କିଣି ପିକ୍‌ଅପ ଗାଡ଼ି ଯୋଗେ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ । ପୁଲିସ ପାଟ୍ରୋଲିଂ ବେଳେ କିମ୍ବା ଗୁପ୍ତ ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗୋଚାଲାଣ ଗାଡ଼ି ସହ ଚାଳକକୁ ଗିରଫ କରି ଜେଲ ହାଜତକୁ ପଠାଉଥିଲା । ଏସବୁ ନିୟମିତ ଭାବେ ହେଉ ନ ଥିଲେ ମଧ୍ୟ ଗୋମାଫିଆଙ୍କ ମଧ୍ୟରେ ଗିରଫଦାରୀ ଭୟରେ ଗୋଚାଲାଣରେ ହ୍ରାସ ଦେଖାଦେଇଥିଲା । ପରେ ସ୍ଥାନୀୟ ଅଞ୍ଚଳର ଗୋସେବକଙ୍କ ଅଭିଯୋଗ ଆଧାରରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଗୋଚାଲାଣ ଗାଡ଼ି ଓ ଚାଳକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା । ଗୋସେବକଙ୍କ ଅଭିଯୋଗ ଓ ପୁଲିସର ଘନଘନ ଧରପଗଡ ଗୋମାଫିଆଙ୍କ ନିଦ ହଜିଯାଇଥିଲା । ଫଳରେ ହିଞ୍ଜିଳି ଥାନା ଅଞ୍ଚଳରେ ଗୋମାଫିଆଙ୍କ କାରବାର ବନ୍ଦ ହୋଇଯାଇଥିଲା । କିନ୍ତୁ ପୂର୍ବଭଳି ଏବେ ଆଉ କାହାର ଅଭିଯୋଗ ନାହିଁ କିମ୍ବା ପୁଲିସ କାର୍ଯ୍ୟନୁଷ୍ଠାନ ବି ଦେଖିବାକୁ ମିଳୁନି । ଗୋଚାଲାଣ ଗାଡ଼ିକୁ ଅଟକାଇ ପୁଲିସ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରୁଥିବା ଗୋସେବକଙ୍କ ସ୍ୱର ନରମି ଯାଇଛି । ତେଣୁ ପୂର୍ବଭଳି ପୁଲିସ ଆଉ ତତ୍ପରତା ଦେଖାଇ ଗୋଚାଲାଣ କରୁଥିବା ପିକଅପ ଭ୍ୟାନ ଓ ଡ୍ରାଇଭରକୁ ଗିରଫ କରିବାରେ ଅସମର୍ଥ ହୋଇଛି । ଏପରି ସ୍ଥଳେ ଦିନ ହେଉ କି ରାତି ହେଉ ମାଫିଆମାନେ ବ୍ୟାପକ ଭାବେ ଗାଁ ଗଣ୍ଡାରୁ ଗୋଚାଲାଣ କରୁଥିବା ଦେଖାଯାଇଛି । ଗତ ରବିବାର ରାତି ପ୍ରାୟ ଆଠଟା ବେଳେ ହିଞ୍ଜିଳି ଥାନାର କଞ୍ଚୁରୁ ରାସ୍ତାରେ ଓ ମଙ୍ଗଳବାର ସକାଳେ ହିଞ୍ଜିଳି ଥାନାର ୫୯ ନଂ ଜାତୀୟ ରାଜପଥ ଦେଇ ପିକଅପ ଭ୍ୟାନ ଯୋଗେ ପୋଢ଼ ମଇଁଷି ଚାଲାଣ ହେଉଥିବା ଜଣାପଡ଼ିଛି । କେଉଁ ଅଦୃଶ୍ୟ ସିଣ୍ଡିକେଟ ବଳରେ ଗୋ ମାଫିଆ ବେଶ ସକ୍ରିୟ ହୋଇ ହିଞ୍ଜିଳି ଥାନା ଅଞ୍ଚଳରେ ବେଧଡକ ଗୋଚାଲାଣ କରିବାରେ ସଫଳ ହେଉଛନ୍ତି, ତାହା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି ।



# ପଦ ଛାଡ଼ିଲେ ହରମନପ୍ରୀତ, ଦାୟିତ୍ୱ ନେଲେ ସ୍ମୃତି ମନ୍ଧାନା

ନୂଆଦିଲ୍ଲୀ,୬/୧୦: ଅଚାନକ ମହିଳା କ୍ରିକେଟ୍ ଦଳର ଅଧିନାୟକତ୍ୱ ଛାଡିଛନ୍ତି ହରମନପ୍ରୀତ କୌର । ଇନଷ୍ଟାରେ ଇମୋସନାଲ ପୋଷ୍ଟ ବଡ଼ ନିଷ୍ପତି ବାବଦରେ ଘୋଷଣା କରିଛନ୍ତି ହରମନପ୍ରୀତ କୌର । ଦିନିକିଆ ବିଶ୍ୱକପ, ଏସିଆଲ ଗୋଲ୍ଡ ମେଡାଲ ବିଜୟୀ କ୍ୟାପ୍ଟେନ ହରମନପ୍ରୀତ କୌରଙ୍କ ଏହି ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି । ପୋଷ୍ଟରେ ସେ ଲେଛନ୍ତି ତାଙ୍କ ପାଇଁ ଏହି ନିଷ୍ପତ୍ତି ସହଜ ନଥିଲା । କ୍ୟାପଟ୍ଟେନ୍ସି ଛାଡୁଛନ୍ତି କିନ୍ତୁ ଟିମ୍ ଇଣ୍ଡିଆ ସହ ଯାତ୍ରା ଜାରି ରହିବ । ତେବେ ତାଙ୍କ ସ୍ଥାନରେ ସ୍ମୃତି ମନ୍ଧାନାଙ୍କୁ ଅଧିନାୟକତ୍ୱ ଦାୟିତ୍ୱ ମିଳିଛି । ଅଧିନାୟତ୍ୱରୁ ଇସ୍ତଫା ଘୋଷଣା କରି ୩୭ ବର୍ଷୀୟ ହରମପ୍ରୀତ କୌର ଲେଖିଛନ୍ତି, '' ଆଜି ସବୁ ଫର୍ମାଟରୁ ଭାରତୀୟ ମହିଳା କ୍ରିକେଟ୍ ଦଳର କ୍ୟାପଟ୍ଟେନ୍ସି ଛାଡୁଛି । ଏହା ସହଜ ନିଷ୍ପତ୍ତି ନଥିଲା । ଏଥିରେ ବର୍ଷର ବର୍ଷର ସ୍ମୃତି, ତ୍ୟାଗ




ଏବଂ ଏମିତି ମୂହୁର୍ତ୍ତ ରହିଛି ଯାହା ଜୀବନ ସାରା ସାଥୀରେ ରହିବ । ମୁଁ ଏହି ଦଳ ଏବଂ ଭାରତୀୟ ମହିଳା କ୍ରିକେଟ୍ ପାଇଁ ନିଜର ସର୍ବସ୍ୱ ଦେଇଛି । ମୋର ରକ୍ତ, ଝାଳ, ସମୟ ଏବଂ ଅନେକ ସମୟରେ ମୋର ନିଜସ୍ୱ ଖେଳ ଓ ବ୍ୟକ୍ତିଗତ ଆକାଂକ୍ଷା ଏକ ଅଂଶ ହୋଇ ରହିଛି । ଏପରି ମୁହୂର୍ତ୍ତ ମଧ୍ୟ ଆସିଛି ଯେତେବେଳେ ମୋତେ ମୋର ବ୍ୟକ୍ତିଗତ ପ୍ରଦର୍ଶନ, ନିଜର ବିକାଶ ଏବଂ ନିଜ ପାଇଁ ଥିବା ଇଚ୍ଛାକୁ ପଛରେ ପକାଇବାକୁ ପଡ଼ିଛି, କାରଣ ମୁଁ ବିଶ୍ୱାସ କରୁଥିଲି ଯେ ଦଳର ସ୍ୱାର୍ଥ ସର୍ବୋପରି । ଅଧିନାୟିକା ଭାବରେ, ମୋତେ କଠିନ ନିଷ୍ପତ୍ତି ନେବାକୁ ପଡ଼ିଛି ।ଏପରି ନିଷ୍ପତ୍ତି ଯାହା ସବୁବେଳେ ସହଜ ନଥିଲା କିମ୍ବା ସମସ୍ତଙ୍କ ଦ୍ୱାରା ସହଜରେ ବୁଝାପଡୁନଥିଲା, ଏବଂ କେତେକ କ୍ଷେତ୍ରରେ ଏଥିପାଇଁ ମୋତେ ବ୍ୟକ୍ତିଗତ ମୂଲ୍ୟ ମଧ୍ୟ ଦେବାକୁ ପଡ଼ିଛି । କିନ୍ତୁ ମୁଁ ନେଇଥିବା ପ୍ରତ୍ୟେକ ନିଷ୍ପତ୍ତି ପଛରେ ଗୋଟିଏ ଉଦ୍ଦେଶ୍ୟ ଥିଲା - ଏହି ଦଳକୁ ଆହୁରି ଉନ୍ନତ କରିବା ଏବଂ ଅନ୍ୟ ଖେଳାଳିମାନଙ୍କୁ ବିକାଶର ସୁଯୋଗ ଦେବା, ଯାହା ଦ୍ୱାରା ସେମାନେ ନିଜ ଉପରେ ବିଶ୍ୱାସ ରଖିପାରିବେ ଏବଂ ନିଜର ସର୍ବୋତ୍ତମ ରୂପ ପ୍ରଦର୍ଶନ କରିପାରିବେ ।

# ୨୦୩୬ ଅଲିମ୍ପିକ୍ସ ଦୌଡ଼ରେ ଭାରତ



ନୂଆଦିଲ୍ଲୀ, ୬/୧୦ : ୨୦୩୬ ଅଲମ୍ପିକ୍ସର ଆୟୋଜନ ପାଇଁ ଭାରତ ସମେତ ୭ଟି ଦେଶ ନିଜର ଦାବି ଉପସ୍ଥାପନ କରିଛନ୍ତି । ଭାରତ, ଜର୍ମାନୀ, କାତାର ଏବଂ ତୁର୍କୀ ସମେତ ସାତଟି ଦେଶ ୨୦୩୬ ଅଲମ୍ପିକ୍ସର ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କରିଥିବା , ଅନ୍ତର୍ଜାତୀୟ ଅଲମ୍ପିକ୍ କମିଟି ଏହି ସୂଚନା ଦେଇଛି । ନଭେମ୍ବର ମାସରେ 'ଫ୍ୟୁଚର ହୋଷ୍ଟ କମିଶନ' ସମ୍ମୁଖରେ ସେମାନଙ୍କର ପ୍ରକଳ୍ପ ଉପସ୍ଥାପନ କରିବାକୁ ସେମାନଙ୍କୁ ନିମନ୍ତ୍ରଣ କରାଯାଇଛି । ଆଇଓସି କହିଛି ଯେ, ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କେତେକ ବୈଷୟିକ ଦିଗ ଉପରେ କରାଯିବ, ଯେଉଁଥିରେ ଆୟୋଜନ ସ୍ଥଳର ମାଷ୍ଟର ପ୍ଲାନ୍, ଖେଳାଳିଙ୍କ ଅଭିଜ୍ଞତା, ଫଣ୍ଡିଂ ରଣନୀତି, ରାଜନୈତିକ ଓ ଜନସାଧାରଣଙ୍କ ସମର୍ଥନ, ଆୟୋଜନ କରିବାର କ୍ଷମତା ଏବଂ ଆୟୋଜକ ସମୁଦାୟକୁ ଦୀର୍ଘକାଳୀନ ଫାଇଦା ପହଞ୍ଚାଉ ଥିବା ଐତିହ୍ୟ ରଣନୀତି ଅନ୍ତର୍ଭୁକ୍ତ । ଆଇଓସି ଏକ ବିବୃତିରେ କହିଛି ଯେ, ଆଗ୍ରହୀ ପକ୍ଷମାନେ ଆଇଓସି ସହ ଲଗାତାର ଭାବେ ଆଲୋଚନା କରୁଛନ୍ତି ଏବଂ ୨୦୩୬ ଅଲମ୍ପିକ୍ସ ଆୟୋଜନ କରିବାକୁ ଚାହୁଁ ଥିବା ଦେଶ ଗୁଡ଼ିକ ହେଲେ, ଜର୍ମାନୀ, ହଙ୍ଗେରୀ, ଭାରତ, କାତାର, କୋରିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ । ଏଥିରେ ଆହୁରି କୁହାଯାଇଛି ଯେ, ଅନେକ ଜାତୀୟ ଅଲମ୍ପିକ୍ କମିଟି ୨୦୩୬ ପରେ ହେବାକୁ ଥିବା ଅଲମ୍ପିକ୍ସ ଖେଳର ଆୟୋଜନକୁ ନେଇ ଆଇଓସି ସହ ପ୍ରାରମ୍ଭିକ ଆଲୋଚନାରେ ସାମିଲ ଅଛନ୍ତି । ଆଗ୍ରହୀ ଦେଶ ଗୁଡ଼ିକୁ ନଭେମ୍ବରରେ 'ଫ୍ୟୁଚର ହୋଷ୍ଟ କମିଶନ' ଆଗରେ ସେମାନଙ୍କର ପ୍ରକଳ୍ପ ପ୍ରସ୍ତୁତ କରିବାକୁ ଅନୁରୋଧ କରାଯାଇଛି ।



ଷୋଳପୂଜା ଅବସରରେ କାକଟପୁର ମା' ମଙ୍ଗଳା (ଫଟୋ-ତୁଷାର ଦୀକ୍ଷିତ)

## ୱେଷ୍ଟଇଣ୍ଡିଜ ୮ ୱିକେଟ୍‌ରେ ପରାସ୍ତ



ନୂଆଦିଲ୍ଲୀ,୬।୧୦: ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ୱେଷ୍ଟଇଣ୍ଡିଜକୁ ୮ ୱିକେଟ୍‌ରେ ପରାସ୍ତ କରିଛି ଏବଂ ମାତ୍ର ୧୪.୪ ଓଭରରେ ୧୭୨ ରନ୍‌ର ଲକ୍ଷ୍ୟକୁ ଅତି ସହଜରେ ହାସଲ କରିନେଇଛି ।ଏହି ମ୍ୟାଚ୍‌ର ମୁଖ୍ୟ ଆକର୍ଷଣ ଥିଲେ ଅଧିନାୟକ ଶ୍ରେୟସ ଆୟର, ଯିଏ ମାତ୍ର ୪୩ଟି ବଲ୍‌ରୁ ଅପରାଜିତ ୧୦୨ ରନ୍ ସଂଗ୍ରହ କରିଥିଲେ। ଏହି ଡାହାଣହାତୀ ବ୍ୟାଟର ଜଣକ ଏକ ଚିତ୍ତାକର୍ଷକ ଇନିଂସ୍ ଖେଳିଥିଲେ। ସେ ୨୩୭ରୁ ଅଧିକ ଷ୍ଟ୍ରାଇକ୍ ରେଟ୍ ବଜାୟ ରଖି ୧୦ଟି ଚୌକା ଓ ୬ଟି ଛକା ମାରିଥିଲେ।

## ମହାକାଳପଡ଼ାରେ ଏନଏଚଆରସିର ୩ ଜଣିଆ ଟିମ୍

କେନ୍ଦ୍ରାପଡା, ୬/୧୦(ନିପ୍ର): ମହାକାଳପଡା ବ୍ଲକ ଅନ୍ତର୍ଗତ ତିଖିରି ଗ୍ରାମ ପଂଚାୟତର ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ଅସାଦାଚରଣ ଘଟଣାର ତଦନ୍ତ କରୁଛି ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) । ଆଜି ଏହି କ୍ରମରେ ମହାକାଳପଡାରେ ପହଞ୍ଚିଛନ୍ତି ଏନଏଚଆରସିର ୩ ଜଣିଆ ଟିମ୍ । ମହାକାଳପଡା ପୋଲିସ, ବିଡ଼ିଓ ଓ ବ୍ଲକ୍ କର୍ମଚାରୀଙ୍କୁ ପଚରାଉଚରା କରିଛନ୍ତି ଟିମ୍। ଟିମ୍ ଏ ସମ୍ପର୍କରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିବା ସହିତ ସେଦିନର ଘଟଣା ଉପରେ ତଦନ୍ତ ଚଳାଇଛନ୍ତି ।

## ହାଇୱା ଧକ୍କାରେ +୨ ଛାତ୍ରୀ ମୃତ

ଆଠଗଡ଼,୬।୧୦(ନିପ୍ର) : ଆଠଗଡ଼ ଗୋପବନ୍ଧୁ ମହିଳା +୨ କଲେଜର ୨ଜଣ ଛାତ୍ରୀ କ୍ଲାସ ସାରି ଫେରିବା ବାଟରେ ଚାନ୍ଦବାଲି ଛକ ନିକଟରେ ଏକ ହାଇୱା ପଛପଟୁ ଧକ୍କା ଦେବା ଫଳରେ ଅନ୍ନପୂର୍ଣ୍ଣା ପରିଡ଼ା(ପିତା - ପ୍ରଶାନ୍ତ ପରିଡ଼ା )ନାମକ ଛାତ୍ରୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ଆହତ ଛାତ୍ରୀଙ୍କୁ ସ୍ଥାନୀୟ ଲୋକେ ଆଠଗଡ଼ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଛନ୍ତି ।ମୃତ ଛାତ୍ରୀଙ୍କ ଘର ଆଠଗଡ଼ରୁ ପ୍ରାୟ ୪ କିମି ଦୂର ଢେଙ୍କାନାଳ ଜିଲ୍ଲା ଦେଓପଡ଼ା ଗ୍ରାମରେ ହୋଇଥିବା ବେଳେ ଆହତ ଛାତ୍ରଙ୍କ ଘର ଦୋରଡ ପଞ୍ଚାୟତ ଇଶ୍ୱରା ଗ୍ରାମରେ ବୋଲି ଜଣାପଡ଼ିଛି । ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହେବା ସହ ସ୍ଥାନୀୟ ଲୋକେ ଟାୟାର ଜାଳି ଦୁର୍ଘଟଣାସ୍ଥଳରେ ରାସ୍ତାରୋକ କରିଥିଲେ । ଆଠଗଡ଼ ପୋଲିସ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା । ଆଠଗଡ଼ ଥାନା କେସ ନମ୍ବର ୪୧୮/୨୬ ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

# ଟାଟାଷ୍ଟିଲ୍ ପକ୍ଷରୁ ତାଳବାହାଲ ଟିମ୍ ବ୍ରହ୍ମପୁତ୍ର ଭଲିବଲ୍ ଲିଗ୍‌ରେ ରନର୍ସଅପ୍

**ଅନୁଗୋଳ, ୬/୧୦(ନିପ୍ର):** ଆସାମର ଗୁଆହାଟୀଠାରେ ଆୟୋଜିତ ବ୍ରହ୍ମପୁତ୍ର ଭଲିବଲ୍ ଲିଗ୍ (ବିଭିଏଲ୍)ରେ ଅନୁଗୋଳ ଜିଲ୍ଲା ତାଳବାହାଲର ୧୬ ବର୍ଷରୁ କମ୍ ବାଳିକା ଟିମ୍ ରନର୍ସଅପ୍ ହୋଇଛି। ଗୁଆହାଟୀର ଜଜେସ୍ ଫିଲ୍ଡସ୍ଥିତ ଜିଭିସିସି ଗ୍ରାଉଣ୍ଡରେ ଆୟୋଜିତ ଏହି ପ୍ରତିଯୋଗିତାରେ ଟିମ୍ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥଲା। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ (ଟିଏସ୍ଏଫ୍)ର ତୃଣମୂଳସ୍ତରର କ୍ରୀଡ଼ା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ନେଇଥିବା ଗ୍ରାମାଞ୍ଚଳର କ୍ରୀଡ଼ାବିତମାନଙ୍କ ଏହି ସଫଳତା ଫାଉଣ୍ଡେସନ୍ ପାଇଁ ଏକ ବଡ଼




ସଫଳତା। ଡିସେମ୍ବର-୨୦୨୫ରେ କଳିଙ୍ଗ ଭଲିବଲ୍ ଡେଭଲପମେଣ୍ଟ କାଉନସିଲ୍ ଦ୍ୱାରା ଆୟୋଜିତ 'କଳିଙ୍ଗ ଭଲିବଲ୍ ଲିଗ୍'ରେ ତାଳବାହାଲ ବାଳିକା ଦଳ ଅନୁଗୋଳ ଜିଲ୍ଲା ପାଇଁ ପ୍ରତିନିଧିତ୍ୱ କରି ଚାମ୍ପିଅନ୍ ହୋଇଥିଲା। ଏହି ବିଜୟ ଆଧାରରେ ଟିମ୍ ବ୍ରହ୍ମପୁତ୍ର ଭଲିବଲ୍ ଲିଗ୍‌ରେ ଖେଳିବା ପାଇଁ ମନୋନୀତ ହୋଇଥିଲା। ଗୁଆହାଟୀରେ ଅନୁଷ୍ଠିତ ଏହି ଜାତୀୟସ୍ତରର ପ୍ରତିଯୋଗିତାରେ ତାଳବାହାଲ ଟିମ୍ ନିଜର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଜାମ୍ମୁ-କାଶ୍ମୀର, ଝାଡ଼ଖଣ୍ଡ ଓ ମଣିପୁର ଦଳକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲା। ଫାଇନାଲ୍ ମ୍ୟାଚ୍‌ରେ ତାଳବାହାଲ ଦଳ ଆସାମ ବିପକ୍ଷରେ ମ୍ୟାଚ୍ ଖେଳି ୧-୩ ଗୋଲ୍‌ରେ ପରାଜିତ ହୋଇ ରନର୍ସ-ଅପ୍ ହୋଇଥିଲା। ଏହି ଦଳରେ ରୋଜାଲିନ୍ ନାୟକ, ବିଷ୍ଣୁପ୍ରିୟା ରାଉଳ, ସୌମ୍ୟା ସନ୍ଦୀପା ଗଡ଼ନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମିକି ନାୟକ, ରିଙ୍କି ସାହୁ, ମିରାଲି ନାୟକ, ରୂପାଲି ନାୟକ, ସ୍ୱର୍ଣ୍ଣପ୍ରଭା ନାୟକ, ଶିବାନୀ ନାୟକ, ଶ୍ରାବଣୀ ନାୟକ ଓ ସାୟାନୀ ନାୟକ ସାମିଲ ଥିଲେ। ବ୍ରହ୍ମପୁତ୍ର ଭଲିବଲ୍ ଲିଗ୍ ଏବଂ ଦାନୀ ସ୍ପୋର୍ଟସ୍ ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଲିଗ୍‌ରେ ଆସାମ, ଜାମ୍ମୁ-କାଶ୍ମୀର, ଝାଡ଼ଖଣ୍ଡ, ମଣିପୁର ଏବଂ ଓଡ଼ିଶା ଟିମ୍ ଭାଗ ନେଇଥିଲେ।

# 'ରାସ୍ତା କାର୍ଯ୍ୟ ସରିଲେ ହିଁ ଧାରଣାରୁ ଉଠିବୁ'

**ନୟାଗଡ଼, ୬/୧୦(ନିପ୍ର):** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରଙ୍ଗଣୀପାଟଣାରୁ ସୁନାମୁହିଁ ପୂର୍ତ୍ତ ବିଭାଗ ରାସ୍ତାକୁ ସରକାରୀ ନିୟମ ଅନୁଯାୟୀ ଦେଓଗାଁ-ଭାଲିଆଡିହି ସହ ସଂଯୋଗ କରିବା ଦାବିରେ ନୟାଗଡ଼ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଦେଓଗାଁ ଗ୍ରାମବାସୀଙ୍କ ଅହୋରାତ୍ର ଗଣଧାରଣା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଗ୍ରାମବାସୀଙ୍କ ଚେତାବନୀ ଅନୁସାରେ, ଏଥର କୌଣସି ପ୍ରତିଶ୍ରୁତି ନୁହେଁ, ବରଂ ରାସ୍ତା କାମ ସମ୍ପୂର୍ଣ୍ଣ ଆରମ୍ଭ ନହେବା ଯାଏ ସେମାନେ ଧାରଣାରୁ ଓହରିବେ ନାହିଁ। ସୂଚନାଯୋଗ୍ୟ, ଏହି ରାସ୍ତା ନିର୍ମାଣ ପାଇଁ ସରକାରୀ ଅର୍ଥ ବ୍ୟୟବରାଦ ହେବା ସହ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଗତ ସେପ୍ଟେମ୍ବର ୨୫ ତାରିଖରେ ଓଡ଼ଗାଁ ତହସିଲ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ ଓ



ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ କାମ କରିବାକୁ ସ୍ଥିର ହୋଇଥିଲା। ଏହି ଆଧାରରେ ଗତ ସେପ୍ଟେମ୍ବର ୨୮ ଓ ୨୯ ତାରିଖରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଭାଲିଆଡିହି ଗ୍ରାମର କିଛି ଲୋକ ଠିକାଦାର ଓ ରାଜସ୍ୱ କର୍ମଚାରୀଙ୍କୁ ଧମକଚମକ ଦେଇ କାମ ବନ୍ଦ କରିଦେଇଥିଲେ। ତେବେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲେ ସୁଦ୍ଧା ଓଡ଼ଗାଁ ପୂର୍ତ୍ତ ବିଭାଗ ଯନ୍ତ୍ରୀ ସୁଧାଂଶୁ ବେହେରା ପୋଲିସରେ କୌଣସି ଏତଲା ନଦେବା କିମ୍ବା ଉପର ଅଧିକାରୀଙ୍କୁ ନଜଣାଇବା ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରିଛି। ଗ୍ରାମବାସୀମାନେ ଉକ୍ତ ଯନ୍ତ୍ରୀଙ୍କ ବଦଳି ଆଦେଶକୁ ବାତିଲ କରିବା ସହ ପୋଲିସ ମୁତୟନ କରି ତୁରନ୍ତ ରାସ୍ତା କାର୍ଯ୍ୟ ଶେଷ କରିବାକୁ ଦାବି କରିଛନ୍ତି। ସରକାରୀ କାର୍ଯ୍ୟରେ ବାଧା ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ଏବଂ ଆନ୍ଦୋଳନକାରୀଙ୍କ ଦାବି ଉପରେ ପୂର୍ତ୍ତ ବିଭାଗ କି ପଦକ୍ଷେପ ନେଉଛି, ତାହା ଦେଖିବାକୁ ବାକି ରହିଲା।

## ୧୦ ହଜାର କୋଟି ନିବେଶକୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ, ୬।୧୦(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ' ଏସ୍ଏମ୍ଇ ଗ୍ରୋଥଫଣ୍ଡ' (ଏସଜିଏଫ) ଗଠନ ପାଇଁ ୧୦,୦୦୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ଏହି ପାଣ୍ଠିର ଲକ୍ଷ୍ୟ ହେଉଛି ଭାରତର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ଅଭିବୃଦ୍ଧିମୂଳକ ପୁଞ୍ଜି ଯୋଗାଡ଼ କରିବା ଏବଂ ଉତ୍ପାଦନ, ସେବା, ପ୍ରଯୁକ୍ତିବିଦ୍ୟା, ନବସୃଜନ-ଭିତ୍ତିକ କ୍ଷେତ୍ର ଓ ରଣନୈତିକ ମୂଲ୍ୟ ଶୃଙ୍ଖଳା ଭଳି କ୍ଷେତ୍ରରେ ଅଗ୍ରଣୀ ଭାରତୀୟ ଉଦ୍ୟୋଗଗୁଡ଼ିକର ଉଦୟକୁ ସୁଗମ କରିବା। କେନ୍ଦ୍ର ବଜେଟ୍ ୨୦୨୬-୨୭ର ପାରା ୨୮ ଅନୁଯାୟୀ ଏହା କରାଯାଇଛି ।

## ମା'ଙ୍କ ଭବ୍ୟ ଷୋଡ଼ଶ ପୂଜା

ପୁରୀ, ୬/୧୦(ନିପ୍ର): ଶ୍ରୀକ୍ଷେତ୍ର ପୁରୀର ସମସ୍ତ ପ୍ରସିଦ୍ଧ ଶକ୍ତିପୀଠଗୁଡ଼ିକରେ ବର୍ତ୍ତମାନ ପାରମ୍ପରିକ ରୀତିମତେ ମା' ଦୁର୍ଗାଙ୍କ ଶାରଦୀୟ ଷୋଡ଼ଶ ପୂଜା ବା ଷୋଳପୂଜା ଅତ୍ୟନ୍ତ ନିଷ୍ଠାର ସହ ଚାଲିଛି। ଏହି ଅବସରରେ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପ୍ରତିଦିନ ଦେବୀପୀଠଗୁଡ଼ିକରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ସମସ୍ତ ଶକ୍ତିପୀଠରେ ଷୋଡ଼ଶ ଉପଚାର ପୂଜା ସହିତ ସ୍ୱତନ୍ତ୍ର ଚଣ୍ଡୀପାଠ ଓ ଆରାଧନା କରାଯାଉଛି। ରାଧାଷ୍ଟମୀଠାରୁ ଶୟନରେ ଯାଇଥିବା ଦେବୀଙ୍କୁ ପବିତ୍ର ମୂଳାଷ୍ଟମୀ ତିଥିରେ ସହସ୍ର କୁମ୍ଭାଭିଷେକ କରାଯାଇ ଜାଗ୍ରତ କରାଯାଇଛି। ଗଜପତି ମହାରାଜାଙ୍କ ଦ୍ୱାରା ଶାସ୍ତ୍ରୀୟ ବିଧି ଅନୁସାରେ ବ୍ରାହ୍ମଣ ବରଣ କରାଯିବା ପରେ ଏହି ୧୬ ଦିନିଆ ମହାପୂଜା ଆରମ୍ଭ ହୋଇଛି। ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ସମେତ ସହରର ସମସ୍ତ ପୀଠରେ ମୂଳାଷ୍ଟମୀଠାରୁ ମହାନବମୀ ପର୍ଯ୍ୟନ୍ତ ସକାଳ, ମଧ୍ୟାହ୍ନ ଓ ସନ୍ଧ୍ୟା ଧୂପରେ ତ୍ରିକାଳ ପୂଜା ଅନୁଷ୍ଠିତ ହେଉଛି। ଆସନ୍ତା ସପ୍ତମୀଠାରୁ ନବମୀ ତିଥି ମଧ୍ୟରେ ମା'ଙ୍କର ସ୍ୱତନ୍ତ୍ର ମହାପୂଜା ହେବ ଏବଂ ବିଜୟା ଦଶମୀ (ଦଶହରା) ଦିନ ଆୟୁଧ ପୂଜା ସହ ମା'ଙ୍କ ସୁନାବେଶ ଅନୁଷ୍ଠିତ ହେବ। ଏଥି ସହ ଗଜପତି ମହାରାଜାଙ୍କ ଶ୍ରୀନଅରରେ ମଧ୍ୟ ଇଷ୍ଟଦେବୀ କନକ ଦୁର୍ଗା ଓ ମା' ଶ୍ୟାମାକାଳୀଙ୍କ ପୂଜା ବିଧିମତେ ଚାଲିଛି।

# ବିପର୍ଯ୍ୟୟ ପରିଚାଳନା: ଓଡ଼ିଶା-ଗୁଜରାଟ ସହଯୋଗ ହେବ ସୁଦୃଢ଼

## ରାଜସ୍ୱ ମନ୍ତ୍ରୀ ଓ ଓସଡମାର ବରିଷ୍ଠ ଅଧିକାରୀବୃନ୍ଦଙ୍କ ଗୁଜରାଟ ଗସ୍ତ

ଗାନ୍ଧୀନଗର/ଭୁଜ/ଭୁବନେଶ୍ୱର, ୬/୧୦: ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଭିଜ୍ଞତା ଏବଂ ଜ୍ଞାନ ବିନିମୟ ସହ ପରସ୍ପର ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ରାଜ୍ୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ତଥା ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଗୁଜରାଟ ଗସ୍ତ କରିଛନ୍ତି ।ଗସ୍ତ ସମୟରେ ମନ୍ତ୍ରୀଙ୍କ ସହ ସ୍ପେଶାଲ୍ ରିଲିଫ କମିଶନର ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ଙ୍କର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ ଏବଂ ଓସଡମା) ର ବରିଷ୍ଠ



ଅଧିକାରୀବୃନ୍ଦ ଗାନ୍ଧୀନଗରସ୍ଥିତ ଗୁଜରାଟ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଆଇଡିଏମ୍ ପରିଦର୍ଶନ କରିବା ସହ ଭୁଜସ୍ଥିତ ସ୍ମୃତିବନ ଭୂମିକମ୍ପ ସ୍ମାରକୀ ଏବଂ ସଂଗ୍ରହାଳୟ ପରିଦର୍ଶନ କରି ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ପ୍ରାସଙ୍ଗିକ ଦିଗ ସମ୍ପର୍କରେ ଅନୁଭୂତି ଓ ଜ୍ଞାନ ଆହରଣ କରିଥିଲେ ।ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ରଭାଇ ପଟେଲଙ୍କୁ ସାକ୍ଷାତ କରି ଉଭୟ ରାଜ୍ୟର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପଦକ୍ଷେପ ସମ୍ପର୍କରେ ମତ ବିନିମୟ କରିଥିଲେ। ଏହାସହ ଗୁଜରାଟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସଞ୍ଜୟସିଂହ ବିଜୟସିଂହ ମହିଦା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡଃ ଜୟନ୍ତୀ ଏସ୍. ରବି, ରିଲିଫ୍ କମିଶନର ଶ୍ରୀ ଗୌରାଙ୍ଗ ଏଚ୍. ମକୱାଣା, ଜିଏସଡିଏମଏର ସିଇଓ ତଥା ଜିଆଇଡିଏମ୍ ର ଡିଜି ଡଃ ଧବଲ ପଟେଲଙ୍କ ସମେତ ବିଭାଗ ଓ ବିପର୍ଯ୍ୟୟ ପରିଚାଳନା ସଂସ୍ଥାଗୁଡ଼ିକର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା। ଆଲୋଚନାରେ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରଶିକ୍ଷଣ, କ୍ଷମତା ବିକାଶ, ପ୍ରଯୁକ୍ତିର ବ୍ୟବହାର, ମକ୍ ଡ୍ରିଲ୍, ଜନସଚେତନତା ଏବଂ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ବାସ ଓ ପୁନର୍ନିର୍ମାଣ ଆଦି କ୍ଷେତ୍ରରେ ଉଭୟ ରାଜ୍ୟର ଅଭିଜ୍ଞତା ଏବଂ ଜ୍ଞାନ ବିନିମୟ ହୋଇଥିଲା ।ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉଭୟ ରାଜ୍ୟର ସହଯୋଗକୁ ଏକ ନୂତନ ସ୍ତରକୁ ନେବା ପାଇଁ ପ୍ରଶିକ୍ଷଣ ଓ ଜ୍ଞାନ ବିନିମୟ ମାଧ୍ୟମରେ କ୍ଷମତା ବୃଦ୍ଧି, ଏବଂ ଯୁଗ୍ମ ଅଭ୍ୟାସ ଓ କର୍ମଶାଳା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି । ଏହାଦ୍ୱାରା ଉଭୟ ରାଜ୍ୟର ବିପର୍ଯ୍ୟୟ ପ୍ରତିରୋଧ, ପ୍ରସ୍ତୁତି ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ।

# ହବିଷ୍ୟାଳୀ ବ୍ରତ ପାଇଁ ଅନଲାଇନ ପଞ୍ଜିକରଣ ଆରମ୍ଭ

## ୩ କେନ୍ଦ୍ରରେ ରହିବେ ହବିଷ୍ୟାଳୀ ମା'ମାନେ

ପୁରୀ, ୬/୧୦(ନିପ୍ର): ଶ୍ରୀକ୍ଷେତ୍ର ପୁରୀରେ କାର୍ତ୍ତିକ ମାସରେ ଅନୁଷ୍ଠିତ ହେବାକୁ ଥିବା ପ୍ରସିଦ୍ଧ ହବିଷ୍ୟାଳୀ ବ୍ରତ ବା ରାଇଦାମୋଦର ବ୍ରତ ପାଇଁ ମଙ୍ଗଳବାର ଠାରୁ ଅନଲାଇନ ପଞ୍ଜିକରଣ ବ୍ୟବସ୍ଥା ଆରମ୍ଭ ହୋଇଛି। ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖରୁ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଏହି ବ୍ରତ ଅନୁଷ୍ଠିତ ହେବ। ଆଗ୍ରହୀ ମହିଳାମାନେ ସରକାରୀ ପୋର୍ଟାଲ https://odisha.gov.in ମାଧ୍ୟମରେ ଆବେଦନ କରିପାରିବେ। ଏହି ପଞ୍ଜିକରଣ ପ୍ରକ୍ରିୟା ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି। ଚଳିତ ବର୍ଷ ବୃନ୍ଦାବତୀ ନିବାସ, ମୋଚି ସାହି କଲ୍ୟାଣ ମଣ୍ଡପ ଏବଂ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଦି ୩ଟି କେନ୍ଦ୍ରରେ ହବିଷ୍ୟାଳୀ ମା'ମାନଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ସେମାନଙ୍କ ମାଗଣା ରହଣି ସହିତ ପ୍ରାତଃ ସମୟରେ ବୃନ୍ଦାବତୀ ପୂଜା, ଶ୍ରୀମନ୍ଦିର ଦର୍ଶନ, ମହାପ୍ରସାଦ ସେବନ ଓ ଭଜନ-କୀର୍ତ୍ତନର ସୁବିଧା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ। ବ୍ରତଧାରୀମାନେ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ହେବା ଅନିର୍ବାର୍ଯ୍ୟ। ଜିଲ୍ଲାପାଳଙ୍କ ସୂଚନାନୁସାରେ, ଏହି ଯୋଜନାରେ ୭୦ ବର୍ଷ ବୟସ ପର୍ଯ୍ୟନ୍ତ ବିଧବା ଏବଂ ୫୦ରୁ ୭୦ ବର୍ଷ ବୟସର ବିବାହିତ ମହିଳାମାନେ ହିଁ କେବଳ ଆବେଦନ କରିପାରିବେ, ଯେଉଁଥିରେ ନୂତନ ଆବେଦନକାରୀଙ୍କୁ ପ୍ରାଥମିକତା ଦିଆଯିବ। ଅନଲାଇନ ଯାଞ୍ଚ ପରେ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ପଞ୍ଜିକୃତ ମୋବାଇଲ ନମ୍ବରରେ କେନ୍ଦ୍ରର ନାମ ଓ ପହଞ୍ଚିବା ତାରିଖ ଜଣାଇ ଦିଆଯିବ।

# କାଗଜପତ୍ର ଜାଲିଆତି କରି ସମ୍ପତ୍ତି ହାତେଇବା ମସୁଧା: ଅଙ୍ଗନବାଡ଼ି କର୍ମୀଙ୍କ ଆବେଦନ ଖାରଜ

**କାକଟପୁର, ୬/୧୦(ନିପ୍ର):** ଉତ୍ତରାଧିକାରୀ ପ୍ରମାଣପତ୍ରକୁ ନେଇ କାକଟପୁର ତହସିଲରେ ଏକ ବଡ଼ କାଗଜପତ୍ର ଜାଲିଆତି ଅଭିଯୋଗ ସାମ୍ନାକୁ ଆସିଛି। ପିତାଙ୍କ ନାମ ଓ ଜନ୍ମତାରିଖ ବଦଳାଇ ସମ୍ପତ୍ତି ହାତେଇବାକୁ ଚେଷ୍ଟା କରୁଥିବା ଗୋପ ବ୍ଲକର ଜଣେ ଅଙ୍ଗନବାଡ଼ି କର୍ମୀ ପଦ୍ମାବତୀ ଦେଇଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ର ଆବେଦନକୁ କାକଟପୁର ତହସିଲ ପ୍ରଶାସନ ଖାରଜ କରିଦେଇଛନ୍ତି। ଅଭିଯୋଗ ଅନୁଯାୟୀ, କଜଳପାତିଆ ଗ୍ରାମର ଗୋବିନ୍ଦ ନାୟକଙ୍କ ଝିଅ ପଦ୍ମାବତୀ ସାଡେଙ୍ଗା ଗ୍ରାମର ସ୍ୱର୍ଗତ ଗନ୍ଧର୍ବ ମହାନ୍ତିଙ୍କ ସମ୍ପତ୍ତି ଉପରେ ଦାବି କରିବା ପାଇଁ ନିଜ ମାଟ୍ରିକ ସାର୍ଟିଫିକେଟ ଓ ଭୋଟର କାର୍ଡରେ ପିତାଙ୍କ ନାମ ଏବଂ ଜନ୍ମବର୍ଷରେ ବ୍ୟାପକ ହେରଫେର କରିଥିଲେ। ଗନ୍ଧର୍ବ ମହାନ୍ତିଙ୍କ ଭାଇଙ୍କ ପୁଅ ଆଦିତ୍ୟ ମହାନ୍ତି ଏହାକୁ ବିରୋଧ କରି ସିଭିଲ କୋର୍ଟରେ ମାମଲା (ଟାଇଟଲ ସୁଟ୍ ନମ୍ବର ୮୪/ ୨୦୧୮) ରୁଜୁ କରିଥିଲେ। କାକଟପୁର ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ରଙ୍କ ସୂଚନା ଅନୁସାରେ, ମାମଲାଟି କୋର୍ଟରେ ବିଚାରାଧୀନ ଥିବାରୁ ଏହି ଆବେଦନକୁ ଖାରଜ କରାଯାଇଛି।

**LOST**

By virtue of an affidavit sworn before The Executive Magistrate, Bhubaneswar affidavit no.66 dtd.21.09.2026, I, Arun Kumar Barik S/o-Rama Chandra Barik, At-Patarasahi, College Square, Dist-Cuttack, Odisha do hereby declare that, my original migration certificate Regd. No. 1506284109 issue by BPUT, Rourkela has been misplaced somewhere else inside college campus and in spite of my best effort I was able to trace it out. If someone finds the same then please contact Pahala police station, Bhubaneswar.

**Sd/- Arun Kumar Barik**

**AFFIDAVIT**

By virtue of an affidavit sworn before The Executive Magistrate, Bhadrak affidavit no.10169 dtd.01.09.2026, I Chanchala Jena W/o-Yudhisthira Jena, At/Po-Chadheya, Ps-Bhadrak(R), Dist-Bhadrak do hereby declare that I have changed my name from Sabitri Jena to Chanchala Jena. Henceforth I shall be known as Chanchala Jena for all purposes.

**Sd/-Chanchala Jena**

**1001/173/2627**

GOVT. OF ODISHA
OFFICE OF THE EXECUTIVE ENGINEER (AGRIL.), AGRIL.ENGG. DIVISION, KATAKA
AT/PO:NAYABAZAR,DISTRICT:KATAKA-753004
Phone No. (0671)-2952638 E-mail.ID:-eeagril.Kataka@gmail.com

e-Procurement Notice :Dated 01.10.2026
Bid Identification No. EE(AGRIL.)Kataka Division-01/2026-27

The Executive Engineer (Agril.), Agril.Engg. Division, Kataka, Odisha on behalf of the Governor of Odisha, invites online percentage rate bids in single cover system from the eligible class of contractors through e-procurement in ONLINE MODE only in the website "www.tendersodisha.gov.in", for civil works/construction of buildings in the districts of Kataka and Jagatsinghpur as detailed below:

| Sl. No. | Name of the work | Approximate Estimated cost put to Tender (Excluding G.S.T)(Rs. In Lakhs) | Cost of Bid Documents (In Rs.) | EMD (1%) in (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Total 18Nos. (Eighteen Nos. of works) Construction of boundary wall, training hall, PH, Electrical works, repair, furnishingand other civil works | Vary from 1.59 Lakhs to 25.08 Lakhs | Refer DTCN 01/2026--27 | 1% Of The Amount Put To Tender (Refer DTCN-01/2026-27) | "B", "C" & "D" Class (Refer DTCN-01/2026-27 ) | 30 Days/ 60 Days/ 90 Days/ 150 Days (Refer DTCN-01/2026-27) |

1. Date & Time of availability of bid document in the portal :06.10.2026 at 10.00 A.M to 14.10.2026, 5.30 P.M
2. Last date / Time for receipt of bids in the portal :14.10.2026 up to 5.30 P.Ì
3. Date of submission of original bid documents in Tender Box:06.10.2026 at 10.00 A.M to 15.10.2026, up to 5:30P.M
4. Date & Time of opening of original Documents & Verification-16.10.2026 at 11:00 A.M
5. Date &Time of opening of Online bids: 16.10.2026 at 2:00P.M onwards.

The Bidders have to participate in ONLINE bidding only in the e- Procurement website of Govt. of Odisha:www.tendersodisha.gov.in with matching class DSC. Any addendum / corrigendum / cancellation of tender /other details of the DTCN can also be seen in the said website. Authority reserve the right to reject/accept any or all of the tenders, without assigning any reasons thereof.

Sd/- Executive Engineer (Agril)
Agril Engg. Division, Katakà

OIPR 1001/1447/1/26-27/0001

# ୧.୭୯ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୯.୨୬ କୋଟି ଟଙ୍କା ସୁଧ ଫେରସ୍ତ

ଭୁବନେଶ୍ୱର, ୬/୧୦(ନିପ୍ର): ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକୁ ଆର୍ଥିକ ଭାବେ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନ ଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ୧,୭୯,୮୦୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୯.୨୬ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ଏହି କ୍ରମରେ ବିଭିନ୍ନ ଆର୍ଥିକ ସହାୟତା ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଏବଂ ସେମାନଙ୍କ ସଂଘଗୁଡ଼ିକର କ୍ଷମତା ବୃଦ୍ଧି କରାଯାଉଛି। ଏହି ପଦକ୍ଷେପଗୁଡ଼ିକ ମହିଳାମାନଙ୍କ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗଗୁଡ଼ିକୁ ଅଧିକ ସକ୍ଷମ ଓ ସୁଦୃଢ଼ କରିବାରେ ସହାୟକ ହେବ। ଏହାଦ୍ୱାରା ରାଜ୍ୟରେ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ସୃଷ୍ଟି ହୋଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମତ ପ୍ରକାଶ କରିଛନ୍ତି। ଏଥିସହିତ, ଓଡ଼ିଶାର ସମାଜ ଓ ଅର୍ଥନୀତିର ବିକାଶରେ ନାରୀଶକ୍ତି ଆଗାମୀ ଦିନରେ ନେତୃତ୍ୱ ନେବେ ବୋଲି ସେ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟଯେ, ଚଳିତ ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସୁଧ ଫେରସ୍ତ ପାଇଁ ୫୭୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହା ପୂର୍ବରୁ ଚଳିତ ଆର୍ଥିକ ବର୍ଷରେ ଗତ ୨୪ ଜୁନ୍ ୨୦୨୬ରେ ୨,୮୮,୧୯୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୭ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଏହି ଦୁଇଟି ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ମୋଟ ୨୪୭.୦୩ କୋଟି ଟଙ୍କାର ସୁଧ ଫେରସ୍ତ କରାଯାଇଛି। ସେହିପରି, ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ବ୍ୟାଙ୍କ ଋଣ ଯୋଗାଣର ଲକ୍ଷ୍ୟ ୨୦,୦୦୦ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଋଣ ସୁବିଧା ସହ ସୁଧ ଫେରସ୍ତ ଏବଂ ବିଭିନ୍ନ ସମୁଦାୟ ପାଣ୍ଠିର ଉପଲବ୍ଧତା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କୁ ଜୀବିକା ଓ ଉଦ୍ୟୋଗ କ୍ଷେତ୍ରରେ ଆର୍ଥିକ ସମ୍ବଳ ଯୋଗାଇବା ଏହି ପଦକ୍ଷେପର ଲକ୍ଷ୍ୟ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ